
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୭ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 27 JUNE 2020

Vol.No. 30 ■ No. 160 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


# ସରକାର ବିରୁଦ୍ଧରେ ୧୨ ଦଳ ଏକାଠି

## ରାଜ୍ୟପାଳଙ୍କୁ ଦାବିପତ୍ର ଦେଲେ ପ୍ରତିନିଧି ମଣ୍ଡଳୀ




ଭୁବନେଶ୍ୱର ,୨୬।୬ (ନି.ପ୍ର): ଓଡିଶାର ୧୨ଟି ରାଜନୈତିକ ବିରୋଧି ଦଳ ଆଜି ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍ ଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କରୋନା ମହାମାରୀ ପରିଚାଳନାରେ ବିଫଳତା ଓ ବ୍ୟାପକ ଦୁର୍ନୀତି ତଥା ଜନସାଧାରଣଙ୍କର ଜୀବନ ଜୀବିକାର ଦୁର୍ବିସହ ଅବସ୍ଥାକୁ ନେଇ ସେମାନଙ୍କର ପ୍ରତିବାଦ ଜଣାଇଛନ୍ତି। ୧୧ ଟି ଦଳର ନେତୃବୃନ୍ଦ ଓ କର୍ମୀମାନେ ଏକାଠି ହୋଇ ଏହି ପ୍ରତିବାଦ କରିବା ସହିତ ଏକ ପ୍ରତିନିଧି ଦଳ ମାନ୍ୟବର ରାଜ୍ୟପାଳଙ୍କୁ ଭେଟି ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିନିଧି ଦଳରେ ସର୍ବଶ୍ରୀ ସପ୍ତଗିରି ଉଲାକା, ଆଶିଷ କାନୁନ୍‌ଗୋ, ଅଲିକିଶୋର ପଟ୍ଟନାୟକ, ଯୁଧିଷ୍ଠିର ମହାପାତ୍ର, ନିଶିକାନ୍ତ ମହାପାତ୍ର, ସୁଦର୍ଶନ ପ୍ରଧାନ, ଶିବରାମ, ଜ୍ୟୋତିରଂଜନ ମହାପାତ୍ର, ହେମନ୍ତ କୁମାର, ସୁରେଶ ପାଣିଗ୍ରାହୀ, ସୁଦର୍ଶନ ଦାସ ପ୍ରମୁଖ ରାଜ୍ୟପାଳଙ୍କୁ ଦାବି ପତ୍ର ଦେବା ସହିତ ଦାବିଗୁଡିକ ବିଷୟରେ ସବିଶେଷ ଆଲୋଚନା କରିଥିଲେ। କରୋନା ମୁକାବିଲା କରିବା କ୍ଷେତ୍ରରେ କୋଭିଡ୍ ଟେଷ୍ଟିଂ ଖୁବ୍ ଗୁରୁତ୍ୱ ବହନ କରୁଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ନଦେବା ଦୁର୍ଭାଗ୍ୟର ବିଷୟ। ଓଡିଶାର ମୁଖ୍ୟମନ୍ତ୍ରୀ ଦିନକୁ ୧୫ ହଜାର କୋଭିଡ୍ ଟେଷ୍ଟିଂ କରିବାର ଘୋଷଣା କରି ସେଥିରୁ ଓହରି ଯିବା ଏବଂ ପ୍ରବାସୀ ଶ୍ରମିକମାନଙ୍କୁ କୋଭିଡ୍ ଟେଷ୍ଟିଂ ନକରି ଘରକୁ ପଠାଇ ଦେବା ମହାମାରୀ ସଂକ୍ରମଣକୁ ବଢାଇ ଚାଲିଛି। କ୍ୱାରେନ୍‌ଟାଇନ୍ ଅବଧି ପରେ ପ୍ରବାସୀ ଶ୍ରମିକମାନଙ୍କୁ ୨ ହଜାର ଟଙ୍କା ଲେଖାଏଁ ସହାୟତା ଦେବାର ଘୋଷଣା କରି ସରକାର ସେଥିରୁ ପଛଘୁଂଚା ଦେଉଛନ୍ତି। ଓଡିଶା ଔଷଧ ନଗମରେ ଜିନିଷପତ୍ର କିଣାରେ ବ୍ୟାପକ ଦୁର୍ନୀତି ଏବଂ କେଳେଙ୍କାରୀ ଦେଖାଦେବା ଅତ୍ୟନ୍ତ ନିନ୍ଦନୀୟ। ଛୋଟ ବ୍ୟବସାୟୀ, ଉଠା ଦୋକାନୀ, ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକ, କଳାକାର ଇତ୍ୟାଦିଙ୍କର ଜୀବିକା ତାଲା ବନ୍ଦ ଯୋଗୁଁ ଠପ୍ ହୋଇଯାଇଛି କହିଲେ ଚଳେ। ପ୍ରତିନିଧି ଦଳ ଉପରୋକ୍ତ ସମସ୍ୟାଗୁଡିକ ଉପରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ୧୭ ଦଫା ଦାବି ପୂରଣ ନିମନ୍ତେ ବିହୀତ ପଦକ୍ଷେପ ନେବା ପାଇଁ ରାଜ୍ୟପାଳଙ୍କୁ ଅନୁରୋଧ କରିଥିଲେ। ସେଗୁଡିକ ଭିତରୁ ପ୍ରମୁଖ ଦାବିଗୁଡିକ ହେଉଛି ଆୟକର ଦେଉ ନଥିବା ଓଡିଶାର ସମସ୍ତ ପରିବାରକୁ ମାସିକ ୭୫୦୦ ଟଙ୍କା ଲେଖାଏଁ ୬ ମାସ ପାଇଁ ସିଧାସଳଖ ଆର୍ଥିକ ▶▶ପୃଷ୍ଠା ୭

## ଏଣିକି ହଟ୍ ସ୍ପଟ୍ ଜିଲ୍ଲାରୁ ଫେରିଲେ ସରକାରୀ କ୍ୱାରେନ୍‌ଟାଇନରେ ରହିବା ପାଇଁ ବାଧ୍ୟତାମୂଳକ

ଭୁବନେଶ୍ୱର,୨୬।୬ (ନି.ପ୍ର): ଏଣିକି ହଟ୍ ସ୍ପଟ୍ ଜିଲ୍ଲାରୁ ଭୁବନେଶ୍ୱର ବସ୍ତି ଅଂଚଳ ଆସିଲେ ସରକାରୀ କ୍ୱାରେନ୍‌ଟାଇନରେ ରହିବା ପାଇଁ ବାଧ୍ୟତାମୂଳକ ବୋଲି ବିଏମସି କମିଶନର ପ୍ରେମଚାନ୍ଦ ଚୌଧୁରୀ ଟ୍ୱିଟ୍ ମାଧ୍ୟମରେ ପ୍ରକାଶ କରିଛନ୍ତି। ଏହି ହଟସ୍ପଟ ଜିଲ୍ଲା ଗୁଡ଼ିକ ହେଲା ଗଂଜାମ, ଗଜପତି, କଟକ, ବାଲେଶ୍ୱର, ଓ ଯାଜପୁର । ସମ୍ପୃକ୍ତ ଜିଲ୍ଲା ମାନଙ୍କରୁ ଆସୁଥିବା ଲୋକମାନଙ୍କୁ ସ୍ଲମ୍ ସର୍ଭେଲାନ୍ସ ଟିମ୍ ଧରିବ ଏବଂ କ୍ୱାରେନଟାଇନକୁ ପଠାଇବ । ରାଜଧାନୀରେ ସଂକ୍ରମଣ ସଂଖ୍ୟା ଅଧିକ ବୃଦ୍ଧି ପାଉଥିବାରୁ ଏହି ପଦକ୍ଷେପ ନିଆଯାଇଛି । ରାଜଧାନୀ ଭୁବନେଶ୍ୱରରେ ଆଜି ୧୬ଟି ପଜେଟିଭ୍ ବାହାରିଛି। ସେଥିମଧ୍ୟରୁ ୨ ଜଣ ହୋମ୍ କ୍ୱାରେନ୍‌ଟାଇନ ଓ ୧୪ ଜଣ ଲୋକାଲ କେସ୍ । ଘରୋଇ ହସ୍ପିଟାଲରୁ ୩୯ ଜଣ ଆକ୍ରାନ୍ତ ହୋଇଛନ୍ତି। ଆଜି ହସ୍ପିଟାଲ ଓ ନର୍ସିଂ ହୋମକୁ ରେଡ୍ କରାଯାଇଥିଲା। ଡୁମୁଡୁମାରେ ଥିବା ସୁବାସ ନଗରରୁ ପଜେଟିଭ କେସ୍ ବାହାରି ନାହିଁ। କାରଣ ସେଠାରେ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଥିଲା।

## ଶୁକ୍ରବାର ଦିନ ଆଉ ୧୩୧ ଜଣ କରୋନା ରୋଗୀ ହେଲେ ସୁସ୍ଥ

ଭୁବନେଶ୍ୱର,୨୬।୬ (ନି.ପ୍ର): ଶୁକ୍ରବାର ଦିନ ରାଜ୍ୟର ୧୪ ଟି ଜିଲ୍ଲାର ଆଉ ୧୩୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଥିବା ନେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟ୍ୱିଟ କରି ସୂଚନା ଦିଆଯାଇଛି। ଏହା ସହ ରାଜ୍ୟରେ ସୁସ୍ଥ ହୋଇଥିବା ମୋଟ କରୋନା ରୋଗୀଙ୍କ ସଂଖ୍ୟା ୪୪୨୨ରେ ପହଂଚିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରୁ ଆଜି ସର୍ବାଧିକ ୪୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ପୁରୀ ଜିଲ୍ଲାରୁ ୨୮ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୨୧ ଜଣ, କନ୍ଧମାଳ ଜିଲ୍ଲାରୁ ୧୨ ଜଣ, ଜଗତ୍‌ସିଂହପୁର ଜିଲ୍ଲାରୁ ୭ ଜଣ, ନବରଙ୍ଗପୁର ଜିଲ୍ଲାରୁ ୬ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୫ ଜଣ, ବାଲେଶ୍ୱର ଓ କଟକ ଜିଲ୍ଲାରୁ ୨-୨ ଜଣ, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରୁ ଜଣେ ଲେଖାଏଁ କରୋନା ସଂକ୍ରମିତ ବ୍ୟକ୍ତି ସୁସ୍ଥ ହୋଇଛନ୍ତି।

## ସମସ୍ତ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି - ଆଗକୁ ଚଳାଚଳ କରିବ

ଭୁବନେଶ୍ୱର,୨୬।୬ (ନି.ପ୍ର): ମଇ ମାସ ୧୨ ତାରିଖ ଓ ଜୁନ ମାସ ପହିଲା ଠାରୁ ସ୍ୱତନ୍ତ୍ର ମାର୍ଗ ସହ ସ୍ୱତନ୍ତ୍ର ସମୟ ସାରଣୀ ଦ୍ୱାରା ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ ଗୁଡିକ ଚଳାଚଳ କରୁଛି ଏବଂ ପରବର୍ତ୍ତି ଆଦେଶ ପର୍ଯ୍ୟନ୍ତ ଆଗକୁ ଏହା ଚଳାଚଳ କରିବ ଓ ଲକ ଡାଉନ ପରେ ଏହି ଟ୍ରେନ ଗୁଡିକରେ ଯେଉଁ ମାନେ ଟିକେଟ ବୁକ କରିଛନ୍ତି ତାହା ବୈଧ ରହିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି । ବିଜ୍ଞପ୍ତିରେ କୁହାଯାଇଛି ଯେ ଜୁନ ମାସ ୩୦ ତାରିଖ ପର୍ଯ୍ୟନ୍ତ ପୂର୍ବରୁ ବାତିଲ ହୋଇଥିବା ନିୟମିତ ମେଲ/ଏକ୍ସପ୍ରେସ, ପ୍ରିମିୟମ, ଇଣ୍ଟର ସିଟି, ଲୋକାଲ ପାସେଞ୍ଜର ଓ ମେମୁ ଟ୍ରେନ ଗୁଡିକର ସେବା କୁ ପୁନର୍ବାର ଅଗଷ୍ଟ ମାସ ୧୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ଓ ଅଗଷ୍ଟ ମାସ ୧୨ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଥିବା ନିୟମିତ ଟ୍ରେନ ଗୁଡିକର ଟିକେଟ ଦେୟ ନିୟମାନୁସାରେ ସମ୍ପୂର୍ଣ୍ଣ ଭାବେ ଫେରସ୍ତ କରାଯିବ ଓ ଏହି ସମୟ ପର୍ଯ୍ୟନ୍ତ କୋଭିଡ-୧୯ ଲକ ଡାଉନ ଯୋଗୁଁ ବାତିଲ ହୋଇଥବା ଟ୍ରେନ ଗୁଡିକର ଟିକେଟ ବାତିଲ ହୋଇଯିବ ଓ ରେଳବାଇ ଦ୍ୱାରା ଏହି ବାତିଲ ଟିକେଟ ଗୁଡିକର ଦେୟ ସମ୍ପୂର୍ଣ୍ଣ ଭାବେ ଫେରସ୍ତ କରାଯିବ ବୋଲି କୁହା ଯାଇଛି ।

## ଆଉ ୨୧୮ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୬୧୮୦କୁ ବୃଦ୍ଧି




ଭୁବନେଶ୍ୱର,୨୬।୬ (ନି.ପ୍ର): ରାଜ୍ୟରେ ଆଜି ଆଉ ୨୧୮ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୬୧୮୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା ୨୧୮ ଜଣଙ୍କ ମଧ୍ୟରୁ ୧୯୮ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୨୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ଏନଡିଆରଏଫର ୭ ଜଣ ଜବାନ ମଧ୍ୟ ଆକ୍ରାନ୍ତ ହୋଇଥିବା ଜଣା ପଡିଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ସବୁଠାରୁ ଅଧିକ ୪୯ ଟି ନୂଆ ମାମଲା ସାମନାକୁ ଆସିଛି । ଖୋର୍ଦ୍ଧା ଜିଲ୍ଲାରେ ୧୭ ଜଣ, ନବରଙ୍ଗପୁର ଜିଲ୍ଲାରେ ଜଣେ, ଅନୁଗୁଳ ଜିଲ୍ଲାରେ ଜଣେ ତଥା କଟକ ଜିଲ୍ଲାରେ ୫ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଜଗତସିଂହପୁର ଜିଲ୍ଲାରେ ୨୯ ଜଣ, ▶▶ପୃଷ୍ଠା ୭

## ସ୍ନିଗ୍ଧାରାଣୀ ସୁନାଙ୍କୁ ନୂତନ ଆଇଆଇସି ଭାବେ ନିଯୁକ୍ତି

ଭୁବନେଶ୍ୱର,୨୬।୬ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ପୋଲିସ ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ମାଝୀଙ୍କୁ ନିଲମ୍ବିତ କରିବା ପରେ ତାଙ୍କ ଜାଗାରେ ସ୍ନିଗ୍ଧାରାଣୀ ସୁନାଙ୍କୁ ନିଯୁକ୍ତି ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ନାବାଳିକା ଦୁଷ୍କର୍ମ ଘଟଣା ଏବଂ ବେଆଇନ ଗର୍ଭପାତ କରିଥିବା ଅଭିଯୋଗରେ ଶ୍ରୀ ମାଝୀଙ୍କୁ ସସ୍‌ପେଣ୍ଡ କରାଯାଇଥିଲା ।

## ଝାରସୁଗୁଡ଼ାରେ ହୃଦରୋଗ ଚିକିତ୍ସା ହସ୍ପିଟାଲକୁ ନେଇ ସମୀକ୍ଷା

ଭୁବନେଶ୍ୱର,୨୬।୬ (ନି.ପ୍ର): ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଆଜି ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଝାରସୁଗୁଡ଼ାରେ ନିର୍ମିତ ହେବାକୁ ଥିବା ହୃଦରୋଗ ଚିକିତ୍ସା ହସ୍ପିଟାଲ ନେଇ ସମୀକ୍ଷା କରିଛନ୍ତି । ୫ ଏକରରୁ ଉର୍ଦ୍ଧ୍ୱ ଜମି ଉପରେ ନିର୍ମିତ ହେବାକୁ ଥିବା ଏହି ହସ୍ପିଟାଲ ପାଇଁ ୭୫କୋଟି ଟଙ୍କା ବ୍ୟୟ କରାଯିବ ଏବଂ ଏହା ମାର୍ଚ୍ଚ ୨୦୨୧ ସୁଦ୍ଧା ସମ୍ପୂର୍ଣ୍ଣ ହେବ । କେୟାର ହସ୍ପିଟାଲର ସହଭାଗିତାରେ ହେବାକୁ ଥିବା ଏହି ହସ୍ପିଟାଲ ପାଇଁ ମହାନଦୀ କୋଲ୍ ଫିଲଡ଼ ଲିମିଟେଡ଼ ଆର୍ଥିକ ସହଯୋଗ କରିବେ ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅଭିଜ୍ଞତା କୋଭିଡ ନିୟନ୍ତ୍ରଣରେ ମଧ ଉପାଦେୟ ହୋଇଛି: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୨୬।୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିରେ ଅଧ୍ୟକ୍ଷତା କରି ଆଗୁଆ ପ୍ରସ୍ତୁତି, ଦ୍ରୁତ ଉଦ୍ଧାର ଓ ପୁନର୍ଗଠନ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଭିନ୍ନ ବିପର୍ଯ୍ୟୟରେ ଯୋଗୁ ଜନସାଧାରଣଙ୍କ ଉପରକୁ ଆସୁଥିବା ବିପଦକୁ କମ୍ କରିବା ପାଇଁ ରାଜ୍ୟ ସରକାର ଅନେକ ଫଳପ୍ରଦ ପଦକ୍ଷେପ ଗ୍ରହଣ କରିଆସିଛନ୍ତି । ଆମର ପ୍ରସ୍ତୁତି ଗତିଶୀଳ, ସାମଗ୍ରିକ ଏବଂ ଭାଗିଦାରୀ ମୂଳକ ହେବା ଉଚିତ। ସେ କହିଥିଲେ ଯେ ଆଗୁଆ ପ୍ରସ୍ତୁତି, ଦ୍ରୁତ ଉଦ୍ଧାର ଏବଂ ପୁନର୍ଗଠନ ପାଇଁ ବିଭିନ୍ନ ପଦକ୍ଷେପ ସହିତ ଦୀର୍ଘକାଳୀନ ମୁକାବିଲା କାର୍ଯ୍ୟକ୍ରମ ହେଉଛି ଆମର ବିପର୍ଯ୍ୟୟ ପରିଚାଳନା ଦୃଷ୍ଟିଭଙ୍ଗୀର ମୂଳନୀତି । ରାଜ୍ୟ ପ୍ରଶାସନକୁ ଅଭିଜ୍ଞତା ପ୍ରସ୍ତୁତ ଏସଓପି ପାଳନ ସହ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଗୋଷ୍ଠୀଭିତିକ ପ୍ରସ୍ତୁତି କାର୍ଯ୍ୟକ୍ରମକୁ ସଂସ୍ଥାଗତ ଢାଂଚା ପ୍ରଦାନ କରିବାରେ ଓଡିଶା ସର୍ବାଗ୍ରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଗୋଷ୍ଠୀଭିତିକ ପରିଚାଳନାରେ ଆମର ଅଭିଜ୍ଞତା କୋଭିଡ ପରିଚାଳନାରେ ମଧ ବହୁ ପରିମାଣରେ ଉପାଦେୟ ହୋଇପାରିଛି ବୋଲି ସେ କହିଥିଲେ। ▶▶ପୃଷ୍ଠା ୭

## ତୈଳ ଦର ବୃଦ୍ଧି ପ୍ରତିବାଦରେ ଯୁବ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର ,୨୬।୬ (ନି.ପ୍ର): ଲଗାତର ଭାବେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ଓଡିଶା ପ୍ରଦେଶ ଯୁବ କଂଗ୍ରେସର ନବନିଯୁକ୍ତ ସଭାପତି ଡ. ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ମାଷ୍ଟର କ୍ୟାଂଟିନ୍ ଛକଠାରେ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାୟୀ କରି ପ୍ରଦେଶ ଯୁବ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତଳିକା ଦାହ କରିବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ। ଆଗାମୀ ଦିନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯଦି ପେଟ୍ରୋଲ ଓ ଡିଜେଲ ଦର ନକମାନ୍ତି ଆଗାମୀ ଦିନରେ ଯୁବ କଂଗ୍ରେସ ସମସ୍ତ ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ଚେତାବନୀ ଦେଇଛି ।

## ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୪୭୩୩ କରୋନା ପରୀକ୍ଷଣ

ଭୁବନେଶ୍ୱର,୨୬।୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୪୭୩୩ କରୋନା ପରୀକ୍ଷଣ ହୋଇଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୨୪୪୫୮୮ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ଅଣସଂଗଠିତ ଶ୍ରମିକ ମାନଙ୍କୁ ସରକାର ତୁରନ୍ତ ସାହାଯ୍ୟ କରିବାକୁ ଦାବି

ଭୁବନେଶ୍ୱର,୨୬।୬ (ନି.ପ୍ର): ମହାମାରୀ କରୋନାର ତାଡନା, ସଟ୍‌ଡାଉନ୍ ଓ ଲକ୍‌ଡାଉନ୍ ଅଣସଂଗଠିତ ଶ୍ରମିକ ମାନଙ୍କୁ ଅଣନିଶ୍ୱାସୀ କରିସାରିଲାଣି । ଜୀବନଜୀବିକା ପାଇଁ ବଂଚିବାର ରାହା ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି। ସରକାର ଏ ଦିଗରେ ବିଧିବଦ୍ଧ ବ୍ୟବସ୍ଥା ପାଇଁ ଅଣସଂଗଠିତ ଶ୍ରମିକ ମଂଚ, ଓଡିଶା କେତେକ ଦାବୀ ସରକାରଙ୍କ ନିକଟରେ ଅବଗତି କରୁଅଛି ଯେ- ନିର୍ମାଣ ଶ୍ରମିକ, ଘରୋଇ ମହିଳା ଶ୍ରମିକ ଓ କ୍ଷୁଦ୍ର ବ୍ୟବସାୟୀ ମାନଙ୍କୁ ଛଅମାସ ପର୍ଯ୍ୟନ୍ତ ମାସିକ ୧୫ କେଜି ଚାଉଳ ଓ ୧୫ କେଜି ଅଟା ମାଗଣାରେ ଯୋଗାଇ ଦେବା ସହ ମାସିକ ୬ ହଜାର ଟଙ୍କା ରାଶି ଅନ୍ୟୁନ ୩ ମାସ ପର୍ଯ୍ୟନ୍ତ ସରକାର ପ୍ରଦାନ କରନ୍ତୁ । ପ୍ରତ୍ୟେକ ଶ୍ରମିକ ପେଣ୍ଠସ୍ଥଳୀରେ କୋଭିଡ-୧୯ ପାଳନ ସହ ଆବଶ୍ୟକୀୟ ବ୍ୟବସ୍ଥା, ଚାଲି ଚାଲି ଆସିଲା ବେଳେ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କୁ କୋଭିଡ ଯୋଦ୍ଧା ଭାବରେ ଘୋଷଣା ସହ ସେମାନଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ସହାୟତା ରାଶି ଯୋଗାଇ ଦେବା ଓ ସମସ୍ତ ଶ୍ରମିକ କିଭଳି ଭଲରେ ଜୀବନଧାରଣ କରିବେ ସରକାର ସେଥିପ୍ରତି ଦୃଷ୍ଟି ନିକ୍ଷେପ କରନ୍ତୁ।

### ପଶ୍ଚିମବଙ୍ଗ ଜନସମ୍ବାଦ ଭର୍ଚୁଆଲ ରାଲି

## ମୋଦି ସରକାରଙ୍କ ନିର୍ଣ୍ଣାୟକ ନେତୃତ୍ୱ ଦେଶକୁ ନୂଆ ଶିଖରକୁ ନେବ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୬।୬ (ନି.ପ୍ର): ମୋଦି ସରକାରଙ୍କ ନିର୍ଣ୍ଣାୟକ ନେତୃତ୍ୱ ଦେଶକୁ ନୂତନ ଶିଖରକୁ ନେବ ବୋଲି ପଶ୍ଚିମବଙ୍ଗ ଜନସମ୍ବାଦ ଭର୍ଚୁଆଲ ରାଲିରେ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ଯୋଗେ ସାମିଲ ହୋଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସବକି ସାଥ୍, ସବକି ବିକାଶ ଓ ସବକି ବିଶ୍ୱାସର ମନ୍ତ୍ର ନେଇ ମୋଦି ସରକାର କାମ କରୁଛନ୍ତି । ଦେଶର ଗରିବ, ମହିଳା, ଯୁବକ, କୃଷକ ମୋଦିଙ୍କ କଲ୍ୟାଣକାରୀ ଯୋଜନାର ଲାଭାର୍ଥୀ ହୋଇ ପାରିଛନ୍ତି । ଗରିବଙ୍କୁ ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଆବାସରେ ଘର, ଉଜ୍ଜଳା ଯୋଜନାରେ ଗ୍ୟାସ ପହଁଚାଯାଇଛି । ଗରିବଙ୍କ କଲ୍ୟାଣ କରିବା ମୋଦି ସରକାରଙ୍କ ପ୍ରାଥମିକତା ବୋଲି ସେ କହିଛନ୍ତି । ଏହି କାରଣରୁ ପଶ୍ଚିମବଙ୍ଗରେ ମୋଦିଙ୍କ ଲୋକପ୍ରିୟତା ବଢିଛି ବୋଲି ସେ କହିଛନ୍ତି । ଦେଶବାସୀଙ୍କୁ ପାଇଁ କରୋନା ଭଳି କଠିନ ସମୟରେ ପ୍ରଧାନମନ୍ତ୍ରୀ ଗରିବ ▶▶ପୃଷ୍ଠା ୭



# ଶ୍ରୀମନ୍ଦିର ଗର୍ଭଗୃହକୁ ଯାଂଚ୍ କଲେ ଏଏସଆଇର ବୈଷୟିକ ଟିମ୍

ପୁରୀ,୨୬/୬(ହି.ସ.): ଆଜି ଶ୍ରୀମନ୍ଦିର ଗର୍ଭଗୃହକୁ ଯାଂଚ୍ କରିଛନ୍ତି ଏଏସଆଇର ବୈଷୟିକ ଟିମ୍ । ଏଏସଆଇ ବୈଷୟିକ ଟିମ୍ ର ମୁଖ୍ୟ ଏନ.ସି. ପାଲ୍ ଏହି ସୂଚନା ଦେଇଛନ୍ତି । ପ୍ରତିବର୍ଷ ଚତୁର୍ଦ୍ଧାମୂର୍ତି ରତ୍ନସିଂହାସନ ଛାଡି ଜନ୍ମବେଦିକୁ ଯାତ୍ରା କରିବା ପରେ ଗର୍ଭଗୃହ ଖାଲି ପଡିଥାଏ । ବର୍ଷକର କେବେଳ ଏହି ସମୟରେ ଗର୍ଭଗୃହ ଯାଂଚ୍ କରାଯାଇଥାଏ । ଗର୍ଭଗୃହରୁ ପାଣି ଗଳୁଛି କି ନାହିଁ । ପଥର ଯୋଡେଇ ଠିକ୍ ଅଛି କି ନାହିଁ । ବିମ୍ ର ଭାରା ସଠିକ୍ ଭାବେ ରହିଛି କି ନାହିଁ । ଏ ସମ୍ପର୍କରେ ଟିମ୍ ଯାଂଚ୍ କରିଥାଏ । ତେବେ ଏଥର ବାହାର ରାଜ୍ୟର ବୈଷୟିକ ଟିମ୍ ଆସବେ ନାହିଁ । ରାଜ୍ୟରେ ଥିବା ବିଭିନ୍ନ ବିଭାଗର ବୈଷୟିକ ଟିମ୍ ଯାଂଚ୍ କରିବେ । ବିଭିନ୍ନ ସମୟରେ ଗର୍ଭଗୃହରୁ ବାଷ୍ପ ନିଷ୍କାସନ, ଶୀତଳୀକରଣ, ପଥରର ସ୍ଥାୟୀତ୍ୱ ଯାଂଚ୍ ଆଦି ଯାଂଚ୍ କରାଯାଇଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ପଥର ସହ ପଥରର ସଂଯୋଗ ସ୍ଥଳରେ କିପରି ପାଣି ପଶିବ ନାହିଁ ସେ ସମ୍ପର୍କରେ ମୁଖ୍ୟତଃ ଯାଂଚ୍ କରାଯିବ ବୋଲି ସୂଚନା ମିଳିଛି । ସେହିପରି ଗର୍ଭ ଗୃହରୁ କିପରି ଧୂଆଁ ନିଷ୍କାସନ ହେବ ସେ ସମ୍ପର୍କରେ ମଧ ଯାଂଚ୍ କରାଯିବ ।

# କନ୍ଧମାଳରେ ବଢିଚାଲିଛି ସଂକ୍ରମଣ ଘରଘର ବୁଲି ହେଉଛି ଯାଂଚ

କନ୍ଧମାଳ,୨୬/୬(ହି.ସ.): କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ କରୋନା ସଂକ୍ରମଣ ବଢିଚାଲିବା ଫଳରେ ଏହାକୁ ରୋକିବା ପାଇଁ ପ୍ରଶାସନ ଯୋରଦାର ଉଦ୍ୟମ କରୁଛି । ଏବେ ଘରକୁ ଘର ବୁଲି କରୋନା ଖୋଜା ଚାଲିଛି । ଗତ ଏକ ସପ୍ତାହ ମଧ୍ୟରେ ପ୍ରାୟ ୨୦ ହଜାର ଘର ସର୍ଭେ ସରିଲାଣି । ଏଥିପାଇଁ ୩ ହଜାର ୩୮୦ କର୍ମଚାରୀଙ୍କୁ ନିୟୋଜିତ କରିଛି ଜିଲ୍ଲା ପ୍ରଶାସନ । କରୋନା ପଜିଟିଭ ନେଇ କିଛି ସୁରାକ୍ ମିଳିଲେ ସେମାନଙ୍କୁ ହୋମ୍ କ୍ୱାରେଣ୍ଟାଇନ୍ ରହିବାକୁ ପରାମର୍ଶ ଦିଆଯିବ । ଆଉ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ । ଆଉ ପଜିଟିଭ ରିପୋର୍ଟ ଆସିଲେ କୋଭିଡ ହସ୍ପିଟାଲ ପଠାଯାଇ ଚିକିତ୍ସା କରାଯିବ । କେବଳ କରୋନା ନୁହେଁ ଯକ୍ଷ୍ମା, ମ୍ୟାଲେରିଆ, ଡେଙ୍ଗୁ ସମେତ ଅନେକ ରୋଗ ନେଇ ଯାଂଚ କରାଯାଉଛି । ଏହି କାର୍ଯ୍ୟରେ ବର୍ତମାନ ୧ ହଜାର ୫୦୨ ଜଣ ଅଙ୍ଗନବାଡି, ୧ ହଜାର ୫୧୮ ଆଶା, ୧୭୮ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ୯୧ ଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଅଛନ୍ତି । ବର୍ତମାନ ସୁଦ୍ଧା ୧୧ ଜଣ ସନ୍ଦିଗ୍ଧଙ୍କୁ ହୋମ୍ କ୍ୱାରେଣ୍ଟାଇନ୍‌ରେ ରଖାଯିବା ସହ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ । ଏହି ସର୍ଭେ ପ୍ରାୟ ଦେଢମାସ ଧରି ଚାଲିବ । ବର୍ତମାନ ଜିଲ୍ଲାରେ ଗୋଟିଏ ସପ୍ତାହ ସରିଥିବା ବେଳେ ଆଉ ୫ ସପ୍ତାହ ଚାଲିବ ବୋଲି ଜଣାପଡିଛି । ଜିଲ୍ଲାରେ କରୋନା ପଜିଟିଭ ସଂଖ୍ୟା ୧୭୬ରେ ପଂହଚିଲାଣି । ଆଗକୁ ଆହୁରି ବଢିବା ନେଇ ସମ୍ଭାବନା ରହିଛି । ଜିଲ୍ଲାକୁ ବର୍ତମାନ ସୁଦ୍ଧା ୧୧ ହଜାର ପ୍ରବାସୀ ଓଡିଆ ଫେରିଛନ୍ତି । ଆଉ ୧୫ରୁ ୨୦ ହଜାର ପ୍ରବାସୀ ଫେରିବାର ସମ୍ଭାବନା ରହିଛି । ଜିଲ୍ଲାକୁ ଫେରିଥିବା ୧୦,୨୬୯ ଜଣଙ୍କ ମଧ୍ୟରୁ ୭,୩୫୦ ଜଣ କ୍ୱାରେଂଟାଇନ ଅବଧି ସାରି ଘରକୁ ଫେରିଥିବା ବେଳେ ୨୯୧୯ ଜଣ କ୍ୱାରେଣ୍ଟାଇନ୍ ସେଣ୍ଟରରେ ଅଛନ୍ତି । ବର୍ତମାନ ସୁଦ୍ଧା ଚିହ୍ନଟ ହୋଇଥିବା ୧୭୬ ଜଣ କରୋନା ପଜିଟିଭଙ୍କ ମଧ୍ୟରୁ ୧୪୫ ଜଣ ସୁସ୍ଥ ହୋଇଥିବା ବେଳେ ୩୧ ଜଣ ରୋଗୀ କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

## ପୂର୍ବତନ ବିଧାୟକଙ୍କ ସଂଗରୋଧ କେନ୍ଦ୍ର ଗସ୍ତ

କେନ୍ଦ୍ରାପଡ଼ା,୨୬/୬(ହି.ସ.): କେନ୍ଦ୍ରାପଡା ର ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ ଏହି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧୋୟା ଅଂଚଳରେ ଥିବା ବିଭିନ୍ନ ସଂଗରୋଧ କେନ୍ଦ୍ର ଗସ୍ତ କରି ଅନ୍ତେବାସୀ ପ୍ରବାସୀ ମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଧୋୟା ଅଂଚଳର ବଲୁରିଆ, ଅମୃତମଣୋଇ ପ୍ରଭୃତି ପଂଚାୟତର ସଂଗରୋଧ କେନ୍ଦ୍ର ବୁଲି ଦେଖି ଥିବାର ସୂଚନା ଦେଇଛନ୍ତି । ତେବେ ପ୍ରବାସୀ ମାନେ ସେମାଙ୍କ ବିଭିନ୍ନ ସମସ୍ୟା କହିବା ସହ ସମସ୍ତ ଅନ୍ତେବାସୀ ମାନଙ୍କର କରୋନା ଟେଷ୍ଟ କରିବା ପାଇଁ ଦାବି କରିଛନ୍ତି । ବିଧାୟକଙ୍କ ଏହି ଗସ୍ତ ସମୟରେ ତାଙ୍କ ସହ ବଲୁରିଆ ପଂଚାୟତର ସରପଂଚ ରତୀକାନ୍ତ ସାହାଣୀ, ଜିଲ୍ଲା କୃଷକ ସଭାପତି ସୌମେନ୍ଦ୍ର ଦାସ, ନିରଞ୍ଜନ ପଟ୍ଟନାୟକ, ଗୌତମ ସ୍ୱାଇଁ, ଅନନ୍ତ ତରାଇ, ସତ୍ୟଜିତ ମଲ୍ଲିକ ଓ ଅକ୍ଷୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷଙ୍କ ନୀଲୀଗୁଡ଼ା ଗ୍ରସ୍ତ

ମାଲକାନଗିରି -୨୫ ଜୁନ (ହି.ସ)ପଡିଆ ବ୍ଲକ ର ଦୁର୍ଗମ ମାଟେରୁ ଓ ନିଲିଗୁଡା ପଂଚାୟତର ବିଭିନ୍ନ ଗ୍ରାମକୁ ମାଲାକନଗିରି ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ର ଅଧକ୍ଷ ମାନସ ମାଡକାମି ଗ୍ରସ୍ତ କରି ଉନ୍ନୟନ ମୂଳକ କାମକୁ ବୁଲି ଦେଖିଥିଲେ । ସ୍ୱତନ୍ତ୍ର ବିକାଶ ପରିଷଦ ଅନ୍ତର୍ଗତ ୨୦୧୭-୧୮ ଓ ୧୮-୧୯ ବର୍ଷରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାମ ସମ୍ପୂର୍ଣ୍ଣ ହୋଇଛି କି ନାହିଁ, ସମ୍ପୂର୍ଣ୍ଣ ହୋଇଥିବା କାମ ଲୋକଙ୍କୁ ହସ୍ତାନ୍ତର ହୋଇଛି କି ନାହିଁ, ଲୋକ ଉପଯୁକ୍ତ ପାରିଶ୍ରମିକ ପାଉଥିବା ନେଇ ପଚାରି ବୁଝିବା ସହ ଆବଶ୍ୟକ ସ୍ଥଳେ ବିଭାଗୀୟ ଯନ୍ତ୍ରି ଙ୍କୁ ଦୃଷ୍ଟି ଦେବାକୁ କହିଥିଲେ । ନୀଲିଗୁଡା ର କମାରଗୁଡା, ମାଟେରୁ ପଂଚାୟତ ସଦର ରେ ଥିବା ସାଂସ୍କୃତିକ ଗୃହ ଗୁଡିକୁ ବୁଲି ଦେଖିବା ସହ ଆଗାମୀ ଦିନରେ ଏଗୁଡିକ ସୋସାଇଟି ଭାବେ ରେଜିଷ୍ଟ୍ରେସନ କରି ଉନ୍ନୟନ ମୂଳକ କାମ କରାଯିବା ର ଯୋଜନା କରାଯିବ ବୋଲି କହିଥିଲେ । ଏଥି ସହ ପରଶନପଲ୍ଲୀ - କମାରଗୁଡା ମୁଖ୍ୟ ରାସ୍ତାରେ ଥିବା ପୋଲ ଅପେକ୍ଷାକୃତ କମ ଓସାର ଥିବା, ମାଟେରୁ ଓ ନିଲିଗୁଡା ଅଞ୍ଚଳରେ ପାଇଖାନା ଗୁଡିକ ଅନୁପଯୋଗୀ ହୋଇପଡିବା ନେଇ ଅଭିଯୋଗ କରିଛନ୍ତି । ଏରାଲଗୁଣ୍ଡି ରାସ୍ତା ଉପରେ ପାଇପ ପୋତା ଯାଇଥିବା କୁ ବିରୋଧ କରି ଗ୍ରାମବାସୀ ସ୍ୱତନ୍ତ୍ର ବିକାଶ ପରିଷଦ ର ଅଧକ୍ଷ ଙ୍କୁ ଜଣାଇଥିଲେ । ସ୍ଥାନୀୟ ଅଂଚଳରେ ଲୋକଙ୍କୁ ଦିଆଯାଇଥିବା ମଶାରୀ ବ୍ୟବହାର କରୁନଥିବାରୁ, ମଶାରୀ ବ୍ୟବହାର ନେଇ ପ୍ରଶାସନ ପକ୍ଷରୁ ସଚେତନତା ସୃଷ୍ଟି ପାଇଁ ଶ୍ରୀ ମାଡକାମି କହିଥିଲେ । ଏଥିସହ ମନରେଗା କାମ କୁ ସଠିକ ଭାବେ କରାଇବା ସହ ସ୍ଥାନୀୟ ଲୋକଙ୍କ ମଧ୍ୟରେ ରୋଜଗାର ସୃଷ୍ଟି କରିବାକୁ ପ୍ରାଶାସନିକ ଅଧିକାରୀଙ୍କୁ କହିଥିଲେ । ଏହାପରେ ଏରାଲଗୁଣ୍ଡି, ଏରବନପଲ୍ଲୀ, ଧରମପଲ୍ଲୀ ସମେତ ଦୁଇ ପଂଚାୟତର ପ୍ରାୟ ୧୦ ଟି ଗ୍ରାମ ବୁଲି ବିଭିନ୍ନ ଉନ୍ନୟନ ମୂଳକ କାମ ପ୍ରତି ବିଶେଷ ଧ୍ୟାନ ଦେବାକୁ ସ୍ଥାନୀୟ ଅଧିକାରୀଙ୍କୁ କହିଥିଲେ ।

# ଭୂମିହୀନଙ୍କୁ ଘରଡ଼ିହ ପ୍ରଦାନ, ସରକାରୀ ଜମିର ପୁର୍ନଉଦ୍ଧାର ଓ ସହରାଂଚଳରେ ପଥ ବିକ୍ରେତା ଜୀବିକା ସୁରକ୍ଷା ଆଇନ-୨୦୧୪ କାର୍ଯ୍ୟକାରୀ ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାରିପଦା,୨୬/୬(ହି.ସ.): ମୟୂରଭଞ୍ଜ ଜିଲ୍ଲାରେ ଭୂମିହୀନମାନଙ୍କୁ ସର୍ବନିମ୍ନ ୪ ଡେସିମିଲ ଘରଡ଼ିହ ଜମିର ପଟା ଯୋଗାଇ ଦେବା, ବାରିପଦା ସହର ମଧ ଦେଇ ପ୍ରବାହିତ ଜରାଳୀ ଓ ସରାଳୀ ଦୁଇ ପାର୍ଶ୍ୱ ନଦୀ ଶର୍ଯ୍ୟାକୁ ସମାଜର ପ୍ରଭାବଶାଳୀ, ପ୍ରତିପତିଶାଳୀ ଜମି ମାଫିଆମାନଙ୍କ କବଳରୁ ରକ୍ଷା କରିବା ସାଙ୍ଗକୁ ସହରାଂଚଳରେ ବହୁମୂଲ୍ୟ ସରକାରୀ ଜମିଗୁଡ଼ିକର ପୁର୍ନଉଦ୍ଧାର ଏବଂ ସହରାଂଚଳରେ ପଥ ବିକ୍ରେତା ଜୀବିକା ସୁରକ୍ଷା ଆଇନ-୨୦୧୪କୁ ବାରିପଦା ଓ ରାଇରଙ୍ଗପୁର ପୌରାଂଚଳ, କରଞ୍ଜିଆ ଓ ଉଦଳା ବିଜ୍ଞାପିତ କ୍ଷେତ୍ର ପରିଷଦ ଆଦିରେ କାର୍ଯ୍ୟକାରୀ କରାଯିବା ଦାବିରେ ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏବଂ ଏସୟୁସିଆଇ(କ) ପକ୍ଷରୁ ମିଳିତ ଭାବେ ଓଙ୍ଗିଶା ସରକାରଙ୍କ ରାଜସ୍ୱ ସଚିବ, ୫-ଟି ସଚିବଙ୍କୁ ଆବନ୍ଧୀକରଣ କରାଯାଇ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ସମୟରେ ପୂର୍ବତନ ବିଧାୟକ ତଥା ଏସୟୁସିଆଇର ଶମ୍ଭୁନାଥ ନାଏକ, ଜଗବନ୍ଧୁ ମିଶ୍ର, ପତାମ୍ବର ନାୟକ, ରଥ ସିଂ, ପ୍ରକାଶ ମଢ଼େଇ, ଚୈତନ୍ୟ ପୂର୍ତି, ଦୁର୍ଯ୍ୟୋଧନ ମୁର୍ମୁ, ବାସନ୍ତୀ ମହାନ୍ତ, ମୋଚିରାମ ମୁର୍ମୁ, ଚିତରଞ୍ଜନ ବାରିକ, ମାଳତୀ ମାର୍ଣ୍ଡି, ସ୍ୱପ୍ନା ବିଶ୍ୱାଳ, ସୁନାରାମ ମାର୍ଣ୍ଡି, ହୃଷିକେଶ ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଗଞ୍ଜାମ ଜିଲ୍ଲାରେ ୫୮ କରୋନା ପଜିଟିଭ୍ ଚିହ୍ନଟ : ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦୮୯କୁ ବୃଦ୍ଧି

## ସପ୍ତାହକ ମଧ୍ୟରେ ଜିଲ୍ଲାରେ ୬୩ ଜଣ କରୋନା ଯୋଦ୍ଧା ପଜିଟିଭ୍ ଚିହ୍ନଟ

ଗଞ୍ଜାମ,୨୬/୬(ହି.ସ.): ଗଞ୍ଜାମ ଜିଲ୍ଲାରେ ୫୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦୮୯କୁ ବୃଦ୍ଧି ପାଇଛି । ସପ୍ତାହକ ମଧ୍ୟରେ ଜିଲ୍ଲାରେ ୬୩ ଜଣ କରୋନା ଯୋଦ୍ଧା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ନୂଆ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶ କ୍ୱାରେଂଟାଇନ ସେଂଟରର ଓ ବାହାର ରାଜ୍ୟ ଫେରନ୍ତା ରହିଥିବା ସୂଚନା ମିଳିଛି । ରିପୋର୍ଟ ପଜିଟିଭ୍ ଆସିବା ପରେ ସେମାନଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ସେହିପରି ଗତକାଲି ୪୯ ଜଣ ସୁସ୍ଥ ହୋଇ କୋଭିଡ୍ ହସ୍ପିଟାଲରୁ ଘରକୁ ଫେରିଛନ୍ତି । ଏହାକୁ ମିଶାଇ ଜିଲ୍ଲାରେ ସୁସ୍ଥ ସଂଖ୍ୟା ୬୮୦ ରେ ପହଂଚିଛି । ବର୍ତମାନ ଜିଲ୍ଲାରେ କରୋନାଜନିତ ସକ୍ରିୟ ମାମଲା ସଂଖ୍ୟା ୪୦୧ ରହିଛି । ଇତିମଧ୍ୟରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ପ୍ରକାଶ ଥାଉ କି, ଜିଲ୍ଲାର କେତେକ ବରିଷ୍ଠ ପ୍ରଶାସନିକ ଅଧିକାରୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ କୌଣସି ସାଧାରଣ ବ୍ୟକ୍ତି ଆସନ୍ତା ୧୦ ଦିନ ପାଇଁ ଯାଇପାରିବେ ନାହିଁ ବୋଲି ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ଗତକାଲି ନିର୍ଦ୍ଦେଶ ଜାରୀ କରିଛନ୍ତି ।

# କୁନ୍ଥୁ କୁନ୍ଥୁ ହୋଇ ପୁଲିସ୍ ଓ ପ୍ରଶାସନ ବାଲିଚୋର ଉପରେ ଚଢାଉ କଲା, ୨୧ ଟ୍ରାକ୍ଟର ଜବତ

ଭଦ୍ରକ, ୨୬/୬ (ହି.ସ.) - ଏହି ଜିଲାର ଭଣ୍ଡାରିପୋଖରୀ ତହସିଲ ଅଂଚଳର ବାଲିପୋଖରୀ ଏସ୍‌କେପ ଉପର ଦେଇ ବୈତରଣୀ ନଦୀରୁ ଚୋରା ବାଲି ଉଠାଣ ଓ ପରିବହନ ଉପରେ ଗତକାଲି ବିଳମ୍ବିତ ରାତିରୁ ପୁଲିସ୍ ଓ ପ୍ରଶାସନ ମିଳିତ ଚଢାଉ କରି ୨୧ ଟ୍ରାକ୍ଟର ଜବତ କରି ତହସିଲ ପଡିଆକୁ ଆଣିଛି । ସମସ୍ତ ସତର୍କତା ସତ୍ୱେ ଚଢାଉ ଖବର ବାଲିମାଫିଆଙ୍କ ନିକଟରେ ଆଗୁଆ ପହଂଚି ଯାଇଥିବାରୁ ଶତାଧିକ ଟ୍ରାକ୍ଟର ସୁରକ୍ଷିତ ଭାବେ ଖସିଯାଇଛନ୍ତି । ବର୍ଷାଋତୁ ଆଗମନର ଅବ୍ୟବହିତ ପୂର୍ବରୁ ବାଲିଚୋରମାନେ ବାଲି ଉଠାଣ, ଗଚ୍ଛିତ ଓ ପରିବହନ କାର୍ଯ୍ୟକୁ ବହୁଗୁଣିତ କରିଦେଇଥିଲେ । ଏଥିନେଇ ଗଣମାଧ୍ୟମରେ ବ୍ୟାପକ ଭାବେ ଖବର ପ୍ରକାଶ ପାଇବା ସହ ପୁଲିସ୍ ଓ ପ୍ରଶାସନକୁ ତିରସ୍କାର ମଧ କରାଯାଇଥିଲା । ବାଲି ଚୋରମାନଙ୍କ ସହ ପୁଲିସ୍ ଡିଲ୍ କରୁଥିବା ଅଡିଓ ଭାଇରାଲ ହେବା ପୁଲିସ୍ ଓ ପ୍ରଶାସନ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା । ସଦାସର୍ବଦା କାର୍ଯ୍ୟାନୁଷ୍ଠାନ ପ୍ରତି ବିମୁଖ ରହୁଥିବା ତହସିଲଦାର ବହୁ ସମୟରେ ନିଜ କାର୍ଯ୍ୟାଳୟର କର୍ମଚାରୀ, ପୁଲିସ୍ ଓ ଜନସାଧାରଣଙ୍କ ଉପରେ ଦୋଷ ଲଦିଦେଇ ଦାୟିତ୍ୱ ଖସାଇ ଦେଇ ଆସୁଥିଲେ । ଅନୁରୂପ ଭାବେ ସୁରକ୍ଷା ବଳ ଥାଇ ମଧ ନିୟୋଜିତ କରାଯାଉନଥିବା ଓ କାର୍ଯ୍ୟାନୁଷ୍ଠାନ ତହସିଲର ମୂଳ ଦାୟିତ୍ୱ କହି ପୁଲିସ୍ ମଧ ଦାୟିତ୍ୱ ଖସାଇଦେଇ ଆସୁଥିଲା । କେତେବେଳେ କେମିତି ମାସିକିଆ ବ୍ୟବସ୍ଥାକୁ ଫାଙ୍କି ବାଲି ଚୋର କରୁଥିବା ଗାଡି ଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ହେଉଥିଲା । ପୁଲିସ୍ ଓ ତହସିଲର ଏଭଳି ଭ୍ରଷ୍ଟାଚାରକୁ ଜନସାଧାରଣ କଟୁ ସମାଲୋଚନା କରୁଥିଲେ । ଇତିମଧ୍ୟରେ ଡିଲ୍ ଅଡିଓ ଜିଲା ପୁଲିସ୍ ଅଧୀକ୍ଷକଙ୍କ ନିକଟରେ ପହଂଚି ସାରିଥିଲା । ପୁଲିସ୍ ଅଧୀକ୍ଷକଙ୍କ ଠାରୁ କଡା ନିର୍ଦ୍ଦେଶ ପାଇ ଧାମନଗର ଉପଖଣ୍ଡ ପୁଲିସ୍ ଅଧିକାରୀ ମନୋରଂଜନ ସାମଲ, ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ, ଧାମନଗର ଥାନାଧିକାରୀ ରତିକାନ୍ତ ଗିରି, ସ୍ଥାନୀୟ ଥାନାଧିକାରୀ ସନାତନ ସାହୁ, ଜଗନ୍ନାଥ ପ୍ରସାଦ ଅତିରିକ୍ତ ରାଜସ୍ୱ ନିରୀକ୍ଷକ କମଳାକାନ୍ତ ନାୟକ, ପୁଲିସ୍ ସୁରକ୍ଷା ବଳଙ୍କ ସହ ଗତକାଲି ରାତି ୩ଟାବେଳେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ । ହେଲେ ବର୍ଷ ବର୍ଷ ଧରି ଥାନାରେ କାର୍ଯ୍ୟରତ ଥିବା ଭ୍ରଷ୍ଟାଚାରୀ କର୍ମଚାରୀଙ୍କ ଦ୍ୱାରା ସୂଚନା ବାଲି ମାଫିଆଙ୍କୁ ମିଳିଯାଇଥିବାରୁ ବହୁ ଟ୍ରାକ୍ଟର ଖସିଯାଇଥିଲେ । ଏହି ଚଢାଉ କେବଳ ନିର୍ଦ୍ଦିଷ୍ଟ ଅଂଚଳରେ ସୀମିତ ରହିଥିବାରୁ ପୁନର୍ବାର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଜବତ ହୋଇଥିବା ଟ୍ରାକ୍ଟର ଉପରେ ମାମଲା ରୁଜୁ ହେବା ସହ ପରିବହନ ବିଭାଗ ଦ୍ୱାରା ଟ୍ୟାକ୍ସ ପେଁଠ ଯାଂଚ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି । ତେବେ କାର୍ଯ୍ୟାନୁଷ୍ଠାନ ସାମୟିକ ନା ନିୟମିତ ତାହା ଦେଖିବାକୁ ଜନସାଧାରଣ ଅପେକ୍ଷା କରିଛନ୍ତି ।

# ଶ୍ରୀମନ୍ଦିର ସେବାୟତଙ୍କ ଦ୍ୱିତୀୟ ପର୍ଯ୍ୟାୟ କୋଭିଡ଼୍ ଟେଷ୍ଟ

## ସହରର ତିନୋଟି ସ୍ଥାନରେ ଟେଷ୍ଟିଂ ବ୍ୟବସ୍ଥା

ପୁରୀ,୨୬/୬(ହି.ସ.): ଆଜି ଶ୍ରୀମନ୍ଦିର ସେବାୟତଙ୍କର ଦ୍ୱିତୀୟ ପର୍ଯ୍ୟାୟ କୋଭିଡ଼୍ ଟେଷ୍ଟ ଆରମ୍ଭ ହୋଇଛି । ସୁଆର ମହାସୁଆର ନିଯୋଗର ଏହି ଟେଷ୍ଟ କରାଯାଉଛି । ଏପରିକି ପୁଷ୍ପାଳକ ନିଯୋଗ, ବିମାନବଡୁ ନିଯୋଗର ମଧ କୋଭିଡ଼୍ ଟେଷ୍ଟ କରାଯାଉଛି । ପୋଲିସ ଓ ସଫେଇ କର୍ମଚାରୀଙ୍କ ମଧ ଟେଷ୍ଟ କରାଯାଉଛି । ଜଣେ ସେବାୟତ କରୋନା ପଜିଟିଭ୍ ଚିହ୍ନଟ ପରେ ପୁରୀ ସେବାୟତଙ୍କ ଡବଲ୍ ଟେଷ୍ଟ କରାଯିବା ନେଇ ପ୍ରଶାସନ ପକ୍ଷରୁ ନିଷ୍ପତି ହୋଇଛି । ସହରର ତିନୋଟି ସ୍ଥାନରେ କୋଭିଡ଼୍ ଟେଷ୍ଟ କରାଯିବାକୁ ନିଷ୍ପତି ହୋଇଛି । ଉତ୍କଳ ହିନ୍ଦୀ ବିଦ୍ୟାପୀଠ, ବାଗିଡ଼ିଆ ଧର୍ମଶାଳା ଏବଂ ମାର୍କଣ୍ଡେଶ୍ୱର ଗାର୍ଲସ ହାଇସ୍କୁଲରେ ଏହି କୋଭିଡ଼୍ ଟେଷ୍ଟ ଚାଲିଛି । ଏଠାରେ ଉଲ୍ଲେଖଯୋଗ୍ୟ, ପୁରୀ ସର୍କିଟ୍ ହାଉସ୍‌ରେ ଗତକାଲି ରଥଯାତ୍ରା ସଂକ୍ରାନ୍ତୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବିଶେଷ କରି ଅଧିକ ସେବାୟତଙ୍କର କିପରି କରୋନା ଟେଷ୍ଟ କରାଯିବ । ସେନେଇ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବୈଠକ ଶେଷ ପରେ ଶ୍ରୀମନ୍ଦିର ପରିଚାଳନା କମିଟି କାର୍ଯ୍ୟକାରୀ ଅଧକ୍ଷ ଶ୍ରୀ ମହାପାତ୍ର ଏନେଇ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ରଥଯାତ୍ରାରେ ସାମିଲ୍ ୫ ହଜାର ବ୍ୟକ୍ତିବିଶେଷଙ୍କର କୋଭିଡ଼୍ ଟେଷ୍ଟ କରାଯିବ । ସେବାୟତଙ୍କ ବ୍ୟତୀତ ପୋଲିସ, ସଫେଇ କର୍ମଚାରୀଙ୍କ ମଧ କୋଭିଡ଼୍ ଟେଷ୍ଟ କରାଯିବ । ଅଢ଼େଇ ହଜାର ସେବାୟତଙ୍କର ଦୁଇ ଥର କୋଭିଡ଼୍ ଟେଷ୍ଟ କରାଯିବ । ଆସନ୍ତା ୨୮ ତାରିଖରେ ରଥ ଦକ୍ଷିଣ ମୋଡ ହେବା ପୂର୍ବରୁ ଏହି କୋଭିଡ଼୍ ଟେଷ୍ଟ ପ୍ରକ୍ରିୟା ଶେଷ ହେବ । ଯେଉଁମାନଙ୍କର ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିବ ସେହିମାନେ ହିଁ କେବଳ ରଥଯାତ୍ରାରେ ସାମିଲ୍ ହେବେ । ଏହା ବ୍ୟତୀତ ସମ୍ପୂର୍ଣ୍ଣ ପୁରୀ ସହରକୁ ସାନିଟାଇଜ୍ କରାଯିବ । ସେବାୟତଙ୍କ ପରିବାର ସଦସ୍ୟଙ୍କୁ କରୋନା ବାବଦରେ ସଚେତନ କରାଯିବା ସହିତ କୋଭିଡ଼୍ ନିୟମ ସମ୍ପର୍କରେ ଅବଗତ କରାଯିବ । କୋଭିଡ଼୍ ନିୟମ ସମ୍ପର୍କରେ ସେମାନଙ୍କୁ ଅବଗତ କରିବା ନିମନ୍ତେ ଟିମ୍ ଗଠନ କରାଯିବ । ସେହିପରି ରଥଯାତ୍ରା ପାଇଁ ଆଉ ୫ ହଜାର ମାସ୍କ ମଗାଯାଇଥିବା ନେଇ ସେ ସୂଚନା ଦେଇଥିଲେ ।

## ମେସିନ ସାହାଯ୍ୟରେ ଗୋଚର ଜମିରୁ ମାଟି ତାଡି ପୋଖରୀ କରିବାକୁ ବିରୋଧ

କେନ୍ଦ୍ରାପଡ଼ା,୨୬/୬(ହି.ସ.): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚାରିଗାଁ ପଂଚାୟତରେ ଏକ ଗୋଚର ଜମିରେ ମେସିନ ସାହାଯ୍ୟରେ ପୋଖରୀ ଖୋଳାକୁ ନେଇ ଜିଲ୍ଲାପାଳ ଏବଂ ତହସିଲଦାର ଙ୍କ ନିକଟରେ ଅଭିଯୋଗ ହୋଇଛି । ଏହି ଗୋଚର ଜମିରେ ପୋଖରୀ ଖୋଳା ହେଲେ ସ୍ଥାନୀୟ ଲୋକଙ୍କ ଗୋରୁଗାଈ ଚରିବା ପାଇଁ ପଡିବା ପାଇବେ ନାହିଁ । ସେହିପରି ମେସିନ ସାହାଯ୍ୟରେ ପୋଖରୀ ଖୋଳାହେବା ଦ୍ୱାରା ବିଭିନ୍ନ ରାଜ୍ୟରୁ କରୋନା ପାଇଁ ଫେରି ଆସିଥିବା ପ୍ରବାସୀ ମାନେ ବେକାର ହୋଇ ବସି ରହୁଥିବାର ଅଭିଯୋଗ ହେଉଛି । ଏ ନେଇ ଏକ ସ୍ମାରକ ପତ୍ର ସଭାପତି ସୁଦାମ ମଲ୍ଲିକ, ପାଣ୍ଡବ ଚରଣ ମଲ୍ଲିକ, ସୁଶାନ୍ତ କୁମାର ସେଠୀ, ମାଗୁଣୀ ଚରଣ ପରିଡା, ଗୋପାଳ ମଳିକ ପ୍ରମୁଖ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ ।

# ଗ୍ରାମନାମ ଫଳକରେ ତ୍ରୁଟି

ମାଲକାନଗିରି,୨୬/୬(ହି.ସ.): ମାଲକାନଗିରି ଜିଲ୍ଲାର ସୀମାନ୍ତ ପଡିଆ ବ୍ଲକକୁ ସଂଯୋଗ ପାଇଁ ୨୦୧୬ ମସିହାରୁ ଆରମ୍ଭ ହୋଇଥିବା ପଡିଆ -ଶିଖପାଲୀ ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ହେବାକୁ ବସିଲାଣି । ଏପରିକି ରାସ୍ତା ପାର୍ଶ୍ୱରେ ଥିବା ଗ୍ରାମ ଗୁଡ଼ିକର ନାମ ଫଳକ ମଧ ଲଗା ଗଲାଣି । ରାସ୍ତା ନିର୍ମାଣ ଶେଷ ହେବା ପରେ ରାସ୍ତାରେ ଡିଭାଇଡର, ଟ୍ରାଫିକ୍ ସିଗ୍‌ନାଲ, କିଲୋମିଟର ଚିହ୍ନଟ ସହ ଗ୍ରାମକୁ ପଶିବା ପୂର୍ବରୁ ନାମ ଫଳକ ଆଦି ଲଗାଯାଇଥାଏ । କିନ୍ତୁ ଏହି ରାସ୍ତା ପାର୍ଶ୍ୱରେ ଥିବା ପ୍ରାୟ ୯ଟି ଗ୍ରାମ ପାଇଁ ଲଗାଯାଇଥିବା ନାମ ଫଳକରେ ତୃଟି ରହିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ନାମ ଫଳକ ଗୁଡିକୁ ଇଂରାଜୀ ଓ ଓଡ଼ିଆ ଭାଷାରେ ଲେଖାଯାଇଥିବା ବେଳେ ଟିଟିବେରି ଗ୍ରାମକୁ ଟିଟ୍‌ବେରି, ନାମକୋଣ୍ଡାକୁ ନମକୁଣ୍ଡ, ମାଟେରୁକୁ ମଟେର, ତେଲାମଗୁଡ଼ାକୁ ଟେଲିମଗୁଡା, କତାଗୁଡ଼ାକୁ କୋଟଗୁଡା ଓ ପଡିଆକୁ ପୋଦିଆ ଉଲ୍ଲେଖ କରାଯାଇଛି । ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଗ୍ରାମ ଗୁଡ଼ିକୁ ଲୋକେ ସୁବିଧାରେ ଜାଣିବା ପାଇଁ ଏଭଳି ନାମ ଫଳକ ଲଗାଯାଉଥିବା ବେଳେ ଏଭଳି ତ୍ରୁଟିପୂର୍ଣ୍ଣ ନାମ ଫଳକ ଲଗାଇବା ଦ୍ୱାରା ଗାଁ ଚିହ୍ନିବା କଷ୍ଟକର ହୋଇ ପଡୁଥିବା କିଛି ବୁଦ୍ଧିଜୀବୀ କୌତୁହଳ ଛଳରେ କହିଛନ୍ତି । ଏହି ରାସ୍ତାରେ ଲଗାଯାଇଥିବା ତ୍ରୁଟିପୂର୍ଣ୍ଣ ନାମ ଫଳକ ଗୁଡ଼ିକୁ ସଂଶୋଧନ କରିବା ସହିତ ଅବଶିଷ୍ଟ କାମ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## କେନ୍ଦ୍ରାପଡା ରେ ଶ୍ରୀ ତାଳଧ୍ୱଜ ପତ୍ରିକା ଉନ୍ମୋଚିତ

କେନ୍ଦ୍ରାପଡ଼ା,୨୬/୬(ହି.ସ.): କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀ ବଳଦେବଜୀଯୁଙ୍କ ସଂସ୍କୃତି ଉପରେ ଆଧାରିତ ପତ୍ରିକା 'ଶ୍ରୀ ତାଳଧ୍ୱଜ' ଉପ ଜିଲ୍ଲାପାଳ ଜ୍ୟୋତି ରଂଜନ ମହାପାତ୍ର ଉନ୍ମୋଚିତ କରିଛନ୍ତି । ବୁଧବାର ଶ୍ରୀ ବଳଦେବଜୀଯୁଙ୍କ ବଡଦାଣ୍ଡରେ ଏହି ପତ୍ରିକା ଉନ୍ମୋଚନ ସମୟରେ ବରିଷ୍ଠ ସାମ୍ବାଦିକ ତଥା ସେବାୟତ ଦେବେନ୍ଦ୍ର ସୁଆର, ପ୍ରତିକାର ସଂପାଦକ ସରୋଜ କୁମାର ମହାନ୍ତି, ଭୁବନ ମୋହନ ଜେନା, ବଳରାମ ସାହୁ, ପଣ୍ଡିତ ହୃଷିକେଶ ପଣ୍ଡାଙ୍କ ସମେତ ବହୁ ସେବାୟତ ଯୋଗ ଦେଇଥିଲେ ।

# କୋଭିଡ ସୁରକ୍ଷା କର୍ମୀଙ୍କୁ ମିଳୁନି ଦରମା : ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୨୬/୬(ହି.ସ.): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସଂଗରୋଧ କେନ୍ଦ୍ର ରେ ନିଯୁକ୍ତ ଥିବା କଳିଙ୍ଗ ୱାରିୟର୍ସ ସଂସ୍ଥା ତରଫରୁ ନିଯୁକ୍ତି ପାଇଥିବା କର୍ମଚାରୀ ମାନେ ଦୀର୍ଘ ୩ ମାସ ହେଲା କାମ କରିଥିଲେ ମଧ ସେମାନଙ୍କୁ ମାତ୍ର ୧ ମାସର ଦରମା ଚୁକ୍ତି ଠାରୁ କମ୍ ମିଳିଥିବାର ଅଭିଯୋଗ ହୋଇଛି। ପ୍ରକାଶ ଥାଉକି, କଳିଙ୍ଗ ୱାରିୟର୍ସ ତରଫରୁ ନିଯୁକ୍ତି ପାଇ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସାଂନ୍ଧ୍ୟ ମହା ବିଦ୍ୟାଳୟ, ଛତା କୋଭିଡ ହସପିଟାଲ ଓ ଆଦର୍ଶ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଏହି କର୍ମଚାରୀ ମାନଙ୍କୁ ଦୈନିକ ୩୨୦ ଟଙ୍କା ଲେଖାଏଁ ଦିଆ ଯିବାକୁ ଚୁକ୍ତି କରାଯାଇଥିଲା । ମାତ୍ର ଦୈନିକ ୨୫୦ ଟଙ୍କା ହିସାବରେ ତାଙ୍କୁ ୧ ମାସର ଦରମା ଦିଆ ଯାଇଥିବା ଦିଲ୍ଲିପ କୁମାର ମଲ୍ଲିକ, ଅମର ମଲ୍ଲିକ, ଅଜୟ କୁମାର ମଲ୍ଲିକ, ବୈକୁଣ୍ଠ ମଲ୍ଲି, ସରୋଜ ମଲ୍ଲିକ, କୈଳାସ ମଲ୍ଲିକ ପ୍ରମୁଖ ଜିଲ୍ଲାପାଳ ଙ୍କୁ ଅଭିଯୋଗ କରିଛନ୍ତି ।

## ସ୍ୱାଭିମାନ ଗ୍ରୁପ୍ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା

କେନ୍ଦ୍ରାପଡ଼ା,୨୬/୬(ହି.ସ.): କେନ୍ଦ୍ରାପଡା ବ୍ଲକ ଅଧିନ ବଗଡା ପଂଚାୟତର ଅରଡା ସାହି ଅଗ୍ନି ବିପନ୍ନ ପରିବାରଙ୍କୁ ଯୁବ ସ୍ୱାଭିମାନ ଗ୍ରୁପ୍ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି । ଗତକାଲି ସନ୍ଧ୍ୟା ସମୟରେ ଏହି ସାହିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ନନ୍ଦ ଦାସଙ୍କର ୩ ବଖରା ଚାଳଘର ସମେତ ସମସ୍ତ ଆସବାପତ୍ର, ଖାଦ୍ୟ ସାମଗ୍ରୀ, ଲୁଗାପଟା ପୋଡି ପାଉଁଶ ହୋଇ ଯାଇଥିଲା । ଏପରିକି ତାଙ୍କ ପୁଅ ମଧ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର ଚିକିତ୍ସିତ ହେଉଛନ୍ତି । ଗୁରୁବାର ସ୍ୱାଭିମାନ ଗ୍ରୁଫ୍ ପକ୍ଷରୁ ୧୦ ଦିନର ଖାଦ୍ୟ ସାମଗ୍ରୀ , ସମସ୍ତଙ୍କ ପାଇଁ ଲୁଗାପଟା, ସୁଖିଲା ଖାଦ୍ୟ ଯୋଗାଇବା ସହ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିବାର ଜଣା ପଡିଛି ।

# ପ୍ରତି ପଂଚାୟତରେ ପଂଚାୟତଭବନ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

## ଅଧପନ୍ତରିଆ ଅବସ୍ଥାରେ ପଡିଛି ଅନେକ ରାଜୀବଗାନ୍ଧୀ ସେବା କେନ୍ଦ୍ର

କନ୍ଧମାଳ,୨୬/୬(ହି.ସ.): ସରକାର ଏବେ ଯୁଦ୍ଧକାଳୀନ ଭିତିରେ ପ୍ରତି ପଂଚାୟତରେ ପଂଚାୟତ ଭବନ ନିର୍ମାଣ କରିବେ । ଏଥିପାଇଁ ପ୍ରତି ପଂଚାୟତକୁ ୨୦ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଆସିଛି । ଏସବୁ ଅର୍ଥ ପଂଚଦଶ ଅର୍ଥ କମିଶନ ୨୦୨୦-୨୧ରେ ଅର୍ଥ ମଂଜୁର କରିଛନ୍ତି । ଜିଲ୍ଲାରେ ୧୭୧ଟି ପଂଚାୟତ ରହିଛି । ସବୁ ପଂଚାୟତରେ ପଂଚାୟତ ଭବନ ନିର୍ମାଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ପୂର୍ବରୁ ୨୦୦୯-୧୦ ବେଳେ ରାଜୀବଗାନ୍ଧି ସେବାକେନ୍ଦ୍ର ପ୍ରତି ପଂଚାୟତରେ ନିର୍ମାଣ କରିବା ଲାଗି ସେତେବେଳେ ୧୦ ଲକ୍ଷ ଟଙ୍କା ସରକାର ମଂଜୁର କରିଥିଲେ । ଜିଲ୍ଲାରେ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ରାଜୀବଗାନ୍ଧି ସେବାକେନ୍ଦ୍ର ନିର୍ମାଣ ହୋଇଥିଲା । କେତେଗୁଡିଏ ବ୍ୟବହାର ହେଉଥିବା ବେଳେ ଅନେକରେ ତାଲା ଝୁଲୁଛି । ପ୍ରାୟ ୨୫/୩୦ଟି ସେବାକେନ୍ଦ୍ର ଅଧପନ୍ତରିଆ ଅବସ୍ଥାରେ ପଡିଛି ଗତ ୧୦ ବର୍ଷ ହେଲା । ଏବେ ପୁଣି ନୂଆ କରାଯିବ ନା ସେଗୁଡିକର ପୁନଃ ନିର୍ମାଣ କରାଯିବ ତାକୁ ନେଇ ଦ୍ୱନ୍ଦ ସୃଷ୍ଟି ହୋଇଛି । ବର୍ତମାନ ପଂଚାୟତ ଭବନ ନିର୍ମାଣ ହେଲେ ସେଭଳି ପରିସ୍ଥିତି ସୃଷ୍ଟି ହେବନାହିଁ ତ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି । ସବୁ ପଂଚାୟତରେ ନିର୍ମାଣ କରାଗଲେ ପ୍ରାୟ ୩୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି । କରୋନା ପାଇଁ ସରକାର ପ୍ରତି ପଂଚାୟତରେ ପଂଚାୟତ ଭବନ ଯୁଦ୍ଧକାଳୀନ ଭିତିରେ ନିର୍ମାଣ କରିବାଲାଗି ଚାହୁଁଛନ୍ତି । କାରଣ ପଂଚାୟତରେ ଥିବା ସ୍କୁଲ ଗୁଡିକରେ ଏବେ କ୍ୱାରେଣ୍ଟାଇନ୍ ସେଣ୍ଟର ଚାଲିଛି । ଏ ଗୁଡିକ ଏତେଶିଘ୍ର ବନ୍ଦ ହେବାର ଜଣାପଡୁନାହିଁ । ଏପଟେ ସରକାର ଅଗଷ୍ଟ ୧୫ ବେଳକୁ ସ୍କୁଲ ଖୋଲିବାକୁ ଚାହୁଁଛନ୍ତି । ଫଳରେ କ୍ୱାରେଣ୍ଟାଇନ୍ ସେଣ୍ଟର, କୋଭିଡ କେୟାର ସେଣ୍ଟର ଗୁଡିକ ସେଠାରୁ ହଟାଯିବ । ଏଣୁ, ଘରର ଆବଶ୍ୟକତା ଥିବାରୁ ସରକାର ଜିଲ୍ଲାର ପ୍ରତି ପଂଚାୟତରେ ପଂଚାୟତ ଭବନ ନିର୍ମାଣ କରିବାକୁ ଚାହୁଁଛନ୍ତି । ପଂଚାୟତ ଭବନ ନିର୍ମାଣ କାର୍ଯ୍ୟ ସରିଲେ ପାଠପଢା ଆରମ୍ଭ ହେବ ବୋଲି ଜଣାପଡିଛି ।

# ଅରୁଣ ଭାରତୀ ବିଦ୍ୟା ବାଣୀ ଭବନର ୨ ଛାତ୍ରଙ୍କ କୃତିତ୍ୱ

ଭଦ୍ରକ, ୨୬/୬ (ହି.ସ.) - ଭଦ୍ରକ ଜିଲା ତିହିଡି ବ୍ଲକ୍ ଅଧୀନ ଘଣ୍ଟେଶ୍ୱରରେ ଥିବା ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଅରୁଣ ଭାରତୀ ବିଦ୍ୟା ଭବନରେ ପଂଚମ ଶ୍ରେଣୀର ପଢୁଥିବା ୨ ଛାତ୍ରଙ୍କ ମେଧାବୃତି ପରୀକ୍ଷାରେ ଉତୀର୍ଣ୍ଣ ହେବା ଘଂଟେଶ୍ୱର ସମେତ ତିହିଡି ବ୍ଲକ୍‌ର ମଧ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ୨୦୦୬ ମସିହାରୁ ଆରମ୍ଭ ହୋଇଥିବା ଏହି ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ବହୁ ମେଧାବୀ ଛାତ୍ରଛାତ୍ରୀ ତିଆରି କରିବା କାରଖାନା ଭାବେ ଭଦ୍ରକ ଜିଲାରେ ସୁନାମ ଅର୍ଜନ କରିଛି । ପ୍ରତିଷ୍ଠାନର ପ୍ରତିଷ୍ଠାତା ଓ ଅଧ୍ୟାପିକା ଭାବେ ସାହିତ୍ୟିକ ସଂଯୁକ୍ତା ଭାରତୀଙ୍କ ଅବଦାନ ଓ ନିଜର ସମସ୍ତ ତ୍ୟାଗକୁ ଜଳାଞ୍ଜଳି ଦେଇ ଏଠାରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଜ ପିଲା ଭଳି ଭାବି ଏ ଦୁନିଆରେ କିପରି ସେମାନେ ଉଚ୍ଚଶିକ୍ଷା ଲାଭ କରି କିପରି ଉନ୍ନତି ପଥେ ଆଗେଇବେ, ସେଥିପ୍ରତି ଅତୁଳନୀୟ ଅବଦାନ ରହିଛି ତାହା ସମସ୍ତେ ଜାଣନ୍ତି । ଏହି ଅତୁଳନୀୟ ଅବଦାନ ପାଇଁ କୃତି ଛାତ୍ରଙ୍କ ପରିବାର ବର୍ଗ ମଧ ଅଧ୍ୟାପିକାଙ୍କୁ ସାଧୁବାଦ ଜଣାଇଥିବା ବେଳେ ତାଙ୍କ ପିଲାମାନେ ଏଭଳି ଏକ ଅଗ୍ରଣୀ ଅନୁଷ୍ଠାନରେ ଶିକ୍ଷାଦାନ କରୁଥିବାରୁ ଶିକ୍ଷାନୁଷ୍ଠାନରେ ଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି । ଦୁଇ କୃତି ଛାତ୍ର ହେଲେ ଖଦାଳପୋଖରୀ ପଂଚାୟତ ସୁନାରୀ ପୋଖରୀ ଗ୍ରାମର ଆନନ୍ଦ ବଳ ଓ ଗୋଲାପ ବଳଙ୍କ ପୁତ୍ର ଦିବାକର ବଳ । ନାୟକାଣୀଡିହି ଥାନା ଅଂଚଳର ବୈକୁଣ୍ଠ ମଳିକ ଓ ନମିତା ଦାଶଙ୍କ ପୁତ୍ର ଶୁଭମ ମଳିକ । ଏହି ଦୁଇ ଛାତ୍ର ମେଧାବୃତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବାରୁ ଅରୁଣ ଭାରତୀ ବିଦ୍ୟାବାଣୀ ଭବନ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅଂଚଳବାସୀ ସାଧୁବାଦ ଜଣାଇଛନ୍ତି ।

# ୱେଭି ଲିପ୍ସ



ଫ୍ୟାଶନ୍ ବଦଳୁଛି । ବଦଳୁଛି ଟ୍ରେଣ୍ଡ । ସୁନ୍ଦର, ଷ୍ଟାଇଲିସ୍ ଓ ଆକର୍ଷଣୀୟ ଲାଗିବା ପାଇଁ ସମସ୍ତେ ସେହି ଫ୍ୟାଶନ୍‌ର ନୂଆ ଟ୍ରେଣ୍ଡକୁ ଆପଣେଇଥାଆନ୍ତି । ଏମିତିକି ଫ୍ୟାଶନ୍ ଅଜବ ହେଲେବି ତାକୁ ଆପଣେଇବାକୁ ପଛାନ୍ତି ନାହିଁ । ଯେମିତିକି ଏବେ ୱେଭି ଲିପ୍ସର ଫ୍ୟାଶନ ଆରମ୍ଭ ହୋଇଛି । କେହି କେହି ଏହାକୁ ଡେଭିଲ ଲିପ୍ସ ବା ଅକ୍ଟୋପସ୍ ଲିପ୍ସ କହୁଛନ୍ତି । କସ୍ମେଟିକ୍ ସର୍ଜରୀ କରାଇ ଓଠର ଚାରିପଟେ ଧାରରେ ଫିଲର୍ ଭର୍ତ୍ତି କରାଯାଏ । ଖାସ୍‌କରି ଉପର ଓଠର ଧାରରେ ଫିଲର୍ ଦେଇ ଲହଡି ବା ୱେଭି ଲୁକ୍ ଦିଆଯାଏ । ଏହି ବ୍ୟୁଟି ଟ୍ରେଣ୍ଡ କେଉଁଠୁ ଓ କିଏ ଆରମ୍ଭ କରିଛି ଠିକ୍‌ଭାବେ ଜଣା ନାହିଁ । ହେଲେ କୁହାଯାଉଛି ରୁଷୀୟ ପ୍ଲାଷ୍ଟିକ ସର୍ଜନ ଏମିଲିଆନ୍ ବ୍ରଡ୍ ଏହି ଟ୍ରେଣ୍ଡକୁ ଆରମ୍ଭ କରିଥିଲେ । ରୁଷ୍‌ରେ ଏହାର ଲୋକପ୍ରିୟତା ବଢ଼ିଥିବା ଜଣାଯାଏ । ତେବେ କିଛି ପ୍ଲାଷ୍ଟିକ ସର୍ଜନଙ୍କ ମତରେ ଏଭଳି ୱେଭି ଲିପ୍ସ କରିବା ବିପଜ୍ଜନକ । ତେଣୁ ଏହାକୁ ନ ଆପଣେଇବାକୁ ପରାମର୍ଶ ଦେଉଛନ୍ତି ।

# ସୁଖୀ ବାସ୍କେ



କେନ୍ଦୁଝର ଜିଲ୍ଲା ସାହାରାପଡା ବ୍ଲକ ଚଢ଼େଇପଡ଼ି ଗ୍ରାମରେ ବାସୁଦେବ ବାସ୍କେ ଓ ଜବା ବାସ୍କେଙ୍କ କନ୍ୟା ସୁଖୀ ବାସ୍କେ ପିଲାଦିନୁ ଦୌଡକୁଦ ଖେଳ ପ୍ରତି ଆକୃଷ୍ଟ ହୋଇଥିଲେ । ଚାଷକରି ଗୁଜୁରାଣ ମେଣ୍ଟାଉଥିବା ବାସୁଦେବଙ୍କ ପକ୍ଷେ ଝିଅର ଖେଳିବାକୁ ନେଇ ଆର୍ଥିକ ସହଯୋଗ ଯୋଗାଇ ଦେବାରେ ଅଧ୍ୟୟନ କରୁଥିବା ଏହି ପ୍ରତିଭାବାନ ଯୁବକ୍ରୀଡାବିତ୍ ଦୌଡକୁଦ ପ୍ରତିଯୋଗୀତାରେ ପଦକ ଜିତି ରାଜ୍ୟର ଅନ୍ୟତମ ଉଦୀୟମାନ ଧାବିକା ଭାବେ ଉଭା ହୋଇଛନ୍ତି । ସୁଖୀ କୁହନ୍ତି, 'ସୁସ୍ମିତା ଦିଦିଙ୍କ ପ୍ରଶିକ୍ଷଣରେ ଖେଳପ୍ରତି ଆକୃଷ୍ଟ ହୋଇଥିଲି । ୧୦୦ ଓ ୨୦୦ ମିଟର ଦୌଡରେ ଟାଇମିଂ ଭଲ କରିବା ନେଇ ଗୁରୁତ୍ୱ ଦେଉଛି । ଆଗକୁ ସିନିୟର ସ୍ତରରେ ଖେଳି ଅନ୍ତର୍ଜାତୀୟ ସ୍ତରରେ ଦେଶର ପ୍ରତିନିଧିତ୍ୱ କରିବା ପ୍ରଥମ ଲକ୍ଷ୍ୟ ରହିଛି ।'

୨୦୧୫ ରେ ୬୩ ତମ ଓଡ଼ିଶା ରାଜ୍ୟ ଦୌଡକୁଦ ପ୍ରତିଯୋଗୀତାରେ ୧୬ ବର୍ଷରୁ କମ୍ ବର୍ଗରେ ପ୍ରତିନିଧିତ୍ୱ କରି ସେ ୨୦୦ ମିଟର ୧୦୦ ମିଟର ଦୌଡରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ । ୨୦୧୬ରେ ଜାତୀୟସ୍ତରୀୟ 'ଗେଲ୍-ଇଣ୍ଡିଆ ସ୍ପିଡ୍‌ଷ୍ଟାର ପ୍ରତିଯୋଗୀତା' ରେ (ବର୍ଗ - ୧୪ ବର୍ଷରୁ କମ୍) ସେ ଉଭୟ ୨୦୦ ଓ ୧୦୦ ମିଟର ଦୌଡରେ ପ୍ରଥମ ସ୍ଥାନ ଅଧିକାର କରି



ଅକ୍ଷମ ଥିଲେ ମଧ୍ୟ ସୁଖୀ ସୁନ୍ଦରଗଡ କ୍ରୀଡା ଛାତ୍ରାବାସ ଲାଗି ମନୋନୀତ ହୋଇଥିଲେ । କ୍ରୀଡା ଛାତ୍ରାବାସରେ ପାଦଦେବା ପରେ ଆଉ ସେ ପଛକୁ ଚାହିଁ ନାହାନ୍ତି । ୨୦୧୫ରେ ଆୟୋଜିତ ଜାତୀୟ ବିଦ୍ୟାଳୟ କ୍ରୀଡାରେ ୨୦୦ ମିଟର ଦୌଡରେ ରୌପ୍ୟପଦକ ହାସଲ କରିଥିଲେ । ଉକ୍ତ ବର୍ଷ ଆୟୋଜିତ ଗେଲ ଇଣ୍ଡିଆ ସ୍ପିଡ୍‌ଷ୍ଟାର ଲାଗି ଜିଲ୍ଲା ଓ ରାଜ୍ୟ ଓ ଜୋନାଲ୍ ସ୍ତରରେ ଭଲ ପ୍ରଦର୍ଶନ କରିବା ସହ ଜାତୀୟସ୍ତର ପାଇଁ ୧୦୦ ଓ ୨୦୦ ମିଟର ଦୌଡ ପାଇଁ ୧୪ ବର୍ଷରୁ କମ୍ ବୟସ ବର୍ଗରେ ମନୋନୀତ ହୋଇଥିଲେ । ୪ ବର୍ଷ ହେବ ସୁଖୀ ଗେଲ୍ ଇଣ୍ଡିଆ ସ୍ପିଡ୍‌ଷ୍ଟାର ଶିବିରରେ ପ୍ରଶିକ୍ଷଣ ନେଇ ଆସୁଛନ୍ତି । ଯୁକ୍ତ ଦୁଇ ପ୍ରଥମ ବର୍ଷରେ ରାଜ୍ୟ ପାଇଁ ଗୌରବ ଆଣିଥିଲେ । ୨୦୧୭ରେ ୬୪ ତମ ଓଡ଼ିଶା ରାଜ୍ୟ ଦୌଡକୁଦ ପ୍ରତିଯୋଗୀତାରେ (ବର୍ଗ-୧୬ ବର୍ଷରୁ କମ୍) ପୁଣିଥରେ ନିଜ ପ୍ରତିଭାର ପ୍ରମାଣ ଦେଇଥିଲେ । ୨୦୧୭-ପୂର୍ବାଞ୍ଚଳ ଜୁନିଅର ଦୌଡକୁଦ ଚମ୍ପିଆନ୍‌ସିପ୍‌ର (୧୬ ବର୍ଷରୁ କମ୍) ୨୦୦ ମିଟର ଦୌଡରେ ରୌପ୍ୟ, ୨୦୧୮ -୩୦ ତମ ପୂର୍ବାଞ୍ଚଳ ଜୁନିଅର ଦୌଡକୁଦ ଚମ୍ପିଆନ୍‌ସିପ୍‌ର (୧୮ ବର୍ଷରୁ କମ୍) ୨୦୦ ମିଟର ଦୌଡରେ ସ୍ୱର୍ଣ୍ଣ ଓ ୨୦୧୯ ୩୧ତମ ପୂର୍ବାଞ୍ଚଳ ଜୁନିଅର ଦୌଡକୁଦ ଚମ୍ପିଆନ୍‌ସିପ୍‌ର (୧୮ ବର୍ଷରୁ କମ୍) ହାମାର୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ନିଜ ସଫଳ ଯାତ୍ରା ଅବ୍ୟାହିତ ରଖିଛନ୍ତି ।

# ଡାଏଟ୍ ପିଲ୍‌ର ପାର୍ଶ୍ୱ ପ୍ରତିକ୍ରିୟା

କର୍ମବ୍ୟସ୍ତତା ମଧ୍ୟରେ ଅନେକ ଲୋକ ଖାଦ୍ୟପେୟ ଉପରେ ଧ୍ୟାନ ଦେଇ ନ ପାରିବା ଯୋଗୁ ଡାଏଟ୍ ପିଲ୍ ନେଉଛନ୍ତି । ଏହି ପିଲ୍‌ରେ ଭିଟାମିନ୍ସ, ମିନେରାଲ୍ସ ଓ ଅନେକ ଖଣିଜ ପଦାର୍ଥ ରହିଛି ଯାହା ଖାଦ୍ୟାଭାବକୁ ପୂରା କରିଥାଏ । ହେଲେ ଡାଏଟ୍ ପିଲ୍ ଇଟିଙ୍ଗ୍ ଡିସଅର୍ଡର ସମସ୍ୟା ବଢାଇପାରେ ? ଅଧ୍ୟୟନରୁ ଜଣାପଡିଛି ବର୍କବ୍ୟସ୍ତତା ବା ଓଜନ କମ୍ କରିବା ପାଇଁ ଯେଉଁମାନେ ଖାଦ୍ୟ ପରିବର୍ତ୍ତେ ଡାଏଟ୍ ପିଲ୍ ବା ସିରପ୍ ବ୍ୟବହାର କରୁଛନ୍ତି ସେମାନଙ୍କୁ ୧-୩ ବର୍ଷ ମଧ୍ୟରେ ଇଟିଙ୍ଗ୍ ଡିଜର୍ଡର ସମସ୍ୟା ରହିଛି । ଏଥି ସହ ଉଚ୍ଚ ରକ୍ତଚାପ, ଯକୃତ ଓ କିଡ୍‌ନୀର ସମସ୍ୟା ସମ୍ବନ୍ଧୀୟ ଗମ୍ଭୀର ସମସ୍ୟା ମଧ୍ୟ ହୋଇପାରେ । ଏହା ପାଚନ ତନ୍ତ୍ର ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ୨୦୦୧-୧୬ ମଧ୍ୟରେ ୧୪ରୁ ୩୬ ବର୍ଷ ବୟସର ୧୦,୦୫୮ ମହିଳାଙ୍କ ଉପରେ ରିସର୍ଚ୍ଚ କରାଯାଇଥିଲା । ପିଲ୍ ବ୍ୟବହାର କରୁଥିବା ୧.୮% ୧-୩ ବର୍ଷ ମଧ୍ୟରେ ବା ପ୍ରଥମରୁ ହିଁ ଇଟିଙ୍ଗ୍ ଡିଜର୍ଡର ସମସ୍ୟା କହିଥିଲେ ।

# ଗୋଟିଏ ଘର ଥିବା ସବୁଠୁ ଛୋଟ ଦ୍ୱୀପ

ବେଳେ ବେଳେ ଅନେକଙ୍କ ଇଚ୍ଛା ହେଉଥିବା ଏକ ନିରୋଳା ଦ୍ୱୀପରେ, ଏକ ସୁନ୍ଦର ଘରେ କିଛି ନିରୋଳା ମୁହୂର୍ତ୍ତ ବିତାଇବାକୁ । ହେଲେ ତାହା କେବଳ ଭାବନାରେ ରହିଯାଏ । ତେବେ ଏମିତି ଏକ ଦ୍ୱୀପ ଅଛି, ଯାହାକୁ ଦେଖିଲେ ସେ ସ୍ୱପ୍ନ ପୁଣିଥରେ ଉଜାଗର ହୋଇ ଉଠିବ । ଏହି ଦ୍ୱୀପଟି ଆମେରିକା ଓ କାନାଡା ମଧ୍ୟରେ ଥିବା ହଜାର ହଜାର ଦ୍ୱୀପପୁଞ୍ଜ ମଧ୍ୟରେ ଅନ୍ୟତମ । ୩,୩୦୦ ବର୍ଗଫୁଟ୍ ପରିମିତ ଏହି ଦ୍ୱୀପରେ ଅଛି ଗୋଟିଏ ମାତ୍ର ଘର ଓ କିଛି ଗଛ । କାରଣ ଏହା ବ୍ୟତୀତ ଆଉ କିଛି ରହିବା ପାଇଁ ଏଠାରେ ଜାଗା ନାହିଁ । ଦ୍ୱୀପର ଆକାର ଏକ ଟେନିସ୍ କୋର୍ଟ ସହ ସମାନ । ତେଣୁ ଏହା 'ଜଷ୍ଟ ରୁମ୍ ଏନଫ୍' ନାମରେ ବି ପରିଚିତ । ଯଦିଓ ପୂର୍ବରୁ ଏହା 'ହବ୍ ଆଇଲାଣ୍ଡ' ନାମରେ ପରିଚିତ ଥିଲା । ୧୯୫୦ ଦଶକରେ ସାଇଜ୍‌ଲାଣ୍ଡ ପରିବାର ଏହି ଦ୍ୱୀପକୁ କିଣିଥିଲେ । ପରେ ଏହି ପରିବାରର ଲୋକ ଏଠାରେ ଏହି ଛୋଟଘର ତିଆରି କରିଥିଲେ । ଉଦ୍ଦେଶ୍ୟ ଥିଲା ଛୁଟିରେ ଏଠାକୁ ଆସି ଶାନ୍ତିରେ କିଛି ସମୟ ବିତାଇବେ । କିନ୍ତୁ ପରବର୍ତ୍ତୀ ସମୟରେ ଏହା ଅନ୍ତର୍ଜାତୀୟ ସ୍ତରରେ ପର୍ଯ୍ୟଟକଙ୍କ ଆକର୍ଷଣୀୟ ପାଲଟିଗଲା । ସୂଚନାଯୋଗ୍ୟ ଯେ, ପୂର୍ବରୁ 'ବିଶପ୍ ରକ୍' ଥିଲା ପୃଥିବୀର ସବୁଠାରୁ ଛୋଟ ଦ୍ୱୀପ । ହେଲେ ଏବେ ଏହାର ଅଧା ଆକାରର 'ଜଷ୍ଟ ରୁମ ଏନଫ' ପୃଥିବୀର ସବୁଠୁ ଛୋଟ ଦ୍ୱୀପ ଭାବେ ପରିଚିତ ।



# ଟ୍ରାଭେଲିଂ ଫ୍ୟାଶନ୍

ଟ୍ରାଭେଲିଂ ସମୟରେ ପୋଷାକ ବାଛିବାକୁ ଭାରି ଅଡୁଆରେ ପଡନ୍ତି ଅଧିକାଂଶ ଝିଅ । କାରଣ ସେମାନଙ୍କୁ ଉଭୟ ଷ୍ଟାଇଲିଶ୍ ଏବଂ ଆରାମଦାୟକ ପୋଷାକ ଦରକାର । ଜିନ୍ସ ନା ପଲାଜୋ, ସାର୍ଟ ନା ସର୍ଟ କ'ଣ ପିନ୍ଧିବେ ? ଟ୍ରାଭେଲିଂ ସମୟରେ କେଉଁଭଳି ପୋଷାକ ପିନ୍ଧିଲେ ଆପଣ ଅନ୍ୟଙ୍କଠାରୁ ଭିନ୍ନ ଲାଗିବେ ରହିଲା କିଛି ଟିପ୍ସ ।

## ଫ୍ୟାଶନ

**ସର୍ଟ ପ୍ୟାଣ୍ଟ :**
ଯଦି ରୋଡ୍ ଟ୍ରିପ୍‌ର ପ୍ଲାନ୍ କରୁଛନ୍ତି, ଏଥିପାଇଁ ସର୍ଟ ପ୍ୟାଣ୍ଟ ଭଲ ହେବ । ସର୍ଟସ୍ ସହିତ ଛୋଟ ସ୍ଲିଭ୍ ଟି ସାର୍ଟ ପିନ୍ଧିପାରିବେ । ସ୍ୟାଣ୍ଡେଲ ଜାଗାରେ କାନଭାସ୍ ଜୋତା କ୍ୟାରି କଲେ ପାଦକୁ ଆରାମ ଲାଗବା ସହିତ ଷ୍ଟାଇଲିଶ୍ ଲୁକ୍ ପାଇପାରିବେ ।





**ଲଙ୍ଗ୍ ସ୍କର୍ଟ :**
ରେଳ ଯାତ୍ରା ଅଧିକକ ଏବଂ ଭିଡ଼ ରହିଥାଏ । ତେଣୁ ରେଳ ଯାତ୍ରା ସମୟରେ ସାଲୱାର କମିଜ ଏବଂ ଲଙ୍ଗ୍ ସ୍କର୍ଟ ସବୁଠୁ ଭଲ ଅପସନ୍ । ହାଇହିଲ୍ ପରିବର୍ତ୍ତେ ଫ୍ଲାଟ୍ ସ୍ୟାଣ୍ଡେଲ୍ ପିନ୍ଧନ୍ତୁ । ହ୍ୟାଣ୍ଡବ୍ୟାଗ୍ କିମ୍ବା କ୍ଲଚ୍ ସ୍ଥାନରେ ସ୍ଲିଙ୍ଗ୍ ବ୍ୟାଗ୍ ଭଲ ମାନିଥାଏ । ଏଥିରେ ଟଙ୍କା, ସାନିଟାଇଜର ଏବଂ ନିଜର ମେକଅପ୍ ସାମଗ୍ରୀ ରଖିପାରିବେ ।

**ଜିନ୍ସ ସହିତ ସ୍ୱେଟସାର୍ଟ :**
ଆପଣଙ୍କ ଯାତ୍ରା ଅଧିକ ଲମ୍ବା । ଏଥିପାଇଁ ଆପଣଙ୍କୁ ବାଟରେ ରହି ରହି ଯିବାକୁ ପଡିବ । ହେଲେ କେଉଁ ଭଳି ପୋଷାକ ପିନ୍ଧିବେ ଜାଣି ପାରୁନାହାନ୍ତି । ଏଥିପାଇଁ ଜିନ୍ସ ସହିତ ଲଙ୍ଗ୍ ଟିସାର୍ଟ ସ୍ୱେଟସାର୍ଟ ପିନ୍ଧିପାରିବେ । ଆରାମ ଲାଗିବ । ହାଲୁକା ମେକଅପ୍ ନିଅନ୍ତୁ ଏବଂ ଅଧିକ ଓଜନର ଜୁଏଲାରୀକୁ ନା କରନ୍ତୁ । ହାତରେ ମେଟାଲ ଘଣ୍ଟା ପରିବର୍ତ୍ତେ ଲେଦର ଘଣ୍ଟା ପିନ୍ଧନ୍ତୁ । ଶୋଇବାରେ ଅସହଜ ଅନୁଭବ ହେବନି ।

**ଋତୁ ହିସାବରେ ଆଉଟଫିଟ୍ :**
ଗୋଟିଏ ସହରରୁ ଅନ୍ୟ ସହରକୁ ଯାତ୍ରା କରୁଛନ୍ତି । ସହରର ତାପମାତ୍ରା ଅଧିକ ଥାଇପାରେ ନହେଲେ କମ୍ । ଏମିତିରେ ଲେୟର ଆଉଟଫିଟ୍ ବେଷ୍ଟ ରହିଥାଏ । ଋତୁ ଯେମିତି ରହୁ ନା କାହିଁକି ଆପଣଙ୍କୁ କିଛି ଫରକ ପଡିବନି । ଏମିତି ଟ୍ରିପ୍ କରୁଥିଲେ ଜିନ୍ସ ପରିବର୍ତ୍ତେ ଖଦି ପ୍ୟାଣ୍ଟ ମଧ୍ୟ ପିନ୍ଧିପାରିବେ । ପ୍ଲେନ୍ ଟିସାର୍ଟ ଉପରେ ପ୍ରିଣ୍ଟେଡ୍ ଜ୍ୟାକେଟ୍ ଏତିକିରେ ପାଇପାରିବେ ଷ୍ଟାଇଲିଶ୍ ଲୁକ୍ । ଏହା ସହିତ କାନଭାସ୍ ସୁଜ୍ କିମ୍ବା ଜୁତି ଟ୍ରିମଅପ୍ କରନ୍ତୁ । ହଁ, ଆପଣଙ୍କ ମନପସନ୍ଦର ସନଗ୍ଲାସ୍ ପିନ୍ଧିବା ଭୁଲନ୍ତୁ ନାହିଁ ।



**ଯାତ୍ରା ପସନନ୍ଦ ନଥିଲେ :**
ଆପଣଙ୍କୁ ଟ୍ରାଭେଲ କରିବା ପସନ୍ଦ ନୁହେଁ । କିନ୍ତୁ ସବୁବେଳେ ଗାଡିରେ ଅପଡାଉନ୍ କରିବାକୁ ପଡିଥାଏ । ଏଥିପାଇଁ ଜିନ୍ସ ଟିସାର୍ଟ ନୁହଁ ବରଂ କଟନର ୱାନ୍ ପିସ୍ ଡ୍ରେସ୍ ପିନ୍ଧନ୍ତୁ । ଷ୍ଟାଇଲିଶ୍ ଲାଗିବେ । ନହେଲେ ପାଲାଜୋ ସହିତ କୁର୍ତ୍ତି ଟିମ୍‌ଅପ୍ କରନ୍ତୁ । ଯାତ୍ରା ଆରାମଦାୟକ ରହିବ ।

# ପିଲାଙ୍କ ପାଇଁ ନୂଆ ଆଇନ୍



ମାନସିକ ସୁସ୍ଥତା ପାଇଁ ନେଇପାରିବେ ଛୁଟି ପରିବର୍ତ୍ତିତ ଜୀବନ ଧାରା ଏବଂ ବଢୁଥିବା ଚାପ କାରଣରୁ ବିଶ୍ୱବ୍ୟାପି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବଢିବାରେ ଲାଗିଛି । ଖାଲି ବଡମାନେ ନୁହେଁ, ଛୋଟପିଲାମାନେ ମଧ୍ୟ ଏହାର ଶିକାର ହେବାରେ ଲାଗିଛନ୍ତି । ଭବିଷ୍ୟତର ନିଶ୍ଚତି ଏବଂ ପାରିବାରିକ ସମ୍ପର୍କରେ ବଢୁଥିବା ଫାଟ କାରଣରୁ ଅନେକ ସମୟରେ ନିଜର ମାନସିକ ସ୍ଥିତିକୁ ଅନ୍ୟସହ ସେୟାର କରିବାକୁ ମଧ୍ୟ ଅନେକ ପଛଘୁଞ୍ଚା ଦେଉଛି । ପ୍ରତିଟି ପରିବାରରେ ଅଭିଭାବକମାନେ ନିଜ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଥାନ୍ତି । ମାତ୍ର ଏହି ଗୁରୁତ୍ୱ ଭିତରେ ସେମାନେ ପିଲାଙ୍କର ମାନସିକ ସ୍ୱାସ୍ଥ୍ୟ ଦିଗ ପ୍ରତି ଅନେକ ସମୟରେ ଅଣଦେଖା କରିଥାନ୍ତି । ଆମେରିକା ଏକ ଗବେଷଣା ରିପୋର୍ଟ ଅନୁସାରେ ସେଠାରେ ପୁଅଙ୍କ ଠାରୁ ଝିଅଙ୍କ ମାନସିକ ଅସ୍ଥିରତା ବେଶ୍ ଅଧିକ । ଭବିଷ୍ୟତ ନିଷ୍ପତି, ପରିବାର ସମସ୍ୟା ଏବଂ ପରୀକ୍ଷା ଆଦି ଏହାର କାରଣ ରହିଥାଏ । ପିଲାଙ୍କ ମଧ୍ୟରେ ବଢୁଥିବା ଏହି ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଆମେରିକାର ରାଜ୍ୟ ଅରେଗନ୍ ପକ୍ଷରୁ ପିଲାଙ୍କୁ ଛୁଟି ଦେବାର ବ୍ୟବସ୍ଥା ଆରମ୍ଭ ହୋଇଛି । ଯେପରି ପିଲାମାନେ ଅସୁସ୍ଥ ହେଲେ, ରୋଗଗ୍ରସ୍ଥ ହେଲେ ଛୁଟି ନେଇଥାନ୍ତି ଠିକ୍ ସେହିପରି ମାନସିକ ଚାପ କାରଣରୁ ଅସୁସ୍ଥ ରହିଲେ ସେମାନେ ଏବେ ନେଇପାରିବେ ଛୁଟି । ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଗତ କିଛି ବର୍ଷ ଧରି କିଶୋର କିଶୋରୀଙ୍କ ମଧ୍ୟରେ ଆତ୍ମହତ୍ୟା ସାନସକତା ବଢିବାରେ ଲାଗିଛି । ତେଣୁ ସେମାନଙ୍କୁ ବିଶ୍ରାମ ଦେବା, ଚିକିତ୍ସା କରାଇବା ନିମନ୍ତେ ଆମେ ଏହି ବ୍ୟବସ୍ଥା ଗ୍ରହଣ କରିଛୁ ।

# ଚର୍ଚ୍ଚିତ ଗଛ

ଗଛ ମଣିଷର ବନ୍ଧୁ । ପରିବେଶକୁ ସ୍ୱଚ୍ଛ ରଖିବାରେ ଗଛର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅନେକ ସ୍ଥାନରେ ଗଛକୁ ଦେବାଦେବୀ ଭାବେ ପୂଜା କରାଯାଇଥାଏ । ଏହି ପୂଜାର୍ଚ୍ଚନା ମାଧ୍ୟମରେ ଧର୍ମୀୟ ଭାବନା ସହ ପରିବେଶ ସୁରକ୍ଷାର ବାର୍ତ୍ତା ମଧ୍ୟ ଦିଆଯାଏ । ଏବେ କିନ୍ତୁ କେତେକ ସ୍ଥାନରେ ମଣିଷର ଗଛ ପୂଜା ପରିବେଶ ପାଇଁ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛି । ସେହିପରି କେତେକ ଗଛ ନିଜର ବିଶେଷତ୍ୱ ପାଇଁ ଚର୍ଚ୍ଚରେ ରହିଛି ।

# ଜୈବିକ କୃଷିର ନୂଆ ଦିଗ 'ଜୀବାମୃତ'

ଜୈବିକ କୃଷିକୁ ଏବେ ସମସ୍ତେ ଆପଣେଇବାକୁ ତତ୍ପର । ଜଆଖତ, ପଞ୍ଚଗବ୍ୟ, ଦଶଗବ୍ୟ ବ୍ୟବହାର ବାଦ୍ ସମ୍ପ୍ରତି ଜୀବାମୃତକୁ ଜୈବିକ କୃଷି ପାଇଁ ବ୍ୟବହାର କରାଯାଉଛି । ଜବାମୃତର ଚାହିଦା ଏବେ ବଢ଼ିବାକୁ ଲାଗିଛି ଏବଂ ତା' ସହ ଜୈବିକ କୃଷିର ଏକ ନୂଆ ଦିଗ ଭାବେ ଏହା ଉଭା ହୋଇଛି । ଜୀବାମୃତ ଏକ ତରଳ ଜୈବିକ ଖତ । ନାଇଟ୍ରୋଜେନ୍, ପଟାସ୍, କାର୍ବନ୍ ପରି ପୋଷକତତ୍ତ୍ୱ ଯୋଗାଇଲା ଭଳି ଏକ ନୂତନ ଆରମ୍ଭ ଜୀବାମୃତ । ଏହାକୁ ଖୁବ୍ ସହଜ ଉପାୟରେ ଏକ କମ୍ ସମୟ ମଧ୍ୟରେ ପ୍ରସ୍ତୁତ କରାଯାଇପାରେ । ଜୀବାମୃତ ସହିତ ଅନ୍ୟ ଖତକୁ ମିଶ୍ରିତ କରି ମଧ୍ୟ ବ୍ୟବହାର କରାଯାଇହେବ । ଏହାକୁ ପ୍ରସ୍ତୁତ କରିବା ପାଇଁ ୧ ହଜାର ଲିଟର ପାଣି, ୫୦ କିଗ୍ରା ଗୋବର, ୧୦-୧୨ କିଗ୍ରା ବେସନ, ୧୦-୧୨ କିଗ୍ରା ଗୁଡ, ଗଛ ମୂଳରୁ କିଛି ବାଲି ବ୍ୟବହାର କରାଯାଏ । ଏସବୁକୁ ଗୋଟିଏ ପାତ୍ରରେ ମିଶ୍ରଣ କରି ଗୋଳାଇ ସୂର୍ଯ୍ୟାଲୋକଠାରୁ ଦୂରରେ ଅର୍ଥାତ୍ ଛାଇ ସ୍ଥାନରେ ରଖିବେ । ଚାରି ଦିନ ପର୍ଯ୍ୟନ୍ତ ପ୍ରତ୍ୟହ ୧୦ ମିନିଟ୍ ଲେଖା ଏହି ମିଶ୍ରଣକୁ ଭଲ ଭାବେ ଘାଣ୍ଟିବା ଆବଶ୍ୟକ ।



୧୦-୧୨ ଦିନ ପରେ ଏହା ବ୍ୟବହାର ଉପଯୋଗୀ ହୋଇଯାଏ । ଏହାକୁ ବଗିଚା କିମ୍ବା ଚାଷ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ । ଜୀବମୃତ ମାଟିର ଉର୍ବରତା ବଢ଼ାଇବା ସହିତ ମିତ୍ର ଜୀବାଣୁ ସଂଖ୍ୟା ବୃଦ୍ଧି କରେ । ଜୀବାମୃତର ବ୍ୟବହାର ମାଟିରେ ଜିଆ ସଂଖ୍ୟା ବୃଦ୍ଧି କରିବ । ଯାହାଦ୍ୱାରା ମାଟି ହାଲୁକା ହେବା ସହ ମାଟିର ଜଳଧାରଣ କ୍ଷମତା ବୃଦ୍ଧି ପାଇବ । ଏହାକୁ ସ୍ପ୍ରେ' ଭାବରେ ମଧ୍ୟ ବ୍ୟବହାର କରାଯାଇପାରେ । ବର୍ତ୍ତମାନ ରାସାୟନିକ ସାରର ବିକଳ୍ପ ଭାବେ ଜୀବାମୃତ ବେଶ୍ ଆଦୃତ ଓ ଗ୍ରହଣୀୟ ।

# ଇଲୋନ୍ ମସ୍କଙ୍କ କାମ କରିବାର ଶୈଳୀ

*ଇଲେକ୍ଟ୍ରୋନିକ୍ କମ୍ପାନୀ 'ଟେଲ୍‌ସା'ର ମାଲିକ ହେଉଛନ୍ତି ଇଲୋନ୍ ମସ୍କ । ଅନ୍ୟ ଏକ ଚର୍ଚ୍ଚିତ କମ୍ପାନୀ 'ସ୍ପେସ୍‌ଏକ୍ସ'ର ମୁଖ୍ୟ ଭାବେ ମଧ ସେ ସୁଚାରୁ ରୂପେ ଦାୟିତ୍ୱ ତୁଲାଉଛନ୍ତି । କମ୍ପାନୀର ପରାମର୍ଶଦାତା ଏକ ସାକ୍ଷାତକାର୍‌ରେ କହିଥିଲେ, ବିଦ୍ୟୁତଚାଳିତ କାର୍ ଟି-୩ର ତିଆରି ସମୟରେ ଇଲୋନ୍ କାର୍ଯ୍ୟାଳୟରେ ହିଁ ଶୋଉଥିଲେ । କାମକୁ କିଭଳି ଭାବେ ଯଥା ସମୟ ଭଲ ଭାବେ ଜଣା । ତାଙ୍କ କାର୍ଯ୍ୟଶୈଳୀ ନିମନ୍ତେ ଇଲୋନ୍ ଆଜି ପୂରା ବିଶ୍ୱସ୍ତରରେ ଚର୍ଚ୍ଚିତ ।*



- କୌଣସି କର୍ମଚାରୀଙ୍କ ପାଖରେ କାର୍ଯ୍ୟଶୈଳୀ ସମ୍ପର୍କରେ ଇଲୋନ୍ ଅବଗତ ହେଲେ, ତାଙ୍କୁ ବ୍ୟକ୍ତିଗତ ଭାବେ ସେ ମେଲ୍ କରି ବୁଝାନ୍ତି ।
- କର୍ମଚାରୀଙ୍କ ଉପରେ କାମର ଚାପକୁ ସେ ଲଦୁନଥିବା ବେଳେ ଲମ୍ବା ସମୟ ମିଟିଂ କରିବାକୁ ଇଲୋନ୍ ଆଦୌ ପସନ୍ଦ କରନ୍ତି ନାହିଁ ।
- ତାଙ୍କ କାର୍ଯ୍ୟାଳୟରେ ଯଦି ମିଟିଂ ହୁଏ, ଏଥିରେ ସମସ୍ତ କର୍ମଚାରୀ ଯୋଗଦେବାର ନିୟମ ବାଧବାଧକତା ହୋଇନଥାଏ ।
- କର୍ମଚାରୀଙ୍କୁ ସେ ପରାମର୍ଶ ଦିଅନ୍ତି, ନିଜ ବୁଦ୍ଧିକୁ ଉପଯୋଗ କର । ଅଯଥା ନିୟମକୁ ପାଳନ କରିବାରେ କିଛି ଲାଭ ମିଳେନାହିଁ । ବୋଲି ତାଙ୍କ ମତ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମନ୍ଦ ଉଦ୍ଦେଶ୍ୟ...

ଅତ୍ୟାଧୁନିକ ଆଣବିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ, ପ୍ରତିରକ୍ଷା ଉପକରଣ ସମୃଦ୍ଧ, ବୈଷୟିକ ଜ୍ଞାନକୌଶଳରେ ଅଗ୍ରଣୀ ଓ ସାମ୍ରାଜ୍ୟବାଦୀ ଆଭିମୁଖ୍ୟ ସମ୍ପନ୍ନ ଚୀନ୍‌କୁ ବାରୁଦ ଯୁଦ୍ଧରେ ଏତେ ସହଜରେ ବିଶ୍ୱର କୌଣସି ଶକ୍ତି ପରାଜିତ କରିବା ସମ୍ଭବ ନୁହେଁ । ଏହି ବାସ୍ତବତାକୁ ଅବଶିଷ୍ଟ ବିଶ୍ୱ ପରୋକ୍ଷରେ ସ୍ୱୀକାର କରିନେଇଥିବା ଚୀନ୍ ନିଶ୍ଚିତ ଅଛି । ତେଣୁ ସାମରିକ ଶକ୍ତି ବଳରେ ପଡ଼ୋଶୀ ଦେଶମାନଙ୍କୁ ଭୟଭୀତ କରି ସମଗ୍ର ଦକ୍ଷିଣ-ଏସିଆରେ ଆଧିପତ୍ୟ ବିସ୍ତାର ଆରମ୍ଭ କରିଛି । ନିଜକୁ ଅପରାଜେୟ ଭାବୁଥିବା ଚୀନ୍ କିନ୍ତୁ ଇତିମଧ୍ୟରେ ଆଉ ଏକ ଯୁଦ୍ଧରେ ପରାଜୟ ସ୍ୱୀକାର କରିନେଇଛି । ଏଭଳି ସ୍ଥିତିରେ କୋଭିଡ୍-୧୯ ମହାମାରୀ ଅପବାଦ ତାକୁ ଆହୁରି ଅପମାନିତ କରିଛି । ପରାଜୟର ଗ୍ଲାନି, ଅପବାଦ, ଅସୁରକ୍ଷିତ ଭାବନା ଚୀନ୍‌କୁ ଉଗ୍ର ଓ ଉନ୍ମାଦ କରିଛି । ଏବଂ ତାହା ପ୍ରତିଫଳିତ ହୋଇଛି ଭାରତର ସୀମାନ୍ତରେ । ଚୀନ୍‌ର ଭାରତ ବିରୋଧୀ ଆଭିମୁଖ୍ୟ ଏତେ ଉଗ୍ର ହୋଇନଥା'ନ୍ତା ଯଦି ତା'ର (ଚୀନ୍) ପରାଜୟରୁ ଏସିଆର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାରତ ପରୋକ୍ଷରେ ଉପକୃତ ହୋଇ ନଥାନ୍ତା । ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁଟିଓ)ରେ ଚୀନ୍ ଯୋଗ ଦେବାର ଇତିମଧ୍ୟରେ ୧୮ ବର୍ଷ ପୂରିଛି । ଉଲ୍ଲେଖଯୋଗ୍ୟ, ଡବ୍ଲୁଟିଓ ହିଁ ଚୀନ୍‌କୁ ବିଶ୍ୱରେ ଦ୍ୱିତୀୟ ଅର୍ଥନୈତିକ ମହାଶକ୍ତି କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଛି ଏବଂ ପ୍ରତିବଦଳରେ ଜଗତୀକରଣର ମୂଳ ଲକ୍ଷ୍ୟ ଅଧିକାଂଶ ଚୀନ୍ ସହାୟତାରେ ପୂରଣ ହୋଇଛି । ଏହି ନିରବଚ୍ଛିନ୍ନ ଧାରାରେ କିନ୍ତୁ ୨୦୧୭ ମସିହାରେ କିଛି ପ୍ରତିବନ୍ଧକ ସୃଷ୍ଟି ହେଲା ଏବଂ ୨୦୧୮-୧୯ରେ ଆମେରିକା ସହିତ ତିକ୍ତତା ଓ ବାଣିଜ୍ୟ ଯୁଦ୍ଧ ପରେ ମନ୍ଥର ହେବାରେ ଲାଗିଲା । କୋଭିଡ୍ ୧୯ ମହାମାରୀ ଏହି ଧାରାକୁ ପୂରାପୁରି ବନ୍ଦ କରିଦେଲା । ଡବ୍ଲୁଟିଓର ନୀତି ଓ ନିୟମ ଅନୁଯାୟୀ ଏହାର ସଦସ୍ୟ ରାଷ୍ଟ୍ରମାନେ 'ବଜାର ଅର୍ଥନୀତି'ର ମାନ୍ୟତା ପାଇବାକୁ ହେଲେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟର ଉତ୍ପାଦନ ଖର୍ଚ୍ଚ ଓ ବିକ୍ରି ମୂଲ୍ୟ ମଧ୍ୟରେ ଏକ ନୈତିକ ଓ ପ୍ରମାଣସିଦ୍ଧ ତଫାତ୍ (ଲାଭ) ରଖିବାକୁ ପଡ଼ିବ । ଅର୍ଥାତ୍ ଉଦ୍ଦେଶ୍ୟମୂଳକ ବା ଅନୈତିକ ଭାବେ କୌଣସି ରାଷ୍ଟ୍ର ଅନ୍ୟ ସଦସ୍ୟ ରାଷ୍ଟ୍ରମାନଙ୍କ ବଜାରରେ ସେମାନଙ୍କ ଉତ୍ପାଦକୁ ଅଧିକ ଶସ୍ତା କିମ୍ବା ଅଧିକ ମହଙ୍ଗାରେ ବିକ୍ରି କରିପାରିବେ ନାହିଁ । ଯଦି କୌଣସି ଦେଶ ଏଥିରେ ଖିଲାପ କରେ ବା ଅନ୍ୟ ସଦସ୍ୟ ରାଷ୍ଟ୍ରର ବଜାରକୁ ନିଜ ଦଖଲକୁ ଆଣିବା ପାଇଁ ଅଭିସନ୍ଧିମୂଳକ ଭାବେ ଅତି ଶସ୍ତାରେ ସାମଗ୍ରୀ ବିକ୍ରି କରୁଥିବା ପ୍ରମାଣିତ ହୁଏ ତେବେ ସମ୍ପୃକ୍ତ ସଦସ୍ୟ ରାଷ୍ଟ୍ର 'ବଜାର ଅର୍ଥନୀତି' ମାନ୍ୟତା ହରାଏ । ଏହି ମାନ୍ୟତା ପାଇଥିବା ରାଷ୍ଟ୍ରର ରପ୍ତାନୀ ସାମଗ୍ରୀ ଉପରେ ଅନ୍ୟ ସଦସ୍ୟ ରାଷ୍ଟ୍ର ଶୂନ୍ୟ ଶୁଳ୍କ କିମ୍ବା ମାମୁଲି ଶୁଳ୍କ କରିଥା'ନ୍ତି(ଏହାର ସୁବିଧା ନେଇ ଚୀନ୍ ବିଶ୍ୱ ବଜାରରେ ନିଜ ଆଧିପତ୍ୟ ବିସ୍ତାର କରିଆସିଛି) ସେହିଭଳି ଯଦି କୌଣସି ରାଷ୍ଟ୍ର 'ବଜାର ଅର୍ଥନୀତି' ମାନ୍ୟତା ହରାଏ ତେବେ ଅନ୍ୟ ସଦସ୍ୟ ରାଷ୍ଟ୍ରର ସ୍ୱୀକୃତି ପ୍ରାପ୍ତ ସଂସ୍ଥା କିମ୍ବା ଡବ୍ଲ୍ୟୁଟିଓର ସ୍ୱୀକୃତିପ୍ରାପ୍ତ ଅଧିକାରୀମାନେ ମାନ୍ୟତା ହରାଇଥିବା ରାଷ୍ଟ୍ରର ରପ୍ତାନୀ ସାମଗ୍ରୀର ମୂଲ୍ୟ ଯାଞ୍ଚ କରିପାରିବେ । କମ୍ ମୂଲ୍ୟରେ ବା ଶସ୍ତାରେ ସାମଗ୍ରୀ ବିକ୍ରି (ଏବେ ଯେଭଳି ଭାରତରେ ଚୀନ୍ ଶସ୍ତାରେ ସାମଗ୍ରୀ ବିକ୍ରି କରୁଛି) ଉପରେ କଟକଣା ଜାରି କରିବେ ଏବଂ ଅଧିକ ଶୁଳ୍କ ଲାଗୁ କରିପାରିବେ । ତେଣୁ ସମ୍ପୃକ୍ତ ଦେଶର ରପ୍ତାନୀକାରୀମାନେ ପ୍ରତିଥର ଉତ୍ପାଦନ ଓ ଆନୁଷଙ୍ଗିକ ଖର୍ଚ୍ଚ ଏବଂ ବିକ୍ରି ଦର ମଧ୍ୟରେ ଥିବା ସ୍ୱଚ୍ଛତା ପ୍ରମାଣିତ କରିବାକୁ ପଡ଼ିଥାଏ । ଡବ୍ଲୁଟିଓରେ ଚୀନ୍ ଯୋଗ ଦେଇଥିଲା ୨୦୦୧ ଡିସେମ୍ବର ୧୧ ତାରିଖରେ । ସେହି ସମୟରେ ହୋଇଥିବା ଚୁକ୍ତି (ଚାଇନାସ୍ ପ୍ରୋଟୋକଲ୍ ଅଫ୍ ଆସେସନ)ର ଧାରା ୧୫ ଅନୁଯାୟୀ ଚୀନ୍‌କୁ ଯେ କୌଣସି ସଦସ୍ୟ ରାଷ୍ଟ୍ର ଚାହିଁଲେ ଅଣ-ବଜାର ଅର୍ଥନୈତିକ ରାଷ୍ଟ୍ର ଭାବେ ଘୋଷଣା କରିପାରିବେ, କିନ୍ତୁ ଏହି ସର୍ତ୍ତ କେବଳ ୧୫ ବର୍ଷିଆ ମିଆଦ ପୂରଣ ହୋଇସାରିଛି । ଏଣୁ ଚୀନ୍ ସେହି ସର୍ତ୍ତକୁ ଚୁକ୍ତିରୁ ବାଦ୍ ଦେବାକୁ ଡବ୍ଲୁଟସଓର ଡିସ୍‌ପ୍ୟୁଟ୍ ସେଟଲ୍‌ମେଣ୍ଟ ଅଣ୍ଡରଷ୍ଟାଣ୍ଡିଂ କମିଟି (ବିବାଦ ବନ୍ଦୋବସ୍ତ ବୁଝାମଣା ସମିତି)ରେ ଆବେଦନ କରିଥିଲା । ଅପରପକ୍ଷରେ ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକ ସ୍ଥିତାବସ୍ଥା ଜାରି ରଖିବାକୁ ଡବ୍ଲୁଟିଓରେ ଜିଦ୍ ଧରିଥିଲେ । ଚୀନ୍‌ର ଏହି ପରାଜୟଜନିତ ଗ୍ଲାନି ଭାରତ-ଚୀନ୍ ପ୍ରକୃତ ନିୟନ୍ତ୍ରଣ ରେଖା ଅଞ୍ଚଳରେ ସାମରିକ ଉତ୍ତେଜନା ରୂପ ନେବା ପୂର୍ବରୁ ଯୋଜନାବଦ୍ଧ ଭାବେ ନେପାଳକୁ ଭାରତ ବିରୋଧରେ ଉସ୍‌କାଇଛି ଏବଂ ବାଂଲାଦେଶକୁ ବାଣିଜ୍ୟରେ ଅନୁଗୃହୀତ କରି ନିଜ ସପକ୍ଷରେ ନେବାକୁ ଉଦ୍ୟମ ଆରମ୍ଭ କରିଛି । ଲଦାଖ୍‌ର ନୂଆ ମାନଚିତ୍ର କିମ୍ବା ନିୟନ୍ତ୍ରଣ ରେଖା ନିକଟରେ ଭାରତର ସଡ଼କ ପଥ ନିର୍ମାଣ ଚୀନ୍ ପାଇଁ କେବଳ ଏକ ବାହାନା ମାତ୍ର । ଅସଲ କାରଣ ଲୁଚି ରହିଛି ବାଣିଜ୍ୟ ଯୁଦ୍ଧରେ । ଅଣ-ବଜାର ଅର୍ଥନୀତି ମାନ୍ୟତା ସହିତ ସୀମା ବିବାଦର କୌଣସି ସମ୍ପର୍କ ଯେ ନାହିଁ- ଏହାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରାଯାଇପାରିବ ନାହିଁ । କୋଭିଡ୍-୧୯ ସଂକ୍ରମଣ ପ୍ରସଙ୍ଗରେ ଆମେରିକା ନେତୃତ୍ୱରେ ଆରମ୍ଭ ହୋଇଥିବା ବିଶ୍ୱ ଅଭିଯାନରୁ ଭାରତକୁ ଦୂରେଇ ରଖିବା ଏବଂ ଚୀନ୍ ଉତ୍ପାଦିତ ସାମଗ୍ରୀକୁ ଅଣ-ବଜାର ଅର୍ଥନୀତି ମାନ୍ୟତାରୁ ବାଦ୍ ଦେବା ପାଇଁ ଭାରତ ଉପରେ ଚୀନ୍‌ର ଏହା ପରୋକ୍ଷ ଚାପ- ଏଥିରେ ସନ୍ଦେହ ନାହିଁ । ଚୀନ୍‌ର ଏହି ମନ୍ଦ ଉଦ୍ଦେଶ୍ୟ ସାକାର ହେବା ସମ୍ଭାବନା କମ୍ । ତେଣୁ ନିକଟ ଭବିଷ୍ୟତରେ ଚୀନ୍‌କୁ ଆଉ ଏକ ପରାଜୟ ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ ।

## କବିତା କୋଣାର୍କ

# ବରଷା ଆଗମେ ଧରା

ଅଶୋକ କୁମାର ପ୍ରଧାନ

ବରଷା ଆଗମେ ଏଇ ମୋ ପୃଥିବୀ
ଆହାକି ସୁନ୍ଦର ଦିଶେ
ତା ସିକ୍ତ ମାଟିର ମହକିଆ ବାସ୍ନା
ଚଉଦିଗେ ସତେ ବାସେ ।

ବରଷାର ଧାର ଚୁମେ ମାଟି ମୋର
ଭାବେ ହୁଏ ବିଭୋରିତ
ମାଟି ମା ମୋହର ନବ ଯଉବନେ
ହୁଏ ଆହା ପଲ୍ଲବିତ ।

ଶ୍ୟାମଳିମା ହୁଏ ଘାସର ଗାଲିଚା
ହସି ହସି ଯାଏ ବଢ଼ି
ଦେଖିଲେ ଲାଗଇ ପ୍ରତିଯୋଗୀ ଘାସ
ଖେଳୁଛି ମହୀରେ ଗୁଡ଼ି ।

ଘାସ ଗାଲିଚାରେ ନାଲି ଟୁକୁ ଟୁକୁ
ସାଧବ ବୋହୁର ଚାଲି
ତା ଚାଲି ଦେଖିଲେ ସକଳ ଯାତନା
ଯାଏ ଆପେ ମନୁ ଚାଲି ।

ଥୁଣ୍ଟା ଗଛ ଡାଳେ ଭରେ କିଶଳୟ
ନବନବ ରୂପ ଧରି
ଶ୍ୟାମଳ ଶାଢ଼ୀରେ ସଜେଇ ହୋଇ ସେ
ଲାଗେ ସରଗର ପରୀ ।

ବରଷା ପାଇଲେ କାନ୍ଧେ ହଳ ଧରି
ଚଷା ଯାଏ ଚାଷ କରି
ତା ଶ୍ରମ ଦାନରେ ଟାଙ୍ଗରା ଭୂଇଁରେର
ହସେ ଶସ୍ୟ ଥିରି ଥିରି ।

ଦୂର ଆକାଶରେ ଦଳ ଦଳ ହୋଇ
ଯାଆନ୍ତି ବିହଂଗ ଉଡ଼ି
ସେ ସୁନ୍ଦର ରୂପ ଲାଗଇ ଯେସନ
ଚଢ଼ନ୍ତି ସରଗ ଶିଢ଼ି ।

ସଞ୍ଜ ନଇଗଲେ ଦୂର ଗଛ ଡାଳେ
ଖଦ୍ୟୋତ ବୁଲନ୍ତି ହସି
ଚଉଦିଗେ ବୁଲି ବିତରି ଆଲୋକ
ଦିଅନ୍ତି ତମସା ନାଶି ।

ପୂର୍ଣ୍ଣ ଜଳାଶୟେ ବେଙ୍ଗୁଲୀ ରାଣୀର
ମନ ମତାଣିଆ ଡାକ
ତା ଡାକ ଶୁଣିଲେ ସକଳ ମାନବ
ପାସୋରନ୍ତ ମନ ଶୋକ ।

ବହିଯାଏ ଜଳ ଗାଁ ଦାଣ୍ଡେ ଯେବେ
ଲହଡି ମାଳାକୁ ଧରି
ଗାଁ ପିଲାଙ୍କର କାଗଜ ଡଙ୍ଗାଟା
ଭାସି ଡାକେ ହାତ ଠାରି ।

ଧୋଇଦିଏ ମନ ସନ୍ତାପ ବେଦନ
ବରଷା ଛୁଇଁଲେ ଧରା
ତନମନପ୍ରାଣ ପୁଲକିତ ହୁଏ
ଭାବେ ହୁଏଆତ୍ମହରା ।

+ ରୋହିଗାଁ, ଗଞ୍ଜାମ
ମୋ:୮୨୪୯୧୧୯୧୩୦

# ରୋଗୀଙ୍କ ପାଇଁ ଈଶ୍ୱର, ଲୁଇସ ପାଷ୍ଟର!

## ବୈଜ୍ଞାନିକଙ୍କୁ ନୂଆ ଆବିଷ୍କାର ପାଇଁ ପ୍ରେରଣା

**ଡାକ୍ତର ସୁରେନ୍ଦ୍ରନାଥ ଦାଶ**



କୁକୁଡାଙ୍କ ଠାରେ ହେଉଥିବା କଲେରା ରୋଗ ପାଇଁ ପାଷ୍ଟର ଟିକା ଉଦ୍ଭାବନ କରିଥିଲେ (୧୮୭୯) । ଆନ୍ଥ୍ରାକ୍ସରେ ସେତେବେଳେ ହଜାର ହଜାର ଗୋରୁ ଓ ମେଣ୍ଢା ମରୁଥିଲେ । ପାଷ୍ଟର ୪୨ ଡିଗ୍ରୀ ସେ. ଓ ପଟାସିଅମ ଡାଇକ୍ରୋମେଟ ବ୍ୟବହାର କରି ଆନ୍ଥ୍ରାକ୍ସ ଜୀବାଣୁକୁ ନିଷ୍କ୍ରିୟ କରି ଟୀକା ଆକାରରେ ପଶୁ ମାନଙ୍କ ଠାରେ ପ୍ରୟୋଗ କରି ଭଲ ଫଳ ପାଇଲେ । ଟୀକା ନେଇଥିବା ପଶୁଙ୍କ ଠାରେ ଜୀବାଣୁ ପ୍ରବେଶ କଲେ ମଧ୍ୟ ସେମାନେ ଆକ୍ରାନ୍ତ ହେଲେ ନାହିଁ ।

ମାନବ ଜାତିର ରୋଗ ଜୀବାଣୁ ବିରୁଦ୍ଧରେ ଚାଲିଥିବା ଲମ୍ବା ଯୁଦ୍ଧରେ ଯଦି କିଏ ସେନାପତି ପଦବାଚ୍ୟ ହୁଅନ୍ତି, ତାହାଲେ ସେ ଫ୍ରେଂଚ ବୈଜ୍ଞାନିକ ଲୁଇସ ପାଷ୍ଟର ହିଁ ଉପଯୁକ୍ତ ବ୍ୟକ୍ତି ହେବେ । "ରୋଗ ଯେ ଶୂନ୍ୟରୁ ହୁଏନା, ରୋଗର କାରଣ ଜୀବାଣୁ ଓ ସେମାନେ ଦେହରେ ପଶିଲେ ହିଁ ରୋଗର ସୃଷ୍ଟି ହୁଏ", ଏହି ତତ୍ତ୍ୱ ଭବିଷ୍ୟତର ବିଭିନ୍ନ ରୋଗର ଚିକିତ୍ସା ପାଇଁ ପଥ ପରିଷ୍କାର କରିଦେଲା । ପାଷ୍ଟର ଜଣେ ରାସାୟନବିତ ଓ ଅଣୁଜୀବ ବିଶାରଦ ହିସାବରେ ଜୀବନ ଆରମ୍ଭ କରିଥିଲେ । ୨୭ ଡିସେମ୍ବର ୧୮୨୨ ମସିହାରେ ଏକ ଗରୀବ ଚମଡା ବ୍ୟବସାୟୀଙ୍କ ଘରେ ସେ ଜନ୍ମ ଗ୍ରହଣ କରିଥିଲେ । ପିଲା ଦିନେ ସେ ଜଣେ ସାଧାରଣ ଛାତ୍ର ଥିଲେ ଓ ବାରମ୍ବାର ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ । ପରେ ଶିକ୍ଷାରେ ଉତମ ପ୍ରଦର୍ଶନ କରି ବିଜ୍ଞାନରେ ସ୍ନାତକ ହୋଇଥିଲେ । ବିଭିନ୍ନ ବିଶ୍ୱ ବିଦ୍ୟାଳୟରେ ସେ ଉଭୟ ରସାୟନ ଓ ପଦାର୍ଥ ବିଜ୍ଞାନର ପ୍ରଫେସର ରୂପେ କାର୍ଯ୍ୟ କରିଥିଲେ । ପରେ ସେ ନରମେଲ ଲାବୋରଟାର ଅଫ ଫିଜୋଲୋଜିକାଲ ସାଇନସର ଅଧ୍ୟକ୍ଷ ରୁପେ ଓ ପାଷ୍ଟର ଇନିଷ୍ଟିଚ୍ୟୁଟର ନର୍ଦ୍ଦେଶକ ରୁପେ ୧୮୮୭ ରୁ ମୃତ୍ୟୁ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ତାଙ୍କର ମର ଶରୀର କଫିନ ଆକାରରେ ସେହି ଅନୁଷ୍ଠାନର ଭୂମିତଳେ ସଂରକ୍ଷିତ ହୋଇରହିଛି ।

ଆଇସୋମର ଥିଓରୀ (Ismore Theory): ପାଷ୍ଟରଙ୍କର ଏହା ସବୁଠାରୁ ମୌଳିକ ଓ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର । ଜୈବିକ ବସ୍ତୁରୁ ବାହାରିଥିବା ଟାରଟାରିକ ଏସିଡ (Tartaric acid) ଦ୍ରବଣରେ ଆଲୋକ ଗଲା ବେଳେ ବିଛୁରିତ ହୁଏ । ମାତ୍ର ରାସାୟିନିକ ପ୍ରଣାଳିରେ ପ୍ରସ୍ତୁତ ଟାରଟାରିଚ ଏସିଡରେ ଏପରି ହୁଏ ନାହିଁ। ପାଷ୍ଟର ମତ ଦେଲେ, ଟାଟାରିକ ଦ୍ରବଣରେ ଓ SO Right ଓ Levo Left ଦୁଇ ପ୍ରକାର ଆଇସୋମର ରହନ୍ତି, ଯେଉଁମାନେ କି ପରସ୍ପରର ମିରର ଇମେଜ (Mirror image) ଅଟନ୍ତି । ସେ ପଦାର୍ଥର ଅପଟିକାଲ ଆଇସୋମର ଅବସ୍ଥାର ପ୍ରମାଣ କଲେ । ଅନେକଙ୍କ ମତରେ ଏହା ତାଙ୍କ ସର୍ବୋତ୍କୃଷ୍ଟ ମୌଳିକ ଉଦଭାବନ।

(Theory of Fermentation): ପାଷ୍ଟରଙ୍କ ଜଣେ ବନ୍ଧୁ ଏମ. ବିଗଟ ତାଙ୍କ ମଦ କାରଖାନାରେ ବିଟ ସୁଗାରର ମଦ ହେବାରେ କେତେକ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଚାହିଁଲେ । ଏ ବିଷୟରେ ଅନୁଧ୍ୟାନ କରି ପାଷ୍ଟର ଜାଣିଲେ ଯେ, ଅଙ୍ଗୁରକୁ ମଦରେ ପରିଣତ ପାଇଁ ଏକ ପ୍ରକାର ୟିଷ୍ଟର ଆବଶ୍ୟକତା ଅଛି । ୟିଷ୍ଟ ମଦକୁ ଭାଙ୍ଗି ଆଲକୋହଲ ଓ କାବରୋନିକ ଏସିଡ ବାହାର କରେ । ଏହି ୟୀଷ୍ଟ ଅଙ୍ଗୁର ଫଳର ଚୋପାରେ ଥାଏ । ଚୋପା କୁ ସଫା କଲେ ମଦ ହେବାରେ ବିଳମ୍ବ ହୁଏ। ସେହିପରି ଅନ୍ୟ ଏକ ବ୍ୟାକ୍‌ଟେରିଆ ସେଥିରେ ମିଶିଲେ ମଦକୁ ଖଟା କରି ଦିଏ। ଏହି ବ୍ୟାକ୍‌ଟେରିଆ ସୁଗାର ଓ ମଦ କୁ ଫେରମେଂଟ କରି ଲାକ୍ଟିକ ଏସିଡ ବାହାର କରେ । ଏହି ପ୍ରକ୍ରିୟା ବାୟୁ ବା ଅମ୍ଳଜାନର ସଂସ୍ପର୍ଶରେ ବିଳମ୍ବ ହୋଇଥାଏ ଓ ବାୟୁଶୂନ୍ୟ ଅବସ୍ଥାରେ ଏହା ତ୍ୱୋରାନ୍ୱିତ ହୋଇଥାଏ (Anaerobic state) ।

ଏହି କାରଣ ଯୋଗୁ କ୍ଷୀର ଦହିରେ ପରିଣତ ହୁଏ ଓ କ୍ଷୀର ଛିଣ୍ଡି ଯାଏ । ଏହାକୁ ବନ୍ଦ କରିବା ପାଇଁ ପାଷ୍ଟର କ୍ଷୀରକୁ ୬୦ ରୁ ୧୦୦ ଡିଗ୍ରୀ ସେଂଟିଗ୍ରେଡ ପର୍ଯ୍ୟନ୍ତ୨୦ ମିନିଟ ଗରମ କରିବାକୁ ଉପଦେଶ ଦେଲେ । ପାସ୍ଚୁରାଇଜେସନ୍ ଅଫ୍ ମିଲକ (Pasturasition Milk) ନାମରେ ଏହା ବିଶ୍ୱ ବିଖ୍ୟାତ ହୋଇଥିଲା ।

(Athrax and Rabis Vaccine): ସେ ସମୟର ଏହି ଦିଓଟି ଭୟଙ୍କର ମାରାତ୍ମକ ରୋଗ, ଆନ୍ଥ୍ରାକ୍ସ ଓ ଜଳାତଙ୍କ ପାଇଁ ପ୍ରତିଷେଧକ ଟୀକା ବାହାର କରି ଲୁଇସ ପାଷ୍ଟର ଅମର ହୋଇ ରହିଛନ୍ତି । କୁକୁଡାଙ୍କ ଠାରେ ହେଉଥିବା କଲେରା ରୋଗ ପାଇଁ ପାଷ୍ଟର ଟିକା ଉଦ୍ଭାବନ କରିଥିଲେ (୧୮୭୯) । ଆନ୍ଥ୍ରାକ୍ସରେ ସେତେବେଳେ ହଜାର ହଜାର ଗୋରୁ ଓ ମେଣ୍ଢା ମରୁ ଥିଲେ । ପାଷ୍ଟର ୪୨ ଡିଗ୍ରୀ ସେ. ଓ ପଟାସିଅମ ଡାଇକ୍ରୋମେଟ ବ୍ୟବହାର କରି ଆନ୍ଥ୍ରାକ୍ସ ଜୀବାଣୁକୁ ନିଷ୍କ୍ରିୟ କରି ଟୀକା ଆକାରରେ ପଶୁ ମାନଙ୍କ ଠାରେ ପ୍ରୟୋଗ କରି ଭଲ ଫଳ ପାଇଲେ । ଟୀକା ନେଇଥିବା ପଶୁଙ୍କ ଠାରେ ଜୀବାଣୁ ପ୍ରବେଶ କଲେ ମଧ୍ୟ ସେମାନେ ଆକ୍ରାନ୍ତ ହେଲେ ନାହିଁ । ଫ୍ରାନ୍ସରେ ରେଶମ ଚାଷ ଏକ ମୁଖ୍ୟ ବ୍ୟବସାୟ ଥିଲା । ୧୮୬୦ ମସିହା ବେଳକୁ ରେଶମ ପୋକ ମାନଙ୍କ ମଧ୍ୟରେ ପେବ୍ରିନ ଓ ଫ୍ଲାଚେରି ନାମକ ଦୁଇଟି ରୋଗ ବ୍ୟାପି ପ୍ରଭୂତ କ୍ଷତି ଘଟାଇଲା । ପାଷ୍ଟର ପରୀକ୍ଷା କରି ଜାଣିଲେ ଯେ, ଏକ ପ୍ରକାର ଜୀବାଣୁ ଦ୍ୱାରା ଏହି ରୋଗ ହେଉଛି । ଏହି ରୋଗ ମା ଠାରୁ ପିଲାକୁ ବ୍ୟାପେ । ସିଲକ୍ ପୋକର ଅଣ୍ଡାକୁ ପରୀକ୍ଷା କରି ଆକ୍ରାନ୍ତ ପୋକକୁ ମାରି ଦେଇ ରୋଗ କମାଯାଇ ପାରିଥିଲା ।

ରାବିସ୍ ବା ଜଳାତଙ୍କ ରୋଗର ଟୀକା ବାହାର କରି ପାଷ୍ଟର ବିଶ୍ୱବନ୍ଦନୀୟ ହୋଇଛନ୍ତି । ଏହା ଏକ ବିପଦପୂର୍ଣ୍ଣ ପରୀକ୍ଷା ଥିଲା । ପାଗଳା କୁକୁରର ନାଳ ସଂଗ୍ରହ କରି ଠେକୁଆ ଠାରେ ପ୍ରୟୋଗ କରାଗଲା ପରେ ଠେକୁଆର ସ୍ନାୟୁ କୁ ଗରମ କରି ଜୀବାଣୁକୁ ନିଷ୍କ୍ରିୟ କରାଯାଇ ପ୍ରଥମେ କୁକୁରଙ୍କ ଠାରେ ପ୍ରୟୋଗ କରାଗଲା । ଜୁଲାଇ ୬/୧୮୮୫ ଦିନ ଜୋସେଫ ମିଷ୍ଟର ନାମକ ଜଣେ ପିଲା ଠାରେ ଏହାର ପରିକ୍ଷା କରାଗଲା । ପିଲାଟିକୁ ଗୋଟିଏ ପାଗଳା କୁକୁର ସାଂଘାତିକ ଭାବରେ କାମୁଡି ଥିଲା । ତାକୁ ୧୩ ଟି ଇଂଜେକ୍‌ସନ୍ ଭାକସିନ୍ ଦିଆଗଲା ଓ ୩ମାସ ପରେ ପିଲାଟି ସୁସ୍ଥ ଥିବାରୁ ପରୀକ୍ଷା ସଫଳ ହେଲା ବୋଲି ଘୋଷଣା କରାଗଲା । ୨୦ ଅକ୍ଟୋବର ୧୮୮୫ରେ ପାସ୍‌ଚର ବାପ୍ଟିଷ୍ଟ ଜୁପଲେ ନାମକ ଜଣେ ରୋଗୀକୁ ସଫଳତାର ସହ ଚିକିତ୍ସା କଲେ ଓ ସାରା ବିଶ୍ୱରେ ଏହାର ପ୍ରୟୋଗ କରାଯାଇ ଲକ୍ଷ ଲକ୍ଷ ଲୋକଙ୍କୁ ବଂଚାଗଲା। ଏହି ପରୀକ୍ଷା ବେଳେ ପାଷ୍ଟର ନିଜେ ଏକ କାଚନଳି ଦ୍ୱାରା ପାଟିରେ ପୁରାଇ ପାଗଳା କୁକୁରର ଲାଳ ସଂଗ୍ରହ କରିବାର ଖବର ବିଶ୍ୱରେ ଚମକ ଖେଳାଇ ଦେଇଥିଲା । ସେପ୍ଟେମ୍ବର ୨୮/୧୮୯୫ରେ ଏହି ମହାନ ବୈଜ୍ଞାନିକଙ୍କ ମୃତ୍ୟୁ ଘଟିଲା । ତାଙ୍କ ସ୍ମୃତିରେ ପାଷ୍ଟର ଇନ୍‌ଷ୍ଟିଚ୍ୟୁଟ ଓ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଛି । ସାରା ବିଶ୍ୱର ଅଧିକାଂଶ ଦେଶରେ ରାସ୍ତା, ପାର୍କ, ହସପିଟାଲ ତାଙ୍କ ନାମରେ ପ୍ରତିଷ୍ଠା ହୋଇଛି । ତାଙ୍କ ସମ୍ମାନରେ ୟୁନେସ୍କୋ ପ୍ରତି ଦୁଇ ବର୍ଷରେ ପାଷ୍ଟର ପୁରସ୍କାର ପ୍ରଦାନ କରୁଛି । ବିଜ୍ଞାନ କ୍ଷେତ୍ରରେ ସେ ରବଗ୍ଷଷରକ୍ସ କ୍ଟଲ ଗସମକ୍ସକ୍ଟ ଇସକ୍ଟକ୍ଷକ୍ଟଶଛ ନାମରେ ବିଶ୍ୱ ବିଖ୍ୟାତ । ତାଙ୍କର ଉକ୍ତି "Chance favored the prepared mind" ଯୁଗେ ଯୁଗେ ବୈଜ୍ଞାନିକ ମାନଙ୍କୁ ନୂତନ ଆବିଷ୍କାର ପାଇଁ ପ୍ରେରଣା ଯୋଗାଇ ଦେଉଥିବ ।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ,
ମୋ:୯୪୩୭୨୩୫୩୮୬

# ବିଫଳତା ଦିଗରେ ଆଦିବାସୀ ବିକାଶ ଯୋଜନା!

**ଶରତ କୁମାର ରାଉତ**



ଆଦିବାସୀ ମଣିଷର ସର୍ବାଙ୍ଗୀନ ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ଏହାର ସୁଫଳ ଆଦିବାସୀ ମଣିଷ ମାନଙ୍କ ପାଖରେ ପହଂଚି ପାରିନାହିଁ। ଏହାର କାରଣ ହିଁ ମୁଖ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବେ ମଧ୍ୟ ପ୍ରାୟ ୯୦ ଭାଗ ଆଦିବାସୀ ବାସିନ୍ଦା ଦାରିଦ୍ର୍ୟ ସୀମାରେଖା ତଳେ ଅବସ୍ଥାନ କରୁଛନ୍ତି। ପ୍ରାୟ ୬୦ ଭାଗ ଆଦିବାସୀ ମଣିଷ ଅନାହାର, ଅର୍ଦ୍ଧାହାର ଓ ଅଳ୍ପାହାରର ବଳୟ ଭିତରେ ବଂଚୁଛନ୍ତି। କ୍ରମେ ସେମାନଙ୍କର ଆର୍ଥିକ ଅବସ୍ଥା ଗମ୍ଭୀର ହୋଇ ଚାଲିଛି। ପ୍ରତି ମୁହୂର୍ତ୍ତରେ ଆଦିବାସୀ ଅଂଚଳରେ ବିଭିନ୍ନ ମାରାତ୍ମକ ରୋଗ ଜନିତ ହେଉ କି ଅନାହାର ଜନିତ ମୃତ୍ୟୁର ତାଣ୍ଡବ ସେମାନଙ୍କ ପାଇଁ ଯେମିତି ଅଭିଶାପ ହୋଇଛି। ତଥାପି ସରକାର ସେମାନଙ୍କର ଉନ୍ନତି ପାଇଁ କାମ କରୁଥିବା ପ୍ରଚାର କରି ଚାଲିଛନ୍ତି।

ଦେଶର ମୋଟ ଜନସଂଖ୍ୟାର ୮.୦୮ ଶତକଡ଼ା ଅର୍ଥାତ୍ ୭କୋଟିରୁ ଉର୍ଦ୍ଧ୍ୱ ଆଦିବାସୀ ବାସିନ୍ଦାଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସରକାର କାର୍ଯ୍ୟ କରିବାକୁ ଆମ ସମ୍ବିଧାନରେ ସ୍ୱତନ୍ତ୍ର ବିଧି ବ୍ୟବସ୍ଥା ରହିଛି। ଏଥିପାଇଁ ପଂଚମ ପଂଚବାର୍ଷିକ ଯୋଜନାରେ ଆଦିବାସୀ ଉପଯୋଜନାକୁ ପ୍ରଥମ କରି ଅନ୍ତର୍ଭୁକ୍ତ କରାଯାଇଥିଲା। ସେମାନଙ୍କ ସଂଖ୍ୟାନୁପାତରେ ରାଜ୍ୟ ଯୋଜନା, କେନ୍ଦ୍ରୀୟ ଯୋଜନା ଆଦିରେ ପର୍ଯ୍ୟାପ୍ତ ପାଣ୍ଠିର ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ଆଦିବାସୀମାନଙ୍କ ସାମୁହିକ ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବାକୁ ୧୯୯୯ ମସିହା ଅକ୍ଟୋବରରେ ଆଦିବାସୀ ବ୍ୟାପାର ନାମକ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ କରାଯାଇଥିଲା। ଆଦିବାସୀଙ୍କ ବିକାଶ ଲାଗି ଉଦ୍ଦିଷ୍ଟ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ଗୁଡ଼ିକର ପ୍ରସ୍ତୁତି ତଥା ଆନୁଷଙ୍ଗିକ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଏହି ମନ୍ତ୍ରଣାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଇତିମଧ୍ୟରେ ଆଦିବାସୀ ମଣିଷର ଉନ୍ନତି ପାଇଁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ହଜାର ହଜାର କୋଟି ଟଙ୍କାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଛି। ସେଥିରେ ସମ୍ବିଧାନର ୨୭୫(୧) ଧାରା ଅନୁଯାୟୀ ପରିବାର ଭିତିକ କାର୍ଯ୍ୟକ୍ରମ ତଥା ଆୟ ସୃଷ୍ଟିକାରୀ ଯୋଜନା କାର୍ଯ୍ୟକାରୀ ପାଇଁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳକୁ ବିଶେଷ ଅନୁଦାନ ଯୋଗାଇ ଦିଆଯାଉଛି। ସେହିପରି ଆଦିମ ସଂପ୍ରଦାୟ ରୂପେ ଚିହ୍ନଟ କରାଯାଇଥିବା ୭୫ଟି ଆଦିବାସୀ ଗୋଷ୍ଠୀର ସର୍ବାଙ୍ଗୀନ ବିକାଶ ପାଇଁ ୧୯୯୮-୯୯ ଆର୍ଥିକ ବର୍ଷରେ ଏକ ନୂଆ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏହି ଯୋଜନା ଅଧୀନରେ ସମନ୍ୱିତ ଆଦିବାସୀ ବିକାଶ ଯୋଜନା ଓ ଆଦିବାସୀ ଗବେଷଣା ପ୍ରତିଷ୍ଠାନକୁ ଆର୍ଥିକ ସହାୟତା ଯୋଗାଇ ଦିଆ ଯାଉଛି। ଏଥିସହ ବିଭିନ୍ନ ଆଦିବାସୀ କଲ୍ୟାଣ ଯୋଜନା ଓ ଏହି ସଂପ୍ରଦାୟର ଉନ୍ନତି ପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକୁ ମଧ୍ୟ ଏହି ଯୋଜନା ମାଧ୍ୟମରେ ପର୍ଯ୍ୟାପ୍ତ ଅନୁଦାନ ଯୋଗାଇ ଦିଆଯାଉଛି। ସେହିପରି ଆଦିବାସୀ ଉପଯୋଜନା ପରିସର ଭୁକ୍ତ ଅଂଚଳରେ କାର୍ଯ୍ୟକାରୀ ଆଶ୍ରମ ବିଦ୍ୟାଳୟ ପ୍ରତିଷ୍ଠା ଓ ପରିଚାଳନା ପାଇଁ କୋଟି କୋଟି ଟଙ୍କା ଯୋଗାଇ ଦିଆ ଯାଉଛି।

ଆଦିବାସୀ ଯୁବକ ଯୁବତୀଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି କରି ସେମାନଙ୍କ ପାଇଁ ଅଧିକ ନିଯୁକ୍ତି ଓ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି କାର୍ଯ୍ୟକାରୀ ଧନ୍ଦାମୂଳକ ତାଲିମ ଯୋଜନା ବାବଦରେ କୋଟି କୋଟି ଟଙ୍କା ଯୋଗାଇ ଦିଆଯାଉଛି। ସ୍ୱଳ୍ପ ସାକ୍ଷରତା ସଂପନ୍ନ ଅଂଚଳରେ ଆଦିବାସୀ ବାଳିକାଙ୍କ ଶିକ୍ଷା ଯୋଜନା ବାବଦରେ କୋଟିକୋଟି ଟଙ୍କା ଯୋଗାଇ ଦିଆ ଯାଉଛି। ଏହି ଯୋଜନା ମୁଖ୍ୟତଃ ମହିଳା ସାକ୍ଷରତା ହାର ୧୦ ଶତକଡ଼ାରୁ କମ୍ ଥିବା ଅଂଚଳରେ କାର୍ଯ୍ୟକାରୀ ହେଉଛି। ଆଦିବାସୀ ମାନଙ୍କୁ ବାଣିଜ୍ୟିକ ଶୋଷଣ ଓ ଦଲାଲ ମାନଙ୍କ କବଳରୁ ରକ୍ଷା ପାଇଁ ଗଠିତ ଆଦିବାସୀ ସମବାୟ ବିପଣନ ଉନ୍ନୟନ ମହାସଂଘ ଆଦିବାସୀ ମାନଙ୍କୁ ବିଭିନ୍ନ ଲଘୁ ବନଜାତ ଦ୍ରବ୍ୟ ଓ ବଳକା କୃଷିଜାତ ଦ୍ରବ୍ୟର ବିପଣନ ପାଇଁ ସହାୟତା ଯୋଗାଇ ଦେଉଛି। ଲଘୁ ବନଜାତ ଦ୍ରବ୍ୟ କାରବାର ପାଇଁ କେନ୍ଦ୍ର ସରକାର ଆଦିବାସୀ ଉନ୍ନୟନ ନିଗମ, ବନ ଉନ୍ନୟନ ନିଗମ ଓ ଲଘୁ ବନଜାତ ଦ୍ରବ୍ୟ ଉନ୍ନୟନ ମହାସଂଘକୁ ଅନୁଦାନ ଯୋଗାଇ ଦେଉଛି। ସେହିପରି ଗ୍ରାମୀଣ ଶସ୍ୟ ବ୍ୟାଙ୍କ୍ ଯୋଜନାରେ ହଜାର ହଜାର ଶସ୍ୟ ବ୍ୟାଙ୍କ ଗଠିତ ହୋଇଛି। ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ବୃତି ଯୋଜନାରେ ଅନୁଦାନ ଯୋଗାଇ ଦିଆଯାଉଛି। ଆଦିବାସୀ ମାନଙ୍କର ବିଭିନ୍ନ ଆୟ ସୃଷ୍ଟିକାରୀ ଯୋଜନା ପାଇଁ ଗଠିତ ଜାତୀୟ ଆଦିବାସୀ ଅର୍ଥ ଉନ୍ନୟନ ନିଗମ ଆଦିବାସୀ ମାନଙ୍କୁ ଶହଶହ କୋଟି ଟଙ୍କାର ଋଣ ଯୋଗାଇ ଦେଉଛି।

ଉପରୋକ୍ତ ଆଦିବାସୀ ଉନ୍ନୟନ ଯୋଜନା ଛଡ଼ା ଆଦିବାସୀଙ୍କ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଅନୁଦାନ ଓ ସାଧାରଣ ସେବା ରହିଛି। କିନ୍ତୁ ଏହାର କଣିଚାଏ ସୁଫଳ ସାଧାରଣ ଆଦିବାସୀ ମଣିଷ ପାଖରେ ପହଂଚି ପାରୁନଥିବା ଯୋଗୁ ଯୋଜନା ଗୁଡ଼ିକ ବିଫଳ ହୋଇ ଚାଲିଛି। ଯୋଜନା ଗୁଡ଼ିକ କେବଳ କାଗଜପତ୍ରରେ କାର୍ଯ୍ୟକାରୀ ହୋଇ କୋଟିକୋଟି ଟଙ୍କା ହରିଲୁଟ୍ ହେଉଛି। ଯୋଜନାବଦ୍ଧ ଭାବେ ଗରିବ ଆଦିବାସୀର ସ୍ୱାର୍ଥ ଲୁଟ୍ ହେଉଥିଲେ ମଧ୍ୟ ଏଥିରେ ସରଳ-ନୀରିହ ଆଦିବାସୀ ମଣିଷ ପ୍ରତିବାଦ କରିପାରେ ନାହିଁ। ଏଥିଯୋଗୁ କୌଣସିଟି ଆଦିବାସୀ ଉନ୍ନୟନ ଯୋଜନା ସଫଳ ହୋଇ ପାରିନାହିଁ। ଏବେ ମଧ୍ୟ ଆଦିବାସୀ ମଣିଷ ଦାରିଦ୍ର୍ୟର କବଳରେ ବନ୍ଦି ହୋଇ ରହିଛି। ପେଟକୁ ମୁଠାଏ ଦାନା ପାଇଁ ଏବେ ବି ସେ ନିଜ ଜୀବନ-ଜିବୀକା ସହ ସଂଘର୍ଷ ଜାରି ରଖିଛି। ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଂଚିତ ହେଉଛି। ଶିକ୍ଷା ଠାରୁ ବହୁ ଦୂରରେ ରହିଛି। ସାମାଜିକ ଓ ଆର୍ଥିକ ସ୍ଥିତି ବିପନ୍ନ ରହିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ, ଏହା ସତ୍ୱେ ଗରିବୀ ହଟୁଥିବା, ସାକ୍ଷରତା ହାର ବଢୁଥିବା, ସ୍ୱାସ୍ଥ୍ୟସେବାର ଉନ୍ନତି ହେଉଥିବା ସରକାରଙ୍କ ପକ୍ଷରୁ କୁହାଯାଉଛି।

ତେବେ ବିଭିନ୍ନ ଯୋଜନା ବିଫଳ ହୋଇ ଚାଲିଥିବାର ଜ୍ୱଳନ୍ତ ଉଦାହରଣ ଓଡ଼ିଶାରେ ଦେଖାଯାଇପାରେ। ପରିବାର କଲ୍ୟାଣ ଭିତିକ ଯୋଜନା ଓ ଆୟ ସୃଷ୍ଟିକାରୀ ଯୋଜନାରେ ଆଦିବାସୀ ପରିବାର ଗୁଡ଼ିକ ଉପକୃତ ହୋଇପାରି ନଥିବାବେଳେ ବିଭିନ୍ନ କଲ୍ୟାଣ ଯୋଜନା ବିଫଳ ହୋଇଛି। ଆଦିବାସୀଙ୍କ ପାରମ୍ପରିକ ଆଇନ ଗୁଡ଼ିକ ବ୍ୟାଖ୍ୟା ଓ ବିଶ୍ଳେଷର ଏବଂ ପ୍ରଶିକ୍ଷଣ, ଆଲୋଚନା ଚକ୍ର ଓ କର୍ମଶାଳା ପରିଚାଳନାରେ ଆଦିବାସୀ ଗବେଶଣା ପ୍ରତିଷ୍ଠାନ ବିଫଳ ହୋଇଛି। ଛାତ୍ରୀନିବାସ ଯୋଜନା ଓ ଆଶ୍ରମ ସ୍କୁଲ୍ ଯୋଜନାରେ ନିର୍ମିତ ଗୃହ ଓ ପରବର୍ତୀ ସ୍କୁଲ୍ ପରିଚାଳନାରେ ଗୁରୁତର ବ୍ୟାହତ ସୃଷ୍ଟି ହେଉଛି। ଇତିମଧ୍ୟରେ କେବିକେ ଜିଲ୍ଲାରେ ପ୍ରାୟ ୧ହଜାର ଆବାସିକ ବିଦ୍ୟାଳୟରେ ଛାତ୍ରୀନିବାସ ପ୍ରତିଷ୍ଠା କରାଯାଇଛି। କିନ୍ତୁ ଏହି ଯୋଜନାରେ ମହିଳା ସାକ୍ଷରତା ହାର ବୃଦ୍ଧି ଲକ୍ଷ୍ୟ ପୂରଣ ହୋଇ ପାରିନଥିବା ବେଳେ ଛାତ୍ରୀ ନିବାସ ଗୃହ ନିର୍ମାଣରେ କୋଟିକୋଟି ଟଙ୍କା ବାଟମାରଣା ହୋଇଛି। କେବିକେର ଅଧିକାଂଶ ଅଂଚଳ ଏହାର ସଶକ୍ତ ପ୍ରମାଣ ହୋଇ ରହିଛି। ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ଖାତାପତ୍ରରେ ସୀମିତ ରହିଛି। ଆଦିବାସୀ ଉନ୍ନୟନ ନିଗମ ଆଦିବାସୀଙ୍କ ଠାରୁ ସେମାନଙ୍କ ଦ୍ୱାରା ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟ ଖର୍ଦ୍ଦି ବେଳେ ଦାମ୍ ଓ ଓଜନ-ମାପରେ ବ୍ୟାପକ ଭାବେ ଠକୁଥିବା ଅଭିଯୋଗ ହେଉଛି। ଆଦିବାସୀ ବିକାଶ ନାଁରେ କୋଟିକୋଟି ଟଙ୍କା ନେଇ ସ୍ୱେଚ୍ଛାସେବୀ ସଂସ୍ଥା ମାନେ କିପରି ଆଦିବାସୀଙ୍କ ଉନ୍ନତି କରୁଛନ୍ତି, ଜାଣି ହେଉନାହିଁ। ଆଦିବାସୀ ଅର୍ଥ ଉନ୍ନୟନ ନିଗମ ଦ୍ୱାରା ଆଦିବାସୀ ମାନେ ଉପକୃତ ହୋଇ ପାରୁନଥିବା ବେଳେ ସମନ୍ୱିତି ଆଦିବାସୀ ବିକାଶ ସଂସ୍ଥା କେବଳ ଅଧିକାରୀ ଓ ଯନ୍ତ୍ରୀଙ୍କ ବିକାଶ ସଂସ୍ଥାରେ ପରିଣତ ହୋଇଛି। ରାଜ୍ୟରେ କାର୍ଯ୍ୟକାରୀ ୨୨ଟି ସମନ୍ୱିତି ଆଦିବାସୀ ବିକାଶ ସଂସ୍ଥା ମଧ୍ୟରୁ ଅଧିକାଂଶ ଆଦିବାସୀ ମଣିଷକୁ ଉପଯୁକ୍ତ ସେବା ଯୋଗାଇବାରେ ଫେଲ୍ ମାରିଛନ୍ତି। ମୁଖ୍ୟତଃ ନବରଙ୍ଗପୁର, ମାଲକାନାଗିରି, କେନ୍ଦୁଝର, ବାଲିଗୁଡ଼ା, କୋରାପୁଟ, ରାୟଗଡ଼ା ଓ ଫୁଲବାଣୀ ସମନ୍ୱିତି ଆଦିବାସୀ ବିକାଶ ସଂସ୍ଥାରେ ବ୍ୟାପକ ହେରଫେର୍ ଓ ଅନିୟମିତତା ଅଭିଯୋଗ ହୋଇଆସୁଛି। ସଂପୃକ୍ତ ଅଂଚଳରେ ଆଦିବାସୀ ଉନ୍ନୟନ ବ୍ୟବସ୍ଥା ପଙ୍ଗୁ ପାଲଟିଛି। ଅଧିକାରୀମାନେ ପ୍ରଶାସନକୁ ଦୁର୍ନୀତିମୁକ୍ତ ଓ କ୍ରିୟାଶୀଳ କରାଇବା ପରିବର୍ତେ ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ଅର୍ଥ ହରିଲୁଟ୍ କରିବାରେ ବ୍ୟସ୍ତ ଅଛନ୍ତି। ଯୋଜନା ଅର୍ଥ ହେରଫେର ସଂପର୍କରେ ଅନୁସଂଧାନ କରାଯାଇ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ତେବେ ଆଦିବାସୀ ମଣିଷର ଭବିଷ୍ୟତ ନିଶ୍ଚୟ ଅନ୍ଧକାର ମଧ୍ୟକୁ ଗତି କରୁଛି ବୋଲି କୁହାଯାଇ ପାରିବ।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

# ପ୍ରଡକ୍ଟ ଆପ୍ଲିକେସନ ଏବଂ ଡେଭଲୋପ ସେଂଟର ଭର୍ଚୁଆଲ ପ୍ଲାଟଫର୍ମ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ କଲେ ଉଦଘାଟନ

ପାରାଦୀପ,୨୬/୬(ହି.ସ.): ଆଜି ପାରାଦୀପଠାରେ ପ୍ରଡକ୍ଟ ଆପ୍ଲିକେସନ ଏବଂ ଡେଭଲୋପ ସେଂଟର ପିଏଡିସିର ଭର୍ଚୁଆଲ ପ୍ଲାଟଫର୍ମ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ , ଭାରତୀୟ ତୈଳ ବିଶୋଧନାଗାର ର ଅଧ୍ୟକ୍ଷ ସଂଜୀବ ସିଂ, ସମେତ ବହୁ ପଦସ୍ଥ ଅଫିସର ଙ୍କ ସହିତ ଇଡକୋ ର ଉଚ୍ଚ ଅଧିକାରୀ ମାନେ ଯୋଗ ଦେଇଥିଲେ । ୪୩ କୋଟି ମୂଲ୍ୟ ପ୍ରକଳ୍ପ ଦେଶର ଷଷ୍ଠ ଓ ପୂର୍ବ ଭାରତର ଦ୍ୱିତୀୟ ପ୍ରକଳ୍ପ ହେବ । ଆଗାମୀ ଦିନରେ ଭଦ୍ରକ ଓ ଧାମରାରେ ଟେକ୍ସଟାଇଲ ଓ ଡାଉନଷ୍ଟ୍ରିମ ୟୁନିଟ ପାଇଁ ପଲିଷ୍ଟର ସୂତା ଓ କପଡା ପାଇଁ ପିଏଡିସି ବୈଷୟିକ କେନ୍ଦ୍ର ଭାବେ କାର୍ଯ୍ୟ କରିବ । ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ଓ ଓଡିଶାରେ ଭୋକାଲ ଫର ଲୋକାଲ ପାଇଁ ଏହା ମୂଳଦୁଆ ପକାଇବ। ଭଲ କପଡା ଓ ଟେକ୍ନିକାଲ ଟେକ୍ସଟାଇଲ ଭଳି ସାମଗ୍ରୀ ତିଆରି କରି ଦେଶରେ ଏଭଳି ସାମଗ୍ରୀର ଆମଦାନୀ ହ୍ରାସ କରିବା ପିଏଡିସିର ମୁଖ୍ୟ ଉଦ୍ଦେଶ୍ୟ ।

# ମାର୍ଲାଙ୍ଗ ପିଏମଜିଏସୱାଇ ରାସ୍ତା କାର୍ଯ୍ୟରେ ଶ୍ରମିକଙ୍କୁ ମଜୁରୀ ନଦେଇ କାମକୁ ଅଧାରେ ଛାଡି ଠିକାଦାର ଫେରାର୍

କନ୍ଧମାଳ,୨୬/୬(ହି.ସ.): ଶ୍ରମିକ ମାନେ କିଛି ପଇସା ପାଇବା ଆଶାରେ ଠିକାଦାର ନିକଟରେ ମୁଣ୍ଡରଝାଳ ତୁଣ୍ଡରେ ମାରି କାମ କଲେ। ଠିକାଦାରକୁ ତାଙ୍କର ମଜୁରୀ ମାଗିବାରୁ ଠିକାଦାର ଆଜିକାଲି କହି ସେଠାରୁ ଫେରାର୍ ହୋଇଥିବା ଜଣାପଡିଛି । ଫଳରେ ଗାଁରେ ଉତେଜନା ଦେଖାଦେଇଛି । କନ୍ଧମାଳ ଜିଲ୍ଲାର କୋଟଗଡ ବ୍ଲକ ମାର୍ଲାଙ୍ଗ ପଂଚାୟତର ଦୁର୍ଗପଡା ଠାରୁ ପାକ୍ରି ଯାଏଁ ପ୍ରାୟ ଦେଢକିମି ରାସ୍ତା ନିର୍ମାଣ ପାଇଁ ୫୦ ଲକ୍ଷ ୫୬ ହଜାର ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର ପାଇ ଏକ ଠିକା ସଂସ୍ଥା ରାସ୍ତାକାମ କରୁଥିଲା ଏହି କାର୍ଯ୍ୟ ଆରମ୍ଭ ୧୨.୧୦.୨୦୧୭ ହୋଇ ୧୦.୧୨.୨୦୧୮ରେ ଶେଷ ହେବାର ଥିଲା । ଏଯାଏଁ କାମ ଶେଷ ହୋଇନାହିଁ ସେଠାରେ ପୋଲ ନିର୍ମାଣ ହୋଇଛି କିନ୍ତୁ ରାସ୍ତାକୁ ଆପ୍ରୋଚିଙ୍ଗ ରୋଡ ମଧ୍ୟ ହୋଇନାହିଁ । ହେଲେ ଶ୍ରମିକ ମାନଙ୍କୁ ସେମାନଙ୍କର ମଜୁରୀ ନଦେଇ ଛୁ ମାରିଛି ସେହି କାମର ଠିକା ନେଇଥିବା ପ୍ରେମଦୀପ ନାମକ ଜଣେ ଠିକାଦାର। ଏହି କାର୍ଯ୍ୟର ତଦାରଖ ଦାୟୀତ୍ୱରେ ଏନ.ବି.ସି ଇଣ୍ଡିଆ ଲିମିଟେଡ୍ ନାମକ ଏକ ସଂସ୍ଥା। କାର୍ଯ୍ୟ ଶେଷ କରିବାର ଅବଧି ଶେଷ ହୋଇଥିଲେ ମଧ୍ୟ ସେହି କମାକୁ ଶେଷ ନକରି ଥିବା ସ୍ଥଳେ ରାସ୍ତାକାମ ମଧ୍ୟ ନିମ୍ନମାନର, କାମ ମଧ୍ୟ ଅଧାରେ ଛାଡି ଯାଇଛନ୍ତି ଠିକାଦାର ସେଠାରେ ଏଭଳି ଅବସ୍ଥାରେ ପଡିଛି ରାସ୍ତା ଓ ପୋଲ। ଯିବା ଆସିବା ବେଳେ ଅସୁବିଧା ସୃଷ୍ଟି ହେଉଛି। ଏପରିସ୍ଥଳେ ଏହି ରାସ୍ତାକାମରେ ଗାଁର ୫୬ ଜଣ ମୁଲିଆ କାମ କରୁଥିଲେ। ସେମାନଙ୍କର ୩୩ ହଜାର ୬ଶହ ଟଙ୍କା ପ୍ରାପ୍ୟ ନଦେଇ କାମ ସରିଗଲା କହି ବିଲ ପଇଠ ପାଇଁ ଗାଁରୁ ଛୁ ମାରିଛି। ଶ୍ରମିକ ମାନଙ୍କ ପାଉଣା ମିଳିନଥିବାରୁ ଏବେ ଗାଁରେ ଉତେଜନା ଦେଖାଦେଇଛି। ପାଉଣା ନମିଳିଲେ ଶ୍ରମିକ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବେ ବୋଲି ଗ୍ରାମର ସାନୁରା ପାଟମାଝି, ଦାନିଏଲ ମଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏହି ରାସ୍ତା ବାଲିଗୁଡା ଗ୍ରାମ୍ୟ ନିର୍ମାଣ ଡିଭିଜନ ଅର୍ନ୍ତଗତ ହୋଇଥିବା ବେଳେ କାର୍ଯ୍ୟଟି ବାଲିଗୁଡା ଗ୍ରାମ୍ୟ ନିର୍ମାଣ ବିଭାଗ ଡିଭିଜନର ଯନ୍ତ୍ରୀଙ୍କ ତଦାରଖରେ ହେଉଥିଲା ନା ଆଉ କିଏ କରୁଥିଲା ଜଣାପଡିନାହିଁ। ଏନେଇ ଗ୍ରାମ୍ୟ ନିର୍ମାଣ ବିଭାଗ ନିର୍ବାହୀଯନ୍ତ୍ରୀ ଇଂ ସୁବ୍ରମଣ୍ୟମଙ୍କୁ ପଚାରିବାରେ ସେ ଏନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ

# ବନୀକରଣ ଅଭିଯାନ ପାଇଁ ଅନୁମତି ମାଗିଲେ ସରପଂଚ

କେନ୍ଦ୍ରାପଡ଼ା,୨୬/୬(ହି.ସ.): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡିହପଡା ଗ୍ରାମ ପଂଚାୟତର ସରପଂଚ କବିତା ପରିଡା ତାଙ୍କ ପଂଚାୟତ ଅଧିନରେ ଥିବା ଗୋଚର ଜମିରେ ବୃକ୍ଷ ରୋପଣ ପାଇଁ ଜିଲ୍ଲାପାଳଙ୍କ ଅନୁମତି ମାଗିଥିବାର ଜଣା ପଡିଛି । ପ୍ରକାଶ ଯୋଗ୍ୟ ଯେ, ଏହି ପଂଚାୟତରେ ସଂଗ୍ରକ୍ଷିତ ଜମି ଖୁବ୍ କମ୍ ପରିମାଣରେ ଥିବାବେଳେ ପରିବେଶ ଉପରେ ନଜର ରଖି ଏହି ପଂଚାୟତର ଗ୍ରାମସଭା ବୈଠକରେ ବୃକ୍ଷ ରୋପଣ ପାଇଁ ନିଷ୍ପତି ନେଇଛନ୍ତି । ତେବେ ଏହା ଗୋଚର ଜମି ଥିବାରୁ ବୃକ୍ଷ ରୋପଣ ପାଇଁ ଜିଲ୍ଲାପାଳଙ୍କ ଅନୁମତି ର ଆବଶ୍ୟକତା ରହିଛି ।

# ମହିଳା ସମିତି ପକ୍ଷରୁ ଋଣ ଛାଡ ପାଇଁ ଜିଲ୍ଲାପାଳଙ୍କୁ ଦାବି

କେନ୍ଦ୍ରାପଡ଼ା,୨୬/୬(ହି.ସ.): ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅଧିନ ମା' ସାହାଡା ସୁନ୍ଦରୀ ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟା ମାନେ ଋଣ ଛାଡ ପାଇଁ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି । ୨୦୧୯ ମସିହାରେ ଏହି ମହିଳା ଗୋଷ୍ଠୀ ପକ୍ଷରୁ ବେତ, ବାଉଁଶ, ନାଳିଆ ଆଦି ତିଆରି କରିବା ପାଇଁ ବ୍ୟାଙ୍କ ଅଫ୍ ବୋରଦା ପଟ୍ଟାମୁଣ୍ଡାଇ ଶାଖାରୁ ଋଣ ଅଣାଯାଇ ଥିଲା । ନିୟମିତ କିସ୍ତି ପୈଠ କରୁଥିବା ବେଳେ ଚଳିତ ବର୍ଷ ଏପ୍ରେଲ ମାସରୁ କରୋନା ସଂକ୍ରମଣ କଟକଣା ଲାଗୁ କରାଯିବା ଓ ଅମ୍ପାନ ବାତ୍ୟାରେ କଂଚାମାଲର ସଂଗ୍ରହ କରିବା ଅସମ୍ଭବ ହୋଇ ପଡିଥିଲା । ଲକ ଡାଉନ ଲାଗୁ ହେବାରୁ ବାହାରକୁ ଯାଇ ନପାରି ଘର ଚଳାଇବା ପାଇଁ ମହିଳା ଗୋଷ୍ଠୀର ସଦସ୍ୟା ମାନେ ସଂଚିତ ଅର୍ଥକୁ ଖର୍ଚ୍ଚ କରିଦେଇଥିବା ଦାବି କରିଛନ୍ତି । ତେବେ ଅବଶିଷ୍ଟ ଋଣ ଛାଡ ପାଇଁ ଗୋଷ୍ଠୀ ପକ୍ଷରୁ ସଭାନେତ୍ରୀ ସଂଯୁକ୍ତା ଜେନା , ସଂପାଦିକା ଜୟନ୍ତୀ ଜେନା, ତୁଳସୀ ଜେନା, ଲକ୍ଷ୍ମୀ ଜେନା, ମମତା ଜେନା, ପ୍ରଣତୀ ଜେନା, କବିତା କୁମାରୀ ଜେନା ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବି ଜଣାଇଛନ୍ତି ।

# ଝିଅ ଜନ୍ମଦିନରେ ରିଲିଫ ପାଣ୍ଠିକୁ ସହାୟତା

କେନ୍ଦ୍ରାପଡ଼ା,୨୬/୬(ହି.ସ.): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମ ପଂଚାୟତର ପୁରୁଷୋତମପୁର ଗ୍ରାମର ରବିକାନ୍ତ ସାହୁ ତାଙ୍କ ଝିଅ ସମୃଦ୍ଧି ସାହୁଙ୍କ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କରୋନା ରିଲିଫ ପାଣ୍ଠିକୁ ୨୦୧୧ ଟଙ୍କା ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ପ୍ରଦାନ କରିଛନ୍ତି । ଏଥି ସହିତ ସେ ଦୃଷ୍ଟିହୀନ ବିଦ୍ୟାଳୟରେ ଶୁଖିଲା ଖାଦ୍ୟ ଓ ମାସ୍କ ବଣ୍ଟନ କରିଛନ୍ତି । ଏହି ବଣ୍ଟନ ସମୟରେ ଝିଅର ମା' ଡଲି ସାହୁ, ସମାଜସେବୀ ଅକ୍ଷୟ କୁମାର ପତି, ଶିବ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଥାନା ପରିସରରେ ୨୦ ଗୋରୁ : ୨ଟି ଗୋଚାଲାଣ ଗାଡି ଜବତ, ୬ ଜଣ ଗିରଫ

ଭଦ୍ରକ, ୨୬/୬ (ହି.ସ.) - ଭଦ୍ରକ ଜିଲା ତିହିଡି ଥାନା ପରିସରରେ ୨୦ଟି ଗୋରୁ ବନ୍ଧା ହୋଇଥିବା ପରିଲକ୍ଷିତ ହୋଇଛି। ୨ ଦିନ ହେଲା ଉକ୍ତ ଗୋରୁବନ୍ଧା ହୋଇଥିବାବେଳେ ଏଯାବତ୍ କୌଣସି ଦାବିଦାର ଠାବ କରାଯାଇନଥିବା ମଧ ଜଣାଯାଇଛି। ସ୍ଥାନୀୟ ଅଂଚଳରେ ଗୋଶାଳାର ସୁବିଧା ନଥିବାରୁ ଜବତ ଗୋରୁଗୁଡିକ ଏପରି ସମସ୍ୟାରେ ପଡୁଥିବା ନିସନ୍ଦେହ। ପ୍ରକାଶ ଥାଉକି ଦୁଇଦିନ ମଧରେ ୨ଟି ଗୋରୁ ବୋଝେଇ ଗାଡିକୁ ପୁଲିସ୍ ଜବତ କରିଥିବା ବେଳେ ସଂପୃକ୍ତ ୬ ଜଣଙ୍କୁ ପୁଲିସ୍ ଗିରଫ କରିଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ ନନ୍ଦପୁର ଗ୍ରାମର ଅନିସୁଦ୍ଧି ସାହା ଓ ବରୁଣ ଦାସ, ପୀରହାଟ ଅଂଚଳର ତୁଷି ମହାନ୍ତି, ସେକ୍ ସମୀର, ସାଇମଦ୍ ସାହାଜୀ ଓ ହମାଲ ଉଦ୍ଦିନ ଖାଁ। ୨ ଜଣ ଅଭିଯୁକ୍ତ ଗାଡି ନମ୍ବର ଓଆର-୨୨ଏ-୪୨୬୩ ରେ ୭ଟି ଗୋରୁ ନେଇ ଯାଉଥିବାବେଳେ ପୁଲିସ୍ ଜବତ କରିଛି। ସେହିପରି ୪ଜଣ ଅଭିଯୁକ୍ତ ଗାଡି ନମ୍ବର ଓଡି-୨୨ଜେ-୯୧୪୩ ରେ ୧୩ଟି ଗୋରୁ ନେଇଯାଉଥିବାବେଳେ ପୁଲିସ୍ ଜବତ କରିଥିବା ଜଣାଯାଇଛି। ତେବେ ଗୋରୁ ବୋଝେଇ ଗାଡି ଜବତ ହେଲା ଏବଂ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ନିରହ ପଶୁଗୁଡିକ ଏଯାବତ୍ ଥଇଥାନ କରାଯାଇନଥିବା ସାଧାରଣରେ ଆଲୋଚନା ବିଷୟ ହୋଇଛି।

# ଜମାକାରୀଙ୍କ ୧୮ ହଜାର ଟଙ୍କା ହଡପ

# ଗାନ୍ଧିନଗର ସୋସାଇଟିରେ ଚାଷୀ ଅସନ୍ତୋଷ ମୁଣ୍ଡ ଟେକିଛି

ଭଦ୍ରକ, ୨୬/୬ (ହି.ସ.) - ଭଦ୍ରକ ଜିଲା ତିହିଡି ବ୍ଲକ୍ ଗାନ୍ଧିନଗର ସେବା ସମବାୟ ସମିତିରେ ଜନୈକ ଜମାକାରୀଙ୍କ ୧୮ ହଜାର ଟଙ୍କା ହଡପ କରାଯାଇଥିବା ଅଭିଯୋଗ ହୋଇଛି। ପୂର୍ବତନ ସଂପାଦକ ଏପରି ଜାଲିଆତି କରିଥିବା ନେଇ ଜମାକାରୀ ଓଡ଼ିଶା ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ୍ ସୋସାଇଟି ନିକଟରେ ଅଭିଯୋଗ କରିବା ସହିତ ତଦନ୍ତ କରି ବିହିତ ପଦକ୍ଷେପ ନେବାଲାଗି ଦାବି କରିଛନ୍ତି। ପ୍ରକାଶ ଥାଉକି, ଏହି ସେବା ସମବାୟ ସମିତିରେ କାଁପଡାବିନ୍ଧା ଗାଁର ନିତ୍ୟାନନ୍ଦ ମଳିକ କୃଷିଋଣ ନେବା ସହିତ ଏକ ସଂଚୟ ଖାତା ୧୪୭୪, ଲେଜର ନମ୍ବର ୧୪/୧୪୭ ଜରିଆରେ କାରବାର କରୁଛନ୍ତି। ନିତ୍ୟାନନ୍ଦ ବିଭିନ୍ନ ସମୟରେ ଏହି ସଂଚୟ ଖାତାରେ ଟଙ୍କା ରଖିଥାନ୍ତି। ଜମାଖାତା ମୁତାବକ ତାଙ୍କର ୫ ହଜାର ୭୪୫ ଟଙ୍କା ବାଲାନ୍ସ ରହିଛି। କିଛିଦିନ ତଳେ ଉକ୍ତ ଟଙ୍କା ଉଠାଣ କରିବାକୁ ସମିତିକୁ ଯାଇଥିଲେ। ସେଠାରେ ଭାରପ୍ରାପ୍ତ ସଂପାଦକ ତାଙ୍କ ଜମାଖାତାରେ ଟଙ୍କା ନଥିବା କହିବା ସହିତ ୧୩ ହଜାର ଟଙ୍କା ଓଭର ଡ୍ରାଫ୍ଟ ହୋଇଥିବା କହିଛନ୍ତି। ଯାହାକୁ ନେଇ ନିତ୍ୟାନନ୍ଦ ଖୋଳତାଡ ଆରମ୍ଭ କରିଥିଲେ। ଗତ ତା ୨୨.୦୨.୧୮ ରିଖରେ ସେ ୨୦ ହଜାର ଟଙ୍କା ଜମା କରିଥିବା ଏବଂ ଏନେଇ ତାଙ୍କ ପାଶ୍‌ବୁକ୍‌ରେ ଉଲ୍ଲେଖ ଥିବାବେଳେ ସମିତି ଲେଜରରେ ତାହା ୨ ହଜାର ଟଙ୍କା ଥିବା ଜଣାଯାଇଛି। ପୂର୍ବତନ ସଂପାଦକ ଏପରି ଜାଲିଆତି କରି ୧୮ ହଜାର ଟଙ୍କା ହଡପ କରିଥିବା ସେ ଜାଣିବାକୁ ପାଇଛନ୍ତି। ଏହି ଘଟଣାକୁ ନେଇ ସେ ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ବ୍ୟାଙ୍କର ତିହିଡି ଶାଖା ପରିଚାଳକଙ୍କୁ ଭେଟିଥିଲେ। ତେବେ ତାଙ୍କ ଠାରୁ ନିରାଶ ହେବାପରେ ନିତ୍ୟାନନ୍ଦ ଓଡ଼ିଶା ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ୍ ସୋସାଇଟି ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି। ଏହି ଘଟଣାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୈନିକ ବିଭିନ୍ନ ଗାଁ ଗଣ୍ଡାର ଚାଷୀମାନେ ସମିତି କାର୍ଯ୍ୟାଳୟକୁ ଯାଇ ନିଜ ନିଜର ଜମାଖାତା ଯାଂଚ କରୁଥିବା ଜଣାଯାଇଛି। ଏହି ସେବା ସମବାୟ ସମିତି ଉପରେ ଚାଷୀଙ୍କ ଆସ୍ଥା ତୁଟିବାରେ ଲାଗିଛି ଏବଂ ଏଭଳି ଲାଗିରହିଲେ ଆଗାମୀ ଦିନରେ ପରିସ୍ଥିତି ଅଣାୟତ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ବେଳ ଥାଉଁ ଥାଉଁ ସମବାୟ ବିଭାଗ ଏହା ଉପରେ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ମୋଟୁ ଥାନା ବିନାୟକପୁର ଗାଁ ରେ ମା,ଝିଅକୁ ଆକ୍ରମଣ ; ମା ମୃତ ଝିଅ ଗୁରୁତର !

ମାଲକାନଗିରି,୨୬/୬(ହି.ସ.): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ସୀମାନ୍ତ ମୋଟୁ ଥାନା ଅନ୍ତର୍ଗତ ବିନାୟକପୁର ଅଂଚଳରେ ଏକ ଚାଂଚଲ୍ୟକର ଘଟଣା ଘଟିଥିବା ଜଣାପଡ଼ିଛି ।ରାତିରେ ଘରେ ଶୋଇଥିବା ଅବସ୍ଥାରେ ବୃଦ୍ଧା ମା ଝିଅକୁ ମରଣାତ୍ମକ ଆକ୍ରମଣ କରାଯାଇଥିବା ବେଳେ ଘଟଣା ସ୍ଥଳରେ ମାର ମୃତ୍ୟୁ ଘଟିଛି ଏବଂ ଗୁରୁତର ଅବସ୍ଥାରେ ଝିଅକୁ ଉଦ୍ଧାର କରାଯାଇ ପ୍ରଥମେ ମୋଟୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।ତେବେ ହତ୍ୟାକାଣ୍ଡର ସଠିକ କାରଣ ଜଣାପଡିନଥିବା ବେଳେ ଖବର ପାଇ ମୋଟୁ ଥାନା ଅଧିକାରୀ ରଘୁନାଥ ମାଝିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ବିନାୟକପୁର ଗ୍ରାମରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ମୃତ ବୃଦ୍ଧା ଜଣଙ୍କ ହେଉଛନ୍ତି ସାଲବମ ଲାଛି ( ୮୫) ଏବଂ ଗୁରୁତର ଥିବା ଝିଅ ହେଉଛନ୍ତି କାନି ସାଲବମ ( ୪୫) ବୋଲି ଜଣାପଡିଛି । ଘଟଣା ସ୍ଥଳରୁ ପ୍ରକାଶ ଯେ ବିନାୟକପୁର ଗ୍ରାମରେ ମୃତ ଲାଛି ଙ୍କ ସହ ତାଙ୍କ ଝିଅ ଏବଂ ନାତି ସାଲବମ ଭେଙ୍କଟେସ ରହୁଛନ୍ତି ! ନାତି କାଲିମେଳା ଠାରେ ରହି କେନ୍ଦୁପତ୍ର ଗୋଦାମରେ କାମକରୁଥିବାରୁ ସେ କାଲିମେଳାକୁ ଆସିଥିଲେ ତେବେ ଘରେ ମା ଝିଅ ଏକା ରହିଥିଲେ । ଏହିସମୟରେ କେହି ଜଣେ ଦୁର୍ବୃତ ଘରେ ପଶି ଶୋଇଥିବା ମା ଝିଅକୁ ଏକ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲା । ଏହାର କିଛି ସମୟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହୋଇ ବୃଦ୍ଧାଙ୍କ ପ୍ରାଣବାୟୁ ଉଡିଯାଇଥିଲା ।ଝିଅ ଗୁରୁତର ଅବସ୍ଥାରେ ସେଠାରେ ପଡି ରହିଥିଲେ । ସେହି ସମୟରେ ଘରେ କେହିନଥିବାରୁ ଘଟଣା ସମ୍ପର୍କରେ କେହି ସୁଚନା ପାଇପାରିନଥିଲେ !ଗୁରୁବାର ସକାଳେ ଗ୍ରାମର ଦୁଇଜଣ ଯୁବକ ସେହି ଘରପାଖଦେଇ ଯାଉଥିବା ସମୟରେ ଘର ବାରଣ୍ଡାରେ ଥିବା ଖଟଉପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୃଦ୍ଧାଙ୍କୁ ଦେଖି ସ୍ଥାନୀୟ ଲୋକମାନଙ୍କୁ କହିଥିଲେ ।ଘଟଣା ସ୍ଥଳରେ ପୋଲିସ ପହଂଚି ଅନୁସନ୍ଧାନ ଆରମ୍ଭ କରିଛି।

# ସିପିଏମ ପକ୍ଷରୁ ଜୁଲାଇ ୩ ସର୍ବଭାରତୀୟ ବିକ୍ଷୋଭ ସମାବେଶକୁ ସଫଳ କରାଇବା ନିମନ୍ତେ ପ୍ରସ୍ତୁତି ବୈଠକ

ବାରିପଦା,୨୬/୬(ହି.ସ.): ସର୍ବଭାରତୀୟ ମିଳିତ ଟ୍ରେଡ୍ ୟୁନିଅନ ଓ ମହାସଂଘ ପକ୍ଷରୁ ଜୁଲାଇ ୩ରେ ଦିଆ ଯାଇଥିବା ଦେଶ ବ୍ୟାପି ପ୍ରତିବାଦ ସମାବେଶକୁ ସଫଳ କରଇବା ନିମନ୍ତେ ଆଜି ସିଟୁ ପକ୍ଷରୁ ବାରିପଦା ଷ୍ଟେସନ ବଜାର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ମୟୂରଭଞ୍ଜ ମିଳିତ ଟ୍ରେଡ୍ ୟୁନିଅନ ଓ ମହାସଂଘର କର୍ମକର୍ତା ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ପୂର୍ବତନ ବିଧାୟକ ତଥା ଏସୟୁସିଆଇ ନେତା ଶମ୍ଭୁନାଥ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଏଥିରେ ଶ୍ରମ ଆଇନ ସଂଶୋଧନ ଓ ଶ୍ରମ କୋଡ୍ ବାତିଲ କରାଯିବା, ଶ୍ରମିକମାନଙ୍କର ଦୈନିକ କାର୍ଯ୍ୟ ୮ ଘଣ୍ଟାରୁ ୧୨ ଘଂଟାକୁ ବୃଦ୍ଧି ଆଦେଶ ପ୍ରତ୍ୟାହାର କରାଯିବା, ଆୟକର ଦେଉନଥିବା ସମସ୍ତ ପରିବାରକୁ ମାସିକ ସାଢ଼େ ୭ ହଜାର ଟଙ୍କା ଲେଖାଏଁ ୬ ମାସ ପର୍ଯ୍ୟନ୍ତ ପ୍ରଦାନ କରାଯିବା, ପ୍ରତ୍ୟେକ ବ୍ୟକ୍ତିଙ୍କୁ ମାସରେ ୧୦ କି.ଗ୍ରା ଚାଉଳ/ ଗହମ ଯୋଗାଇ ଦେବା, ପ୍ରବାସୀ ଶ୍ରମିକମାନଙ୍କ ସହିତ ସମସ୍ତ ଶ୍ରମିକମାନଙ୍କୁ ଦୈନିକ ୬ ଶହ ଟଙ୍କା ମଜୁରୀ ହିସାବରେ ବର୍ଷରେ ସର୍ବନିମ୍ନ ୨ ଶହ ଦିନର କାର୍ଯ୍ୟ ଯୋଗାଇ ଦେବା, ରାଷ୍ଟ୍ରାୟାତ ଶିଳ୍ପରେ ଅଂଶଧନ ବିକ୍ରି ଓ ଗୁରୁତ୍ୱପୂର୍ଣ୍ଣ ଯେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ବିନିଯୋଗ ବନ୍ଦ କରାଯିବା, କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀ ଓ ପେନସନ ଭୋଗୀମାନଙ୍କ ମହଙ୍ଗା ଭତା ପ୍ରଦାନ କ୍ଷେତ୍ରରେ ଥିବା କଟକଣା ପ୍ରତ୍ୟାହାର କରାଯିବା, ଠିକା ଚାଷୀ ଅଧାଦେଶ ଓ ଅତ୍ୟାବଶକୀୟ ଦ୍ରବ୍ୟ ସଂଶୋଧନ ଅଧାଦେଶ ବାତିଲ ଆଦି ୮ ଦଫା ଦାବିକୁ ନେଇ ଜୁଲାଇ ୩ରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହେବାକୁ ଥିବା ବିକ୍ଷୋଭ ଓ ପ୍ରତିବାଦ ସମାବେଶ ଉପରେ ଆଲୋଚନା କରାଯାଇଥିଲା । ଉକ୍ତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ମିଳିତ ଟ୍ରେଡ୍ ୟୁନିଅନ ଓ ମହାସଙ୍ଘର ସମସ୍ତ କର୍ମକର୍ତା ଓ ସଦସ୍ୟମାନେ ନିଜର ସମର୍ଥନ ପ୍ରକାଶ କରିବା ସହ ଏହାକୁ ସଫଳ କରାଇବା ନିମନ୍ତେ ସମସ୍ତଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଇଏନଟିୟୁସିର ଭୂବନ ବିହାରୀ ସାହୁ, ଏଆଇଟିୟୁସିର ଜଗବନ୍ଧୁ ମିଶ୍ର ଓ କାହ୍ନୁଚରଣ ବେହେରା, ସିଆଇଟିୟୁର ରବି ଗୋସ୍ୱାମୀ ଓ ଅମଳ ଦେ, ଏଚଏମଏସର ସିନଗ ଲତା ମାଝି, ଏଆଇୟୁଟିୟୁସିର ପିତାମ୍ବର ନାୟକ ଓ ପ୍ରକାଶ ମଢ଼େଇ, ବିଜୁ ସାମୁଖ୍ୟର ବସନ୍ତ ପଟ୍ଟନାୟକ, ମୟୂରଭଞ୍ଜ ନିର୍ମାଣ ଶ୍ରମିକ ସମନ୍ୱୟ ସମିତିର ହେମଲତା ମିଶ୍ର, ସଞ୍ଜୀବ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

# ସୀମାନ୍ତରେ ରାସ୍ତା କାମରେ ନିୟୋଜିତ ୬ ଟିଗାଡି ପୋଡିଲେ ମାଓବାଦୀ

ମାଲକାନଗିର,୨୬/୬(ହି.ସ.): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ସୁକୁମା ଜିଲ୍ଲା କୁକାନର ଥାନା ଅନ୍ତର୍ଗତ ଧନୀକରତା ଗାଁ ରେ ରାସ୍ତା କାମରେ ନିୟୋଜିତ ଥିବା ୬ଟି ଗାଡିକୁ ବୁଧବାର ରାତ୍ର ୧ ୧ ଟା ବେଳେ ପ୍ରାୟ ୨ ୦ରୁ ଉର୍ଦ୍ଧ ମାଓବାଦୀ ଆସି ଗାଡ଼ିରୁ ତେଲ କାଢି ନିଆଁ ଲଗାଇ ପୋଡି ଦେଇଥିବା ସୁକୁମା ଏସପି ସୂଚନା ଦେଇଛନ୍ତି !ଖବର ପାଇଁ ଆଜି ସକାଳୁ ଘଟଣା ସ୍ଥଳକୁ ଯବାନ ମାନେ ଯାଇ ସର୍ଚ୍ଚ ଅପରେସନ ଚଳାଇଛନ୍ତି !

# ବାଲିଗୁଡା ବନ ବିଭାଗରେ ହେଉଛି ବୃକ୍ଷ ରୋପଣ ହେଲେ ଗଛ ସବୁ ଗାଏବ୍

କନ୍ଧମାଳ,୨୬/୬(ହି.ସ.): ବନବିଭାଗ ତରଫରୁ ସରକାରଙ୍କ ନିୟମ ଅନୁଯାୟୀ କହୁଛନ୍ତି ଯେ, ଗଛ ଲଗାଅ ଜୀବନ ବଂଚାଅ ଏବଂ ଜଙ୍ଗଲ ସୁରକ୍ଷା ଆମର କର୍ତବ୍ୟ ଭଳି ବିଭିନ୍ନ ସଚେତନତା ସ୍ଲୋଗାନ୍ ଦେଇ ବିଭିନ୍ନ ସମୟରେ ଲୋକ ସଚେତନ କାର୍ଯ୍ୟକ୍ରମ ହାତକୁ ନେଇ ଲୋକଙ୍କୁ ସଚେତନ କରାଇବା ସତେ ଯେମିତି ଏକ ପ୍ରହସନ ପାଲଟିଛି । ସୂଚନା ଅନୁଯାୟୀ ବାଲିଗୁଡା ବନଖଣ୍ଡ ଅନ୍ତର୍ଗତ ଖମଣଖୋଲ, ଲଣ୍ଡାଗାଁ ଅଂଚଳରେ ବନ ବିଭାଗ ଜରିଆରେ ସମସ୍ତ ଗ୍ରାମାଂଚଳକୁ ସବୁଜ ସୁନ୍ଦର କରିବା ଉଦ୍ଦେଶ୍ୟରେ ରାସ୍ତା କଡରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନୁଯୁକ୍ତି ଯୋଜନା ମାଧ୍ୟମରେ ୨୦୧୯-୨୦ ଆର୍ଥିକ ବର୍ଷରେ ଜର୍ଲାବନ୍ଧ ଠାରୁ ଧନପୁର ପ୍ରାୟ ୫ କିମି ରାସ୍ତାରେ ୫ ଲକ୍ଷ ୬୮ ହଜାର ଟଙ୍କା ବ୍ୟୟରେ ୧୨୫୦ ଗୋଟି ବୃକ୍ଷ ରୋପଣ କରାଯାଇଥିବା କହୁଥିବା ବେଳେ ଆଜି ଦିନରେ ସେହି ରାସ୍ତାରେ ଗୋଟିଏ ବି ଗଛ ଦେଖିବାକୁ ମିଳୁନଥିବା ବେଳେ ଅଂଚଳବାସୀଙ୍କ ମନରେ ଏକ ସନ୍ଦେହର ବାତାବରଣ ସୃଷ୍ଟି ହୋଇଛି । କିଭଳି ଗଛ ଲାଗିଲା, କେତେ ଗଛ ଲାଗିଲା ଏବଂ ସେହି ଗଛ ଗଲା କୁଆଡେ ? ଏହି ସବୁ ପ୍ରଶ୍ନ ଏବେ ଅଂଚଳବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି । ଏହି ବାବଦରେ ଅଂଚଳର ପ୍ରକୃତିବିତ୍ ଦେବେନ୍ଦ୍ର କୁଦେଇ ଅଭିଯୋଗ କରିଛନ୍ତି ଯେ, ସରକାରଙ୍କ ଠାରୁ ମଞ୍ଜୁର ହୋଇ ଆସୁଥିବା ଗ୍ରାମାଂଚଳକୁ ସବୁଜ ସୁନ୍ଦର କରିବା ନିମନ୍ତେ ଅନୁଦାନ କେବଳ କାଗଜ କଲମରେ ନା ବାସ୍ତବିକ୍ । ଏଥିପ୍ରତି ବିଭାଗୀୟ ଉଚସ୍ଥ କର୍ତୃପକ୍ଷ ଦୃଷ୍ଟିଦେବାକୁ ଅଂଚଳବାସୀ ତଥା ପରିବେଶବିତ୍‌ଙ୍କ ତରଫରୁ ଦାବି ହେଉଛି ।

# ବର୍ଷ ବର୍ଷ ବିତିଲାଣି ୬୮ କୋଟିର ଗ୍ରୀଡ ପ୍ରକଳ୍ପ କାମ, ସରୁନାହିଁ

କନ୍ଧମାଳ,୨୬/୬(ହି.ସ.): ଲୋକଙ୍କୁ ଉନ୍ନତମାନର ଭୋଲଟେଜ୍ ଦେବାସହ ଲୋ-ଭୋଲଟେଜ୍ ସମସ୍ୟା ଓ ବିଦ୍ୟୁତ କାଟ ସମସ୍ୟାକୁ ଦୂର କରିବା ପାଇଁ କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ଠାରେ ୬୮ କୋଟି ଟଙ୍କା ବ୍ୟୟରେ ଏକ ଗ୍ରୀଡ ଷ୍ଟେସନ କାର୍ଯ୍ୟ ଚାଲିଛି ଯେ, ସରିବାର ନାଁ ନେଉନି । କେବେ ସରିବ ପଚାରିଲେ ନା ଯନ୍ତ୍ରୀ ନା ଠିକାଦାର କେହି ବି କିଛି କହୁନାହାଁନ୍ତି। ସମସ୍ତଙ୍କ ପାଟି ଚୁପ୍। ଅତିଶିଘ୍ର ସାରିବା ଲାଗି ଉଦ୍ୟମ ଚାଲିଥିବା ଖାଲି କହୁଛନ୍ତି। ଏବେ କରୋନା ପାଇଁ ଦେଶ ଲକଡାଉନ୍ ହୋଇଯିବା ଫଳରେ କାମ ଧିମା ଚାଲିଥିବା ଆଳ ଦେଖାଉଛନ୍ତି ଠିକାଦାର। ତେବେ, ଏହି ଗ୍ରୀଡ ଷ୍ଟେସନ ନିର୍ମାଣ ହେଲେ ଜି.ଉଦୟଗିରି, ଟିକାବାଲି, ଚକାପାଦ, ରାଇକିଆ, କ.ନୂଆଗାଁ ଆଦି ବ୍ଲକର ଲୋକେ ଉପକୃତ ହେବେ। ହେଲେ ବର୍ତମାନ ସୁଦ୍ଧା ୬୦ରୁ ୭୦ ଭାଗ କାମ ସରିଥିବା ଜଣାପଡିଛି। ଜି.ଉଦୟଗିରିର କନବାଗିରୀ ଠାରେ ପ୍ରାୟ ୧୦ ଏକର ଜମିରେ ୬୮ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ତୁରନ୍ତ ସାରିବା ଲାଗି ଗ୍ରାମବାସୀ ଦାବୀ କରିଛନ୍ତି। ନଚେତ୍ ଆନ୍ଦୋଳନ କରିବେ ବୋଲି ଧମକ ଦେଇଛନ୍ତି।

# ସହୀଦଙ୍କୁ ଶିକ୍ଷକ/ଶିକ୍ଷୟତ୍ରୀ ଗ୍ରାମବାସୀଙ୍କ ଶ୍ରଦ୍ଧାଞ୍ଜଳି ଓ ଶୋଭାଯାତ୍ରା

କନ୍ଧମାଳ,୨୬/୬(ହି.ସ.): ବାଲିଗୁଡା ବ୍ଲକ ଅର୍ନ୍ତଗତ ରତୁଙ୍ଗିଆ ପଂଚାୟତରେ ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଓ ଗ୍ରାମବାସୀଙ୍କ ତରଫରୁ ଶ୍ରଦ୍ଧାଞ୍ଜଳି ଓ ଶୋଭାଯାତ୍ରା କରାଯାଇଛି । ଏହି କାର୍ଯ୍ୟକ୍ରମକୁ ସିଆରସିସି ସଚ୍ଚିନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଗଲୱାନ ଘାଟିରେ ଚୀନ ସେନା ସହ ଲଢି ସହିଦ ହୋଇଥିବା କନ୍ଧମାଳ ମାଟିର ପୁଅ ଚନ୍ଦ୍ରକାନ୍ତ ପ୍ରଧାନଙ୍କ ସମେତ ୨୦ଜଣ ଯବାନଙ୍କୁ ଭାବପୁର୍ଣ୍ଣ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ହାତରେ ବ୍ୟାନର ଧରି ସମଗ୍ର ରତୁଙ୍ଗିଆ ଗ୍ରାମକୁ ପରିକ୍ରମା କରିଥିଲେ ଓ ସହୀଦ ଅମର ରହେ ଆଦି ସ୍ଲୋଗାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଇଓ ଚିତ ରଂଜନ ତ୍ରୀପାଠୀ,ରତୁଙ୍ଗିଆ ସରପଂଚ ଦଣ୍ଡିଆ ପ୍ରଧାନ,ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ,ଆଶାକ୍ରମି,ଅଙ୍ଗନବାଡି ଓ ଗ୍ରାମବାସୀ ଯୋଗ ଦେଇଥିଲେ । ଶୋଭାଯାତ୍ରା ସମୟରେ ସମସ୍ତେ ସାମାଜିକ ଦୁରତା ସହ ମୁହଁରେ ମାକ୍ସ ପରିଧାନ କରିଥିଲେ ।

# ଜିଲ୍ଲାରେ ୭ ନୂଆ ପଜିଟିଭ ଚିହ୍ନଟ : ଆକ୍ରାନ୍ତ ସଂଖ୍ୟା ୧୭୨କୁ ବୃଦ୍ଧି

ବାରିପଦା,୨୬/୬(ହି.ସ.): ମୟୂରଭଞ୍ଜ ଜିଲ୍ଲାରେ ଆଜି ପୁଣି ୭ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ଏବଂ ସଂକ୍ରମିତମାନଙ୍କ ସଂଖ୍ୟା ୧୭୨କୁ ବୃଦ୍ଧି ପାଇଛି । ଜିଲ୍ଲାର ରାସଗୋବିନ୍ଦପୁର, ଖୁଂଟା ଓ ବହଳଦା ଆଦି ପ୍ରତ୍ୟେକ ବ୍ଲକ ଅଂଚଳରୁ ଜଣେ ଲେଖାଏଁ ମୋଟ ୩ ଜଣ ଗୋବନ୍ଧୁନଗର ଓ ଉଦଳା ବ୍ଲକ ଅଂଚଳରୁ ୨ ଜଣ କରି ୪ ଜଣ ଏହିପରି ମୋଟ ୭ ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି। ଏମାନଙ୍କ ମଧ୍ୟରୁ ୨ ଜଣ କ୍ୱାରେନଟାଇନ ସେଂଟର(ଗୁଜରାଟ-୧, ମହାରାଷ୍ଟ୍ର-୧)ରୁ ଆସିଥିବା ବେଳେ ଗୋପବନ୍ଧୁନଗର ବ୍ଲକ ଅଂଚଳରୁ -୨, ଉଦାବ୍ଲକ ଅଂଚଳରୁ-୨ ଏବଂ ଖୁଣ୍ଟା ବ୍ଲକ ଅଂଚଳରୁ-୧କୁ ମିଶାଇ ମୋଟ ୫ ଜଣ ଲୋକାଲ କଂଟାକ୍ଟ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ହୋଇଥିବା ସମସ୍ତ ସଂକ୍ରମିତମାନଙ୍କୁ କୋଭିଡ଼୍ ହସପିଟାଲରେ ଚିକିତ୍ସା ନିମନ୍ତେ ଭର୍ତି କରାଯାଇଛି ଏବଂ ସେମାନଙ୍କର ଟ୍ରାଭେଲ ହିଷ୍ଟ୍ରି ଯାଂଚ କରାଯାଉଛି ବୋଲି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏଥି ସହିତ ଜିଲ୍ଲାରେ ଜୁନ ୨୪ ସୁଦ୍ଧା ୧୨୬ ଜଣ ସୁସ୍ଥ ହୋଇ ଫେରିଥିବା ବେଳେ ସକ୍ରିୟ ସଂଖ୍ୟା ଆଜକୁ ମିଶାଇ ୪୫ରେ ପହଁଚିଛି ଏବଂ ଜଣେ ୬୦ ବର୍ଷିୟ କରୋନା ପଜିଟିଭ ଆକ୍ରାନ୍ତଙ୍କର କେନସର ଅସ୍ତ୍ରୋପଚାର ପରେ ସ୍ୱାସ୍ଥ୍ୟଗତ ଜଟିଳତା କାରଣରୁ ମୃତ୍ୟୁ ହୋଇଥବାର ଜଣାପଡ଼ିଛି ।

# ତୈଳଦର ବୃଦ୍ଧି ପ୍ରତିବାଦରେ ବ୍ଲକ୍ ସମ୍ମୁଖରେ ବିକ୍ଷୋଭ କରିବ କଂଗ୍ରେସ

ଭଦ୍ରକ, ୨୬/୬ (ହି.ସ.) - ଅଖିଳ ଭାରତୀୟ କଂଗ୍ରେସ କମିଟି ଆହ୍ୱାନରେ ଭଣ୍ଡାରିପୋଖରୀ ବ୍ଲକ୍ କଂଗ୍ରେସ ପକ୍ଷରୁ ଆଗାମୀ ୩୦ ତାରିଖରେ ତୈଳଦର ବୃଦ୍ଧି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ସୂଚନା ଦିଆଯାଇଛି। କେନ୍ଦ୍ର ସରକାର ଗତ ଛଅ ବର୍ଷରେ ୧୨ ଥର ଉତ୍ପାଦ ଶୁଳ୍କ ବୃଦ୍ଧି କରି ପେଟ୍ରୋଲ ଉପରେ ୨୩.୭୮ ପଇସା ଓ ଡିଜେଲ ଉପରେ ୨୮.୩୬ ପଇସା ଧାର୍ଯ୍ୟ କରିଛନ୍ତି। ଏପରିକି ଗତ ୧୪ ଦିନ ମଧ୍ୟରେ ପେଟ୍ରୋଲ ଓ ଡିଜେଲ ଉପରେ ଆଠ ଟଙ୍କା ବୃଦ୍ଧି ଘଟି ଖାଉଟି ହନ୍ତସନ୍ତ ହୋଇଛନ୍ତି। ଏହି ପରିସ୍ଥିତିରେ କଂଗ୍ରେସ ନୀରବଦ୍ରଷ୍ଟା ହୋଇ ରହିବନାହିଁ। ଏହି ମର୍ମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଛି। କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ୍ ସଭାପତି ରଜନୀକାନ୍ତ ଚନ୍ଦଙ୍କ ସଭାପତିତ୍ୱରେ ନିର୍ବାଚନ ମଣ୍ଡଳୀ ନେତା ସୁବ୍ରତ ଦାସ, ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ପିତାମ୍ବର ନାୟକ, ବରିଷ୍ଠ କଂଗେସ୍ର ନେତା ଗୋଲକ ବେହେରା, ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ସବିତା ଚନ୍ଦ, ରଘୁନାଥ ବାରିକ, ପୂର୍ବତନ ଜୋନ୍ ସଭାପତି ପ୍ରଶାନ୍ତ ସାହୁ, ଅଜୟ ସାହୁ, ନାରାୟଣ ବେହେରା, ରମେଶ ଭାରତୀ, ସରପଂଚ ବିଜୟ ଶଙ୍କର ମହାନ୍ତି, ସୁବାଷ କାଣ୍ଡି, ମନୋଜ ନାୟକ, ସମିତିସଭ୍ୟ ଚନ୍ଦ୍ରଶେଖର ଜେନା, ପୂର୍ବତନ ସରପଂଚ ସୁବାଷ ଗୋଚ୍ଛାୟତ, ଧରିତ୍ରୀ ଜେନା, ଲଳିତ ବେହୁରିଆ, ବିନେଦା ପଲାଇ, ବସନ୍ତ ରାଉତ, ଶ୍ୟାମ ମହାପାତ୍ର, ନଟବର ରାଉଳ, ହେମନ୍ତ ସାହୁ, ମଧୁସୂଦନ ଦତ, ପ୍ରଶାନ୍ତ ଜେନା, ପିତାମ୍ବର ଦାସ, ସୁଦର୍ଶନ ବେହେରା, ପ୍ରଶାନ୍ତ ରାଉତ, ଖଗେଶ୍ୱର ସ୍ୱାଇଁ, ଅଭିମନ୍ୟୁ ବେଉରା, ଶଙ୍କର୍ଷଣ ପଣ୍ଡା, ଉମାକାନ୍ତ ଜେନା, ମଦନ ରାଉତ, ମନୋଜ ରାଉତ, ଦୁଃଖିଶ୍ୟାମ ବିଶ୍ୱାଳ, ସୁଜାତା ଦାସ ଅଧିକାରୀ, ହୃଷିକେଶ ସାହୁ, ବସନ୍ତ ତ୍ରିପାଠୀଙ୍କ ସମେତ ପଂଚାୟତ ସଭାପତିମାନେ ଯୋଗଦେଇ ବିକ୍ଷୋଭକୁ ସଫଳ କରିବାକୁ ମତ ରଖିଥିଲେ। ସମସ୍ତ କାର୍ଯ୍ୟକ୍ରମ କୋଭିଡ୍-୧୯ ନିୟମାବଳୀ ଆଧାରିତ ହେବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

# 'ବିଏସଏସଏସ'ପକ୍ଷରୁ ସଫେଇ କର୍ମଚାରୀଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ

ବାଲେଶ୍ୱର,୨୬।୬ (ନି.ପ୍ର): ଉତ୍ତର ଓଡ଼ିଶାର ଅନ୍ୟତମ ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ବାଲେଶ୍ୱର ସୋସିଆଲ ସର୍ଭିସ ସୋସାଇଟି '(ବିଏସଏସଏସ) ପକ୍ଷରୁ ବାଲେଶ୍ୱର ସହରର ସଫେଇ କର୍ମଚାରୀମାନଙ୍କୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ସାଙ୍ଗକୁ ମାସ୍କ, ସାବୁନ୍ ଓ ସାନିଟାରି ବ୍ୟବହାର ପାଇଁ ବିଭିନ୍ନ ପ୍ରକାରର ଉପାଦାନ ପ୍ରଦାନ କରିଥିଲେ। ବାଲେଶ୍ୱର ସହରର ଜେଲ୍‌ରୋଡ୍ ସ୍ଥିତ ପୂର୍ବତନ କାଉନସିଲର ସତ୍ୟଶିବ ସୁନ୍ଦର ଦାଶଙ୍କ ବାସ ଭବନ ପରିସରରେ ୩୫୦ ସଫେଇ କର୍ମଚାରୀ ପରିବାରଙ୍କୁ ଏହି ସାମଗ୍ରୀ ପ୍ରଦାନ କରାଯାଇଥିଲା। ବିଶେଷ କରି ଚଉଳ, ଡାଲି, ଆଳୁ, ପିଆଜ, ତେଲ, ମାସ୍କ, ସାବୁନ୍, କ୍ଲୋରିନ୍ ଟେବଲଟ ପ୍ରଭୃତି ବଣ୍ଟନ କରାଯାଇଥିଲା। ଏଥି ସହିତ ସାମ୍ପ୍ରତିକ କରୋନା ମହାମାରୀ ମୁକାବିଲା ପାଇଁ ସମସ୍ତଙ୍କୁ ସଚେତନ କରାଯାଇଥିଲା। ବଣ୍ଟନ ବେଳେ ପୂର୍ବତନ କାଉନସିଲର ଶ୍ରୀ ଦାସଙ୍କ ସମେତ ସଫେଇ କର୍ମଚାରୀ ସଂଘର ସଭାପତି ଭାଗବତ ସାହୁ, ବିଏସଏସଏସର ନିର୍ଦ୍ଦେଶକ ଫାଦର ଲିଜୋ ପ୍ରମୁଖ ଉପସ୍ଥିତ ଥିଲେ। ବିଏସଏସଏସ ଏହି ମହତ କାର୍ଯ୍ୟକୁ ପୂର୍ବତନ କାଉନସିଲର ଭୂୟସୀ ପ୍ରଶଂସା କରିଥିଲେ। ଗରିବ ଓ ଅସହାୟ ଲୋକଙ୍କ ପ୍ରତି ଏହି ସଂସ୍ଥାର ସେବାମୂଳକ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି ବୋଲି ସେ କହିଥିଲେ। ତେବେ ସଫେଇ କର୍ମଚାରୀ ସଂଘରେ ଅଧିକାଂଶ ପରିବାର ଅତ୍ୟନ୍ତ ଗରିବ ହୋଇଥିବା ବେଳେ କରୋନା ଭଳି ସ୍ଥିତିରେ ବିଏସଏସଏସର ଏହି ସହଯୋଗ ସେମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହୋଇପାରିଛି ବୋଲି ସଭାପତି ଶ୍ରୀ ସାହୁ କହିଥିଲେ। ଦୀର୍ଘ ୨୭ ବର୍ଷ ଧରି ବିଭିନ୍ନ କ୍ଷେତ୍ରରେ ଜନସାଧାରଣଙ୍କୁ ଏହି ସଂସ୍ଥା ସେବା ଯୋଗାଇ ଆସୁଥିବା ବେଳେ ମହାମାରୀ କରୋନା ବେଳେ ବି ନିଜର କର୍ତ୍ତବ୍ୟରୁ ଓହରି ନଥିବା ବିଏସଏସଏସର ନିର୍ଦ୍ଦେଶକ ଫାଦର ଲିଜୋ କହିଛନ୍ତି। ଏମିତିକି କରୋନା ସମୟରେ ବିଭିନ୍ନ ସ୍ଥାନର ଗରିବ ଅବହେଳିତଙ୍କୁ ସହାୟତା କରିଆସୁଛୁ। ଆଗାମୀ ଦିନରେ ବି ଏହି ଧାରା ବଜାୟ ରହିବ ବୋଲି ଫାଦର ଲିଜୋ ସୂଚନା ଦେଇଥିଲେ। ବିଏସଏସଏସର ସହ-ନିର୍ଦ୍ଦେଶକ ଫାଦର ଏରିକ୍, ଫାଦର କୋରିଆକାସି, ସତ୍ୟରଂଜନ ମହାପାତ୍ର, ଦୀନେଶ ଗିରି, ବିନସେନ୍ ଜୋସେଫ, ସିଲୁସାହା, ସସ୍ମିତ ଗିରି, ଜୟସ୍ମିତା ଦାସ, ସୁପ୍ରଭା ଦାସ, ଚନ୍ଦ୍ରଶେଖର ପଣ୍ଡା ପ୍ରମୁଖ ଆଜିର ସେବା କାର୍ଯ୍ୟକୁ ପରିଚାଳନା କରିଥିଲେ।

# ୪୨ତମ ସଂସ୍କୃତି ଚର୍ଚ୍ଚା ସମାରୋହ

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ ବନ୍ଦେ ଉତ୍କଳ ଜନନୀ

ଭୁବନେଶ୍ୱର,୨୬।୬ (ନି.ପ୍ର): କୋଭିଡ-୧୯ ସଂକ୍ରମଣରେ ଭାରତ ତଥା ସମଗ୍ର ବିଶ୍ୱ ସଂକ୍ରମିତ ଯୋଗୁଁ, ସରକାରଙ୍କ ନିର୍ଦ୍ଦେଶନାମା ଏବଂ ସାମାଜିକ ଦୂରତା ଅବଲମ୍ବନ ପୂର୍ବକ ୪୨ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ଇଂଟରନେଟ୍‌ର ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଶ୍ରୀ ଗୁରୁକଲ୍ୟାଣ ମହାପାତ୍ର, ସମ୍ମାନର ମୁଖ୍ୟ ଅତିଥି ଭାବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦାନ କରିଥିଲେ। ସଭାପତିତ୍ୱ କରିଥିଲେ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ବିଜୟ କୁମାର ନାୟକ। ସମ୍ମାନରେ ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧିକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ। ସଭାର ପ୍ରାରମ୍ଭରେ ମୁଖ୍ୟବକ୍ତା ଏବଂ ମୁଖ୍ୟ ଅତିଥିଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ଅତିଥିମାନଙ୍କୁ ଉପଢୌକନ ଏବଂ ପୁଷ୍ପତାରା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟବକ୍ତା ଶ୍ରୀ ମହାପାତ୍ର ବର୍ଣ୍ଣନା କରିଥିଲେ ଯେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରକୃତରେ ଥିରେ ଏକ ବିସ୍ମୟ। ସବ୍ୟସାଚୀଙ୍କ ପରି ଉଭୟ ଗଦ୍ୟ ଓ ପଦ୍ୟ ସାହିତ୍ୟ ସର୍ଜନା କରି ସେ ନିଜର ସ୍ୱତନ୍ତ୍ର ସ୍ଥାନ ରଖି ଯାଇଛନ୍ତି। ତାଙ୍କର କାବ୍ୟିକ ସାଧନା ବିରାଟ କାବ୍ୟ ସୃଷ୍ଟି କରିନାହିଁ ବରଂ କ୍ଷୁଦ୍ର ଓ ଅତିକ୍ଷୁଦ୍ର କବିତା ସୃଷ୍ଟି ମଧ୍ୟରେ ତାଙ୍କର ସାଧନା ସୀମିତ ରଖିଥିଲେ ହେଁ, ସେସବୁ ଅତ୍ୟନ୍ତ ଶକ୍ତିଶାଳୀ ଓ ଚିତାକର୍ଷକ ସୃଷ୍ଟି ଭାବରେ ତାଙ୍କୁ ଓଡ଼ିଆ ସାହିତ୍ୟରେ ଅମର କରି ରଖିଛି। ତାଙ୍କ ସୃଷ୍ଟିର ବୈଶିଷ୍ଟ୍ୟ ହେଉଛି, ଉଭୟ ପୁରାତନ ଓ ଆଧୁନିକ। ଏ ସାହିତ୍ୟ ମଧ୍ୟରେ ସେ ଏକ ସାର୍ଥକ ସଂଯୋଗକାରୀ ସେତୁ, କେହି କେହି ତାହାକୁ ସୁବର୍ଣ୍ଣ ସେତୁ ବୋଲି କହିଥାନ୍ତି। ଡଗର ପତ୍ରିକାର ୧୪ବର୍ଷ ସଂଖ୍ୟାରେ ସେ ଲେଖିଥିଲେ ମୁଁ କାହିଁକି ଲେଖେ ? ଶୀର୍ଷକ ଲେଖାଟିଏ ସେ ଲେଖାର ଶେଷାଂଶଟି ଏହିପରି ମୋ ନିଜ କଥା କହିବାକୁ ଗଲେ ମୁଁ ଲେଖେଁ ନିଜେ ଜୀଇଁ ରହିବା ପାଇଁ। ଏଇ ଲେଖିବାର ମୋହ ମୋତେ ଏଯାବତ୍ ବଂଚାଇ ରଖିଛି ବୋଲି ମୋର ବିଶ୍ୱାସ। ମୋ ଦୁର୍ବିସହ ଜୀବନର ଏକମାତ୍ର ଆଶ୍ୱାସନ, ଏକମାତ୍ର ସମ୍ବଳ, ଏହି ଅବଲମ୍ବନଟି ଯେଉଁଦିନ ଛିଡ଼ିଯିବ, ସେହିଦିନ ଏହା ମୋର ଶେଷ ଦିନ। ତାହାହିଁ ତାଙ୍କ କ୍ଷେତ୍ରରେ ଘଟିଥିଲା। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ କବିତା ବନ୍ଦେ ଉତ୍କଳ ଜନନୀ ୧୯୧୨ ମସିହାରେ ବିଧିବଦ୍ଧ ଭାବେ ଉତ୍କଳ ସମ୍ମିଳନୀରେ ଗାନ କରାଯାଇଥିଲା। ଭଦ୍ରକ ହାଇସ୍କୁଲ ଠାରେ ୧୯୩୪ ମସିହାରେ ଆୟୋଜିତ ଏକ ସମ୍ବର୍ଦ୍ଧିତ ସଭାରେ ଲକ୍ଷ୍ମୀକାନ୍ତ ସାହୁ ତାଙ୍କୁ କାନ୍ତକବି ଉପାଧି ପ୍ରଦାନ କରିଥିଲେ। ଦୀର୍ଘ ୧୦୦ ବର୍ଷ ପରେ ଏହି ସଙ୍ଗୀତ ଯାହାକି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କାଳରେ ଉନ୍ମାଦନା ସୃଷ୍ଟି କରି ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥିଲା। ଉକ୍ତ ସଙ୍ଗୀତକୁ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କୋଭିଡ ଯୋଦ୍ଧାମାନଙ୍କ ପାଇଁ ଉତ୍ସର୍ଗ କରିଛନ୍ତି ଯାହା ଗତ ମଇ ୩୦ ସନ୍ଧ୍ୟା ୫.୩୦ ମିନିଟ୍‌ରେ କୋଭିଡ୍ ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ଗାନ କରାଯାଇଥିଲା। ଯାହାକି ଜୁନ୍ ୭ରେ ଏହାକୁ ରାଜ୍ୟ ସଙ୍ଗୀତ ମର୍ଯ୍ୟାଦା ଦେବାକୁ ସ୍ୱତନ୍ତ୍ର କ୍ୟାବିନେଟ୍‌ରେ ନିଷ୍ପତି ହୋଇଥିଲା। କାନ୍ତକବିଙ୍କ ଲିଖିତ ଜୀବନ ସଙ୍ଗୀତ ଦେ ମୋତେ ବାଇଆକରି କବିତା, କଣାମାମୁଁ ଉପନ୍ୟାସ, ବୁଢ଼ା ଶଙ୍ଖାରୀ ଗଳ୍ପ ଇତ୍ୟାଦି ବେଶ୍ ଖ୍ୟାତିଲାଭ କରିଥିଲା। ସମ୍ମାନର ମୁଖ୍ୟ ଅତିଥି ବିଭାଗୀୟ ପ୍ରମୁଖ ଶାସନ ସଚିବ, ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଉଦବୋଧନରେ କହିଥିଲେ ଯେ ବନ୍ଦେ ଉତ୍କଳ ଜନନୀ କବିତାଟି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଅନବଦ୍ୟ ସୃଷ୍ଟି, ଦେଶାତ୍ମବୋଧକ ଗୀତ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପୂର୍ବକ ଓ ପରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଗାନ କରାଯାଇଥିଲା। ସେ ଥିରେ ଏକାଧାରରେ ଜଣେ କବି, ପ୍ରାବନ୍ଧିକ, ଔପନାସିକ, କ୍ଷୁଦ୍ରଗଳ୍ପ ଏପରିକି ସାହିତ୍ୟର ସବୁ ବିଭାଗକୁ ଋଦ୍ଧିମନ୍ତ କରିଥିଲେ। ବର୍ତମାନ ବିଶ୍ୱମହାମାରୀ କରୋନା ସମୟରେ ବନ୍ଦେ ଉତ୍କଳ ଜନନୀ ଗୀତଟି ସମସ୍ତଙ୍କ ମନରେ ଗୋଟିଏ ଆତ୍ମବିଶ୍ୱାସ ସୃଷ୍ଟି କରିଛି। ଏହି ବନ୍ଦେ ଉତ୍କଳ ଜନନୀ ଗୀତରେ ଓଡ଼ିଶାର ନଦନଦୀ, ସମୁଦ୍ର, ଘଂଚ ଜଙ୍ଗଲ, ବହୁ ପୁଣ୍ୟାତ୍ମା, ମୁନୀଋଷୀ, ବୀରପୁତ୍ରମାନଙ୍କ ବିଷୟରେ ବର୍ଣ୍ଣନା ଏବଂ ସୁନୀତ ହୋଇଅଛି। ଏହି ଗୀତଟି ପ୍ରକୃତରେ ଗୋଟିଏ ଦେଶାତ୍ମବୋଧର ଶ୍ରେଷ୍ଠ ପ୍ରତିଫଳନ।

ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଶ୍ରୀ ବିଜୟ କୁମାର ନାୟକ ଉଲ୍ଲେଖ କରିଥିଲେ ଯେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଅନେକ ଦେଶାତ୍ମବୋଧକ ସଙ୍ଗୀତ ଲେଖିଛନ୍ତି, ବନ୍ଦେ ଉତ୍କଳ ଜନନୀ ଉଡ଼ାଇ ନିଶାଣ ବଜାଇ ଭେରି ବିଶେଷକରି ତାଙ୍କ ରଚିତ ଜୀବନ ସଙ୍ଗୀତ ଗୀତଟି ହେଉଛି ଓଡ଼ିଆ ଜାତିର ସ୍ପନ୍ଦନ କାରଣ ଏତେ କାରୁଣ୍ୟରେ ପରିପୂର୍ଣ୍ଣ ଗୀତ ବୋଧହୁଏ ଓଡ଼ିଆ ସାହିତ୍ୟରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ। ବୁଢ଼ା ଶଙ୍ଖାରୀ ଗଳ୍ପଟି ଚିର ସ୍ମରଣୀୟ ହୋଇ ରହିଅଛି।

## ସତ୍ୟସାଇ ସୋସିଆଲ ଅର୍ଗାନାଇଜେସନ ପକ୍ଷରୁ ସଫେଇ କର୍ମଚାରୀଙ୍କୁ ସମ୍ମାନିତ

ବାଲେଶ୍ୱର,୨୬।୬ (ନି.ପ୍ର): ସତ୍ୟସାଇ ସୋସିଆଲ ଅର୍ଗାନାଇଜେସନ ପକ୍ଷରୁ ଅବହେଳିତ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯିବା ସହ ସମସ୍ତଙ୍କୁ ପୋଷାକ ବଣ୍ଟନ କରାଯାଇଛି। କଚେରୀ ରୋଡ୍ ସେଲଟ୍ୟାକ୍ସ କଲୋନିରେ ଆୟୋଜିତ କାର୍ଯ୍ୟକ୍ରମରେ ସତ୍ୟସାଇ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଚେୟାରମ୍ୟାନ୍ ଡକ୍ଟର ବେଣୁମାଧବ ପଣ୍ଡା ଏଥିରେ ଯୋଗଦେଇ ଏହି ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସାମ୍ପ୍ରତିକ କରୋନା ଲଢ଼େଇରେ ଯୋଦ୍ଧା ସାଜିଥିବା ଏହି ସଫେଇ କର୍ମଚାରୀଙ୍କୁ ସବୁ ମହଲରୁ ସମ୍ମାନିତ କରାଯିବା ଉଚିତ ବୋଲି ସେ କହିଥିଲେ। ସତ୍ୟସାଇ ସୋସିଆଲ ଅର୍ଗାନାଇଜେସନର ବହୁ ସଦସ୍ୟ ଉପସ୍ଥିତ ରହି ମହିଳା ସଫେଇ କର୍ମଚାରୀଙ୍କୁ ପୋଷାକ ବଣ୍ଟନ କରିଥିଲେ। ବିଗତ ଦିନରେ ଏହି ସଂଗଠନ ପକ୍ଷରୁ ବହୁ ଜନସେବା ମୂଳକ କାର୍ଯ୍ୟ ହୋଇଥିବା ବେଳେ ଆଗାମୀ ଦିନରେ ବି ଏହି ଧାରା ଜାରି ରହିବ ବୋଲି ସଂଗଠନର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

## ଭଦ୍ରକ ଜିଲ୍ଲାର ନୂଆ ୨୫ କରୋନା ମାମଲା ସମ୍ପର୍କରେ ତଥ୍ୟ ଦେଲା ପ୍ରଶାସନ

ଭୁବନେଶ୍ୱର,୨୬।୬ (ନି.ପ୍ର): ଭଦ୍ରକ ଜିଲ୍ଲାର ନୂଆ ୨୫ କରୋନା ମାମଲା ସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତଥ୍ୟ ପ୍ରଦାନ କରା ଯାଇଛି। ଏହି ୨୫ ଜଣ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୨୩ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ଦୁଇ ଜଣ ହୋମ କ୍ୱାରେଂଟାଇନରୁ ଚିହ୍ନଟ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହା ଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ମୋଟ ୨୨୬ଟି ମାମଲା ସାମନାକୁ ଆସିଥିବା ବେଳେ ୧୮୭ ଜଣ ସୁସ୍ଥ ହୋଇ ସାରିଛନ୍ତି। ଜିଲ୍ଲାରେ ୩୯ଟି ସକ୍ରିୟ ମାମଲା ରହିଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ କରୋନା ପାଇଁ ୮୮୯୮ ନମୁନା ପରୀକ୍ଷଣ କରା ଯାଇଥିବା ଜଣା ପଡିଛି।

# 'ମୋନା'ପକ୍ଷରୁ ଆନ୍ତର୍ଜାତିକ ନିଶା ସେବନ ନିରୋଧ ଦିବସ

ବାଲେଶ୍ୱର,୨୬।୬ (ନି.ପ୍ର): ଆନ୍ତର୍ଜାତିକ ନିଶା ସେବନ ନିରୋଧ ଦିବସ ପାଳନ ଅବସରରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ରାଜ୍ୟରେ ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନ୍ ଲାଗୁ ପାଇଁ ଆଜି ଦାବି କରାଯାଇଛି।ଏନେଇ ସଂଗଠନର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଶାନ୍ତିପୂର୍ଣ୍ଣ ପ୍ରତିବାଦ ଜଣାଇବା ସହ ଓଡ଼ିଶାର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ୧୯୫୬ ମସିହାରେ ପ୍ରଣିନ୍ନିଶା ନିବାରଣ ଆଇନ୍ କାର୍ଯ୍ୟକାରୀ ପାଇଁ ଦାବି କରିଥିଲେ। ପଡ଼ୋଶୀ ରାଜ୍ୟ ବିହାରରେ ନିଶା ନିବାରଣ ଆଇନ୍ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହୋଇ ପାରୁଥିବା ବେଳେ ଓଡ଼ିଶାରେ ଏହାର ବ୍ୟତିକ୍ରମ କାହିଁକି ବୋଲି ମୋନାର




କର୍ମକର୍ତ୍ତାମାନେ ପ୍ରଶ୍ନ କରିଥିଲେ। ଶୃଙ୍ଖଳିତ ସାମଜ ଗଠନ ପାଇଁ ଓଡ଼ିଶାରେ ମଧ୍ୟ ସରକାର ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନ୍ କାର୍ଯ୍ୟକାରୀ କରିବାକୁ ସେମାନେ ଦାବି କରିଥିଲେ। ତେବେ ସମ୍ପ୍ରତି ଜିଲ୍ଲାରେ ବଢ଼ି ଚାଲିଥିବା ବେଆଇନ୍ ନିଶା କାରବାରକୁ ରୋକିବା ଓ ଚୋରା ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଂଗଠନ ପକ୍ଷରୁ ଦାବି ହୋଇଥିଲା। ଏହି ଅବସରରେ ମୋନା ପକ୍ଷରୁ ଏକ ଦାବିପତ୍ର ବାଲେଶ୍ୱର ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ମୋନାର ସଭାପତି ଆଇନଜୀବୀ ପ୍ରଭାକର ସାହୁ, ସମ୍ପାଦିକା ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କର, ଗୌରାଙ୍ଗ ପାଣିଗ୍ରାହୀ, ନିରଂଜନ ପରିଡ଼ା, ଅର୍ଚ୍ଚନା ନନ୍ଦୀ, ସୀତାରାମ ପ୍ରଧାନ୍, ରମେଶ ଚନ୍ଦ୍ର ଜେନା, କ୍ଷୀତିଶ୍ୱର ଦାଶ, ଶିରୀଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଏକ ଅନ୍ଧାରି ମୂଲକର ଅଶୀବର୍ଷ ଧରି ଅଭିଶପ୍ତ ଜୀବନ ଯାତ୍ରା

ଜୟପାଟଣା,୨୬।୬ (ନି.ପ୍ର): ଅଶୀବର୍ଷରୁ ଅଧିକ ସମୟ ଧରି ପ୍ରକୃତି କୋଳରେ ଭୌଗଳିକ ପ୍ରତିବନ୍ଧକ ମଧ୍ୟରେ ସାଙ୍କେତିକ ଜୀବନ କଟାଇ ଆସୁଥିବା ଗାଁ ଲୋକଙ୍କ ପାଇଁ ଏକ ନୂତନ ଅନୁଭୂତି ଆସିଛି। ଗାଁକୁ ପ୍ରଥମ କରି ସଡ଼କ ଆସିବ। ଇତିମଧ୍ୟରେ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସଡ଼କ ତିଆରି କାମ ଚାଲିଥିବାରୁ ଲୋକେ ଆଗ୍ରହର ସହିତ ରାସ୍ତା କାମରେ ନିୟୋଜିତ ହେଉଥିବା ଦେଖିବାକୁ ମିଳିଛି। କିନ୍ତୁ ପରବର୍ତ୍ତୀ ସ୍ଥିତି ସଡ଼କକୁ ପୂର୍ଣ୍ଣାଙ୍ଗ କରିବାରେ ସହାୟକ ହେବ ନା ଲୋକଙ୍କୁ ପୁଣିଥରେ ସରକାରୀ ତାଡ଼ନାର ଶିକାର ହେବାକୁ ପଡ଼ିବକି ବୋଲି ଆଲୋଚନା ହେବାରେ ଲାଗିଲାଣି। ଜୟପାଟଣା ବ୍ଲକ ଅନ୍ତର୍ଗତ ଧନ ଶୂଳି ପଂଚାୟତର ସମତଳ ଓ ନିଘଂଚ ଜଙ୍ଗଲ ମଧ୍ୟରେ ମୁଣ୍ଡ ଟେକି ଅଶୀ ବର୍ଷ ବିତାଇ ସାରିଥିବା ଭିତର ପଣ୍ଡି ଗାଁ। ନଦୀ ସଭ୍ୟତାକୁ ବିଶ୍ୱାସ ରଖି ଏହି ଗାଁ ବସିଥିଲା। ହାତୀ ନଦୀ ନବରଙ୍ଗପୁର ଜିଲ୍ଲାରୁ ଉଦଗମ ହୋଇ ଭିତର ପଣ୍ଡି ଗାଁରେ ହିଁ କଳାହାଣ୍ଡି ମାଟିକୁ ପ୍ରଥମ ସ୍ପର୍ଶ ଦେଇଥିଲା। ଅଶୀବର୍ଷ ତଳେ ରାଜତନ୍ତ୍ରର ଭୟରେ ନିଷ୍କପଟ କିଛି ଆଦିବାସୀ ନିଘଂଚ ଜଙ୍ଗଲ ମଧ୍ୟରେ ଅନ୍ଧାରୁ ମାଝୀର ନେତୃତ୍ୱରେ ଗାଁ ବସାଇଥିଲେ। ଜୟପାଟଣା ବ୍ଲକର କାର୍ଯ୍ୟାଳୟରୁ ପନ୍ଦର କି.ମି. ପଣ୍ଡି ଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରାସ୍ତାରେ ଆସିବା ପରେ ସେଠାରୁ ହିଁ ବିକାଶ ବାଟ ହୁଡ଼ିଯାଏ। ତିନି କି.ମି. ଭିତର ପଣ୍ଡି ଯିବା ପାଇଁ ହାତୀ ନଦୀ ଓ ଦୁଇଟି ଝଣା ସହିତ ଜଙ୍ଗଲ ମଧ୍ୟରେ ପାଦରେ ଅତିକ୍ରମଣ କଲାପରେ ପଡ଼େ ଭିତରପଣ୍ଡି। ଗାଁର ଚିତ୍ରପଟ ଦେଖିବା ପରେ ମନେହୁଏ ସତେକି ଏହି ଗାଁ ପାଇଁ ସ୍ୱାଧୀନତା କିମ୍ବା ବିକାଶର କୌଣସି ଗନ୍ଧ ପହଂଚି ନାହିଁ। ସବୁଦିନ ପାଇଁ ଅବହେଳାର ଶିକାର ହୋଇ ଆସିଥିବା ଭିତର ପଣ୍ଡି ଗାଁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ବିଜୁଳି ଭଳି ସମସ୍ତ ମୌଳିକ ଅଧିକାରରୁ ବଂଚିତ ଥିଲା। କଳାହାଣ୍ଡିର ନଗଡ଼ା ପ୍ରକାଶିତ ହେବାପରେ ଜିଲ୍ଲା ପ୍ରଶାସନର ନିଦ ଭାଙ୍ଗିଲା। ଜୟପାଟଣା ବିଡିଓ ଲରୀମାନ ଖରସେଲ ସିଡିପିଓଙ୍କ ସମେତ ଅନେକ ବିଭାଗ ଚାଲି ଚାଲି ଭିତର ପଣ୍ଡିରେ ପହଂଚିଥିଲେ। ଅପପୁଷ୍ଟିର ଶିକାର ହୋଇଥିବା ଶିଶୁଙ୍କୁ ଜୟପାଟଣା ସ୍ଥିତ ଜାତୀୟ ଅପପୁଷ୍ଟି କେନ୍ଦ୍ରରେ ଭର୍ତ୍ତି କରାଗଲା, ଅଙ୍ଗନବାଡ଼ି କେନ୍ଦ୍ରରୁ ଖାଦ୍ୟ ଦିଆଗଲା। ନଜଣ ଛାତ୍ରଙ୍କୁ ଧନ ଶୂଳି ଆଶ୍ରମରେ ଭର୍ତ୍ତି କରାଗଲା। ଆନ୍ତରିକତାର ଅଭାବ ହେତୁ ସବୁ ଯୋଜନା ଧୂମିଳ ହୋଇଗଲା। ଗାଁରେ ବାଇଶି ପରିବାର ଥିବାବେଳେ ଷୋହଳ ପରିବାରଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଛି, ପରବର୍ତ୍ତୀ ସମୟରେ ସମସ୍ତଙ୍କୁ ଘର ଯୋଗାଇ ଦିଆଯିବ ବୋଲି ସରପଂଚ ପ୍ରକାଶ କରିଥିଲେ। ଗାଁରେ ବିଦ୍ୟୁତ ଖୁଂଟ, ଟ୍ରାନ୍ସଫୋରମର ଲାଗିଥିବାବେଳେ ବର୍ଷେ ହେବ ବିଦ୍ୟୁତ ସଂଯୋଗ ହୋଇ ନଥିବା ଲୋକେ ପ୍ରକାଶ କରିଛନ୍ତି। ଏବେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସଡ଼କ କାମ ଚାଲିଛି। ବିକାଶ ପାଇଁ ଅର୍ଥର ଅଭାବ ନଥିବାବେଳେ ଜୟପାଟଣା ବ୍ଲକର ଭିତର ପଣ୍ଡି ପାଇଁ କେବେ ବିକାଶର ସୂର୍ଯ୍ୟ ଉଦୟ ହେବ ଓ ନଦୀ ଉପତ୍ୟକାରେ ଅଶୀବର୍ଷ ଧରି ବିକାଶର ଅପେକ୍ଷାରେ ଥିବା ମଣିଷଙ୍କ ସଂଯୋଗ ବ୍ୟବସ୍ଥା କେବେ ସାକାର ହେବ ତାହା ଏବେ ଦେଖିବାର ବେଳ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ସରକାର ବିରୁଦ୍ଧରେ...

ସହାୟତା, ୬ ମାସ ପର୍ଯ୍ୟନ୍ତ ପ୍ରତି ପରିବାରକୁ ୧୦ କିଲୋ ଚାଉଳ ଓ ୫ କିଲୋ ଡାଲି ଯୋଗାଇବା, ଚାଷୀମାନଙ୍କର ସମସ୍ତ ରବି ଫସଲକୁ ସର୍ବନିମ୍ନ ସହାୟତା ମୂଲ୍ୟ ଦେଇ କ୍ରୟ କରିବା ସହିତ ଖରିପ୍ ଫସଲ ପାଇଁ ବିହନ, ସାର, କୀଟନାଶକ ଓ ଏକର ପିଛା ୬୦ଟି ମଜୁରୀ ମନରେଗାରୁ ଭରଣା କରିବା, ଉଠା ଦୋକାନୀ, କଳାକାର ଇତ୍ୟାଦିଙ୍କୁ ୧୦ ହଜାର ଟଙ୍କାର ସହାୟତା ଦେବା, ସୂତାକଳ ସମେତ ରାଜ୍ୟରେ ବନ୍ଦ ହୋଇପଡିଥିବା କଳକାରଖାନାଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଓଡିଶା ଔଷଧ ନିଗମରେ ହେଉଥିବା ଦୁର୍ନୀତିର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଇତ୍ୟାଦି ଅର୍ନ୍ତଭୁକ୍ତ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଭାରତୀୟ ଜାତୀୟ କଂଗ୍ରେସ, ସିପିଆଇ, ସିପିଆଇ(ଏମ), ସିପିଆଇ (ଏମ.ଏଲ) ଲିବରେସନ, ସମାଜବାଦୀ ପାର୍ଟି, ଆମ୍ ଆଦ୍‌ମୀ ପାର୍ଟି, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ, ସିପିଆଇ(ଏମ.ଏଲ) ରେଡ ଷ୍ଟାର, ରାଷ୍ଟ୍ରୀୟ ଜନତା ଦଳ, ଏନ୍‌ସିପି, ସମୃଦ୍ଧ ଓଡ଼ିଶା ପ୍ରମୁଖ ଭାଗ ନେଇଥିଲେ। ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ଜନାର୍ଦ୍ଦନ ପତି, ରାମକୃଷ୍ଣ ପଣ୍ଡା, ପ୍ରଦୀପ ମାଝୀ, ରାମଚନ୍ଦ୍ର ଖୁଂଟିଆ, ଜୟଦେବ ଜେନା, ଶରତ ରାଉତ, ସୁରେଶ କୁମାର ରାଉତରାୟ, ପଂଚାନନ କାନୁନ୍‌ଗୋ, ଶିବାନନ୍ଦ ରାୟ, ଶୁଭେନ୍ଦୁ ମହାନ୍ତି, ବିପିନ୍ ଦାସ, ରାଧାକାନ୍ତ ସେଠୀ, ପ୍ରମୁଖଙ୍କ ନେତୃତ୍ୱରେ ଆଜିର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଆଉ ୨୧୮ କରୋନା...

ଭଦ୍ରକ ଜିଲ୍ଲାରେ ୨୫ ଜଣ କନ୍ଧମାଳ ଜିଲ୍ଲାରେ ଜଣେ, ନୂଆପଡା ଜିଲ୍ଲାରେ ୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଝାରସୁଗୁଡା ଜିଲ୍ଲାରେ ୪ ଜଣ, କେନ୍ଦୁଝର ଜିଲ୍ଲାରୁ ୨ ଜଣ, ଯାଜପୁର ଜିଲ୍ଲାରୁ ଜଣେ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ପୁରୀ ଜିଲ୍ଲାରୁ ୧୦ ଜଣ, ଗଜପତି ଜିଲ୍ଲାରୁ ୨୭ ଜଣ, ବୌଦ୍ଧ ଜିଲ୍ଲାରୁ ଜଣେ, ସୁନ୍ଦରଗଡ ଜିଲ୍ଲାରୁ ୧୧ ଜଣ, କେନ୍ଦ୍ରାପଡା ଜିଲ୍ଲାରୁ ୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମ୍ବଲପୁର ଜିଲ୍ଲାରୁ ୨ ଜଣ, ମୟୁରଭଂଜ ଜିଲ୍ଲାରୁ ୯ ଜଣ, କୋରାପୁଟ ଜିଲ୍ଲାରୁ ଜଣେ ତଥା ବାଲେଶ୍ୱର ଜିଲ୍ଲାରୁ ୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପଶ୍ଚିମ ବଙ୍ଗର ଅମ୍ଫାନ ଡ୍ୟୁଟି ସାରି ଫେରିଥିବା ଏନଡିଆରଏଫର ୭ ଜଣ ଜବାନ ମଧ୍ୟ କରୋନା ଆକ୍ରାନ୍ତ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।

## ପ୍ରାକୃତିକ ବିପର୍ଯ୍ୟୟ...

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ ୩ ମାସ ଧରି କୋଭିଡ ୧୯ ମହାମାରୀ ରାଜ୍ୟର ଜନସାଧାରଣଙ୍କ ଦୈନନ୍ଦିନ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି। ରାଜ୍ୟରେ ଏହି ରୋଗକୁ ନିୟନ୍ତ୍ରଣ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଯୋଗୁ ଓଡିଶା ଆଜି ଏ କ୍ଷେତ୍ରରେ ଭଲ ସ୍ଥିତିରେ ରହିଛି। ଏହି ଅବସରରେ କୋଭିଡ ମୁକାବିଲାରେ ଜନସାଧାରଣଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ରାଜ୍ୟ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଆମେ ଅନେକ ବିପଦର ସମ୍ମୁଖୀନ ହେଉଥିଲେ ମଧ ଆମେ ଯେ କୌଣସି ପରିସ୍ଥିତିର ମୁକାବିଲା କରିବାପାଇଁ ପ୍ରସ୍ତୁତ। ଗତ ବର୍ଷ ଫନି ଓ ବୁଲବୁଲ ଭଳି ବାତ୍ୟା ସହିତ ବନ୍ୟା, ବର୍ଷା ଏବଂ ଅନେକ ସ୍ଥାନୀୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଚଳିତ ବର୍ଷ ମଧ ଉତର ଉପକୂଳ ଜିଲ୍ଲା ଗୁଡିକ ମଇ ମାସର ତୃତୀୟ ସପ୍ତାହରେ ମହାବାତ୍ୟା ଅମ୍ଫନ ଦ୍ୱାରା ପ୍ରଭାବିତ ହୋଇଥିଲେ। ଓଡିଶାର ଜନସାଧାରଣଙ୍କ ସହଯୋଗରେ ଆମେ କେବଳ ଏହିସବୁ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ସଫଳ ହୋଇନାହୁଁ, ତା ସହିତ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ମଧ ତାର ବିପଦ ସମୟରେ ସହାୟତା ଯୋଗାଇ ଦେଇପାରିଛୁ ବୋଲି ସେ କହିଥିଲେ। ସବୁବେଳେ ଅତୀତର ବିପର୍ଯ୍ୟୟ ଗୁଡିକରୁ ଆମେ ଶିକ୍ଷା ଗ୍ରହଣ କରିଆସିଛୁ ଏବଂ ସମ୍ଭାବ୍ୟ ଦୁର୍ବିପାକ ପାଇଁ ପ୍ରସ୍ତୁତିରେ ଉନ୍ନତି ଆଣିବା ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରହିଛି। 'ଅଭିଜ୍ଞତାରୁ ଶିକ୍ଷା' ଏବଂ 'ପରବର୍ତୀ ପ୍ରସ୍ତୁତି'ରେ ଉନ୍ନତିର ଏହି ନିରନ୍ତର ପ୍ରକ୍ରିୟା ପାଇଁ ଆମକୁ ସବୁ କ୍ଷେତ୍ରରୁ ପ୍ରଶଂସା ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଠିକ୍ ସମୟରେ ଆସିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଚଳିତ ବର୍ଷ ଭଲ ବର୍ଷା ହେବାର ଆଶା ରହିଛି। ଜୁନ୍ ଠାରୁ ଅକ୍ଟୋବର ପର୍ଯ୍ୟନ୍ତ ସମୟ ହେଉଛି ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ବନ୍ୟା, ବାତ୍ୟା, ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସିପାରେ। ଏହିସବୁ ବିପର୍ଯ୍ୟୟ ପାଇଁ ଆମର ପ୍ରସ୍ତୁତିକୁ ନିରନ୍ତର ସମୀକ୍ଷା କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡି କୋଭିଡ ଠାରୁ ଆରମ୍ଭ କରି ଅମ୍ଫନ, ବୁଲବୁଲ, ପଙ୍ଗପାଳ ପର୍ଯ୍ୟନ୍ତ ବିଭିନ୍ନ ଦୁର୍ବିପାକ ନିରାକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ। ସମ୍ଭାବ୍ୟ ବାତ୍ୟା ଓ ବନ୍ୟାର ମୁକାବିଲା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ସଂପର୍କରେ ବୈଠକରେ ସୂଚନା ଦିଆଯାଇଥିଲା। ଜୁନ ୧ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ପ୍ରତି ଜିଲ୍ଲା ସଦର ମହକୁମାରେ ନିୟନ୍ତ୍ରଣ କକ୍ଷ ଖୋଲା ଯାଇଥିବା ବେଳେ ଟେଲି ଯୋଗାଯୋଗ ସୁବିଧା ନ ଥିବା ବନ୍ୟାପ୍ରବଣ ଅଂଚଳରେ ୧୫ଟି ଅସ୍ଥାୟୀ ଭି.ଏଚ୍.ଏଫ କେନ୍ଦ୍ର ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି। ୨୦ଟି ଓଡ୍ରାଫ ଟିମ୍‌କୁ ଆବଶ୍ୟକୀୟ ଜରୁରୀକାଳୀନ ସହାୟତା ସହିତ ଜାଗତିଆର ରଖାଯାଇଛି। ବିଭିନ୍ନ ନଦୀବନ୍ଧ ମାନଙ୍କରେ ୪୯ଟି ଦୁର୍ବଳ ସ୍ଥାନ ଚିହ୍ନଟ କରାଯାଇଛି ଏବଂ ସେଗୁଡିକର ଜଗାରଖା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ସହରାଂଚଳରେ ବର୍ଷା ଓ ବନ୍ୟାଜଳ ନିଷ୍କାସନ ପାଇଁ ପଦକ୍ଷେପ ନିଆଯାଇଛି।

## ମୋଦି ସରକାରଙ୍କ ନିର୍ଣ୍ଣାୟକ....

କଲ୍ୟାଣ ଯୋଜନା ଘୋଷଣା କରିଛନ୍ତି। ତିନିମାସ ପାଇଁ ମାଗଣାରେ ବ୍ୟକ୍ତି ପିଛା ମାସିକ ୫ କେଜି ଚାଉଳ, ପରିବାର ପିଛା ୧ କେଜି ଡାଲି, ଉଜ୍ଜଳା ଯୋଜନାରେ ଗ୍ୟାସ, ଜନଧନରେ ମହିଳାଙ୍କୁ ଟଙ୍କା, କୃଷକ ସମ୍ମାନ ନିଧିରେ ମାସକୁ ୨ ହଜାର ଟଙ୍କା ସମେତ ନିର୍ମାଣ ଶ୍ରମିକଙ୍କୁ ମଧ୍ୟ ଆର୍ଥିକ ସହାୟତା ଦିଆଯାଇଛି। ସେହି ରି ଦେଶରେ କୃଷି ଆଧାରିତ ବଜାରର ବ୍ୟବସ୍ଥା ତିଆରି କରିବା ପାଇଁ ୧ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଛି। କୋରନା ଭଳି ଘଡିସନ୍ଧି ମୁହୂର୍ତରେ ଚାଷ କର୍ଯ୍ୟକୁ ସ୍ୱୀକୃତି ଦିଆଯାଇଛି। ମୋଦି ସରକାରରେ ଦେଶର ସୀମା ସୁରକ୍ଷିତ ହୋଇଛି। ଶତ୍ରୁକୁ ପରାଜିତ କରିବା ପାଇଁ ସୈନିକମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ମୋଦିଙ୍କ କଲ୍ୟାଣକାରୀ ଯୋଜନା ଘରେ ଘରେ ପହଁଚାଇବା ପାଇଁ ଆହ୍ୱାନ କରିଥିଲେ।

## ଚଣ୍ଡିଗଡରେ ବ୍ୟାଟେରି ....

ଆଗାମୀ ଦିନରେ ଭାରତ ଉର୍ଜା କ୍ଷେତ୍ରରେ ପରିବର୍ତନର ରାସ୍ତା ନିଜ ଉପାୟରେ ବାହାର କରିବ। ଭାରତ ସରକାରଙ୍କ ତୈଳ ଏବଂ ଗ୍ୟାସ କମ୍ପାନୀ ଟେକ୍ନୋଲୋଜି ମାଧ୍ୟମରେ ନାଗରିକ ମାନଙ୍କୁ ସ୍ଥାୟୀ, ସୁବିଧାଜନକ ଓ ସୁଲଭ ଉର୍ଜା ପ୍ରଦାନ କରି ଆତ୍ମନିର୍ଭର ଭାରତ ଅଭିଯାନକୁ ମଜବୁତ୍ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ନବନିର୍ମିତ ଗଡ଼ଗଡ଼ିଆ ....

ଚନ୍ଦନ କମିଟି ସଭାପତି ତଥା ଉଦ୍ୟୋଗୀ ସୁଧାସିନ୍ଧୁ ପଣ୍ଡା ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ଏହି ଯାତ୍ରୀ ବିଶ୍ରାମଗାରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ଏହାକୁ ନିର୍ମାଣ କରିବା ନେଇ ଲାୟନ୍ସ କ୍ଲବ ଓ ଲାୟନ୍ସ କ୍ଲବ 'ଉମଙ୍ଗ'ର ଉଦ୍ୟମକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ଚାନ୍ଦିପୁର, ବଳରାମଗଡ଼ି, ରସାଳପୁର, ଗୋପାଳପୁର, ଧାମରା ପଭୃତି ଅଞ୍ଚଳକୁ ବସ୍ ଓ ଟ୍ରେକରରେ ଯାଉଥିବା ଯାତ୍ରୀଙ୍କ ସାମୟିକ ବିଶ୍ରାମ ପାଇଁ ଏହି ବସ୍ ଷ୍ଟପେଜ୍ ବେଶ ସହାୟକ ହୋଇପାରିବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଲାୟନ୍ସ କ୍ଲବର ଭନ୍ସ ଚାନସେଲର ପ୍ରଫୁଲ୍ଲ ସାମଲ, ଏସ ବି ଗୁପ୍ତାଙ୍କ ସମେତ ଲାୟନ୍ସ କ୍ଲବ ଓ ଲାୟନ୍ସ କ୍ଲବ ଉମଙ୍ଗର କର୍ମକର୍ତ୍ତାଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଏହି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ଉମଙ୍ଗର ସଭାପତିରଶ୍ମିତା ବିଶ୍ୱାଳ, ସମ୍ପାଦିକା ବନ୍ଦନା ମହାପାତ୍ର, କୋଷାଧ୍ୟକ୍ଷ ଦୀପ୍ତି ଦାସଙ୍କ ସମେତ ପୂର୍ବତନ କର୍ମକର୍ତ୍ତା ସୁବାସିନୀ ଜେନା, ଲୀନା ପାଣିଗ୍ରାହୀ, ସଂଘମିତ୍ରା ମହାନ୍ତି, ବନ୍ଦିତା ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଲାୟନ୍ସ କ୍ଲବର ସଦସ୍ୟ ପ୍ରକାଶ କୁମାର ମହାନ୍ତି, କମଲେଶ ପାଲା ଓ କାଜରିଆ ଟାଇଲ୍ସଙ୍କ ଲକ୍ଷାଧିକ ଟଙ୍କାର ସହାୟତାରେ ଏହି ବିଶ୍ରାମଗାର ନିର୍ମିତ ହୋଇଥିବା ବେଳେ ଉମଙ୍ଗ ଓ ଲାୟନ୍ସ କ୍ଲବ କାର୍ଯ୍ୟକର୍ତ୍ତା ତଥା ସଦସ୍ୟ ସଦସ୍ୟାମାନେ ନିର୍ମାଣରେ ସକ୍ରିୟ ସହଯୋଗ କରିଥିଲେ। ଉଭୟ ସଂଗଠନର ଏହି ସମାଜସେବା ମୂଳକ କାର୍ଯ୍ୟକୁ ସାଧାରଣରରେ ଭୂୟସୀ ପ୍ରଶଂସା କରାଯାଇଛି।

## ବାହୁଡ଼ା, ସୁନାବେଶ ଆଦି ମହାପ୍ରଭୁଙ୍କ....

କରିବା ସହିତ କେବଳ କୋଭିଡ୍ ନେଗେଟିଭ ଥିବା ସେବାୟତମାନଙ୍କୁ ନେଇ ନୀତି ସମ୍ପାଦନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ପୁରୀ ସହରରେ କୋଭିଡ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହିତ କୋଭିଡ ସର୍ଭେ କାର୍ଯ୍ୟକୁ ମଧ ଆହୁରି ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହିତ କୋଭିଡ୍ ପରୀକ୍ଷା ମଧ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାହୁଡ଼ା, ସୁନାବେଶ, ଅଧରପଣା, ନିଳାଦ୍ରୀବିଜେ କାର୍ଯ୍ୟକ୍ରମକୁ ଜନସାଧାରଣ ଯେପରି ଘରେ ବସି ସୁବିଧାରେ ଦର୍ଶନ କରିପାରିବେ, ସେଥିପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗର ତତ୍ତ୍ୱାବଧାନରେ ବିଭିନ୍ନ ଚ୍ୟାନେଲରେ ସିଧା ପ୍ରସାରଣ ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁଙ୍କ ରଥଯାତ୍ରାକୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସାରା ବିଶ୍ୱ ଆମ ଉପରେ ନଜର ରଖିଛି। ତେଣୁ କୋଭିଡ୍-୧୯ର ନିର୍ଦ୍ଦେଶାବଳୀ ଏବଂ ଲକ୍‌ଡାଉନ୍‌ର ନିୟମାବଳୀକୁ ଠିକ୍ ଭାବରେ ପାଳନ କରିବା ପାଇଁ ଆମେ ସର୍ବୋତମ ଉଦ୍ୟମ ଜାରି ରଖିବା ଆବଶ୍ୟକ। ଆଇନ୍ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ରଥଯାତ୍ରାର ସଫଳ ପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହି ବାହୁଡ଼ା ଓ ସୁନାବେଶର ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ଆଲୋଚନାରେ ରଥଯାତ୍ରା ପାଇଁ ପୁରୀ ଦାୟିତ୍ୱରେ ଥିବା ମନ୍ତ୍ରୀ ଏବଂ ଯୋଜନାବୋର୍ଡ଼ର ଉପାଧକ୍ଷଙ୍କ ସମେତ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ପୋଲିସ ମହାନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ ପ୍ରମୁଖ ଯୋଗ ଦେଇଥିଲେ।

ଶନିବାର,୨୭ ଜୁନ୍ ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଆଠଗଡ଼ ନିର୍ବାଚନ ମଣ୍ଡଳୀର ପାନୀୟ ଜଳ ଓ ପରିମଳ ବ୍ୟବସ୍ଥାର ସମୀକ୍ଷା କଲେ ଯୋଗାଣ ମନ୍ତ୍ରୀ ଶ୍ରୀ ସ୍ୱାଇଁ

ଭୁବନେଶ୍ୱର, ୨୬ ଜୁନ (ହି.ସ.)- କୋଭିଡ଼-୧୯ ପରିସ୍ଥିତିରେ ଆଠଗଡ଼ ନିର୍ବାଚନ ମଣ୍ଡଳୀର ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାର ଉନ୍ନତି କରିବା ଦିଗରେ ତତ୍ପରତା ପ୍ରକାଶ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱ ଆରୋପ କରିଛନ୍ତି । ଲୋକ ସେବା ଭବନଠାରେ ଆୟୋଜିତ ବୈଠକରେ ଆଠଗଡ଼ ନିର୍ବାଚନ ମଣ୍ଡଳୀର ପାନୀୟ ଜଳ ଯୋଗାଣ ଓ ପରିମଳ ସମ୍ବନ୍ଧୀୟ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମୀକ୍ଷା କରିବା ସହିତ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଠଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଠଗଡ଼ ବ୍ଲକ୍ ଓ ତିଗିରିଆ ବ୍ଲକ୍ ସମେତ ଟାଙ୍ଗୀ ଚୌଦ୍ୱାର ବ୍ଲକର ୬ ପଂଚାୟତରେ ଚାଲୁ ରହିଥିବା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ମନ୍ତ୍ରୀ କହିଥିଲେ । ଯେଉଁ ସବୁ ସ୍ଥାନରେ ସୋଲାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ସେଗୁଡ଼ିକ ତୁରନ୍ତ ଶେଷ କରିବା ସହିତ ବୋରୱେଲ ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ କହିଥିଲେ । ଏଥି ସହିତ ପାନୀୟ ଜଳ ଯୋଗାଣ ଦିଗରେ ନିର୍ବାଚନ ମଣ୍ଡଳୀରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ଓ ସେଗୁଡ଼ିକର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ କହିଥିଲେ । ଏଥି ସହିତ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ନିୟମିତ ପରିଦର୍ଶନ କରି ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । ବୈଠକରେ ପାନୀୟ ଜଳ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଅଭୟ କୁମାର ବିଶ୍ୱାଳଙ୍କ ସମେତ କଟକ ମଣ୍ଡଳର ଅଧିକ୍ଷଣ ଯନ୍ତ୍ରୀ, କଟକ ଓ ଆଠଗଡ଼ ଡିଭିଜନର ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

## କଳାଭୂମିର ବିକ୍ରୟ କେନ୍ଦ୍ର ଖୋଲିଲା

ଭୁବନେଶ୍ୱର,୨୬।୬ (ନି.ପ୍ର): ଭୁବନେଶ୍ୱରର ପୋଖରୀପୁଟସ୍ଥିତ ଶିଳ୍ପୀଗ୍ରାମଠାରେ 'କଳାଭୂମି'- ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟର ବିକ୍ରୟ କେନ୍ଦ୍ର ରହିଛି । ସରକାରଙ୍କ ସମସ୍ତ ନିୟମକୁ ଧ୍ୟାନରେ ରଖି ସାମାଜିକ ଦୂରତ୍ୱ ସହ ଅନ୍ୟାନ୍ୟ ସୁରକ୍ଷା କଟକଣାକୁ ବଜାୟ ରଖି କଳାଭୂମିର ବିକ୍ରୟ କେନ୍ଦ୍ର ଖୋଲା ଯାଇଛି । ଏଠାରେ ଓଡ଼ିଶାର ସୁନାମଧନ୍ୟ କାରିଗରଙ୍କର କାରିଗରୀ ଯଥା ହସ୍ତଶିଳ୍ପ ଓ ହସ୍ତତନ୍ତର ବିଭିନ୍ନ ସାମଗ୍ରୀ ଗ୍ରାହକଙ୍କ ନିମନ୍ତେ ଉପଲବ୍ଧ ରହିଛି । ଏହି ଲକ୍ ଡାଉନ୍ ସମୟରେ କାରିଗରଙ୍କୁ ଉତ୍ସାହିତ ଓ ପ୍ରୋତ୍ସାହିତ କରିବା ପାଇଁ କଳାଭୂମି ପକ୍ଷରୁ ଏଭଳି ପଦକ୍ଷେପ ନିଆ ଯାଇଛି । ଏହା ଦିବା ୧୦ ଘଟିକାଠାରୁ ଅପରାହ୍ଣ ୫.୩୦ ଘଟିକା ପର୍ଯ୍ୟନ୍ତ ଖୋଲା ରହୁଛି । ଆଗ୍ରହୀ ଗ୍ରାହକ କଳାଭୂମି ବିକ୍ରୟ କେନ୍ଦ୍ରରୁ ଆବଶ୍ୟକୀୟ ସାମଗ୍ରୀ କ୍ରୟ କରି ପାରିବେ ବୋଲି ସୂଚନା ଦିଆ ଯାଇଛି ।

## ତୈଳଦର ବୃଦ୍ଧି-ଶ୍ରମ ଆଇନ୍ ସଂଶୋଧନ ବିରୋଧୀ ଆନ୍ଦୋଳନ ୩ରେ

### ବାଲେଶ୍ୱରରେ ଟିୟୁଏସିସିର ବ୍ୟାପକ ପ୍ରସ୍ତୁତି




ବାଲେଶ୍ୱର,୨୬।୬ (ନି.ପ୍ର): ସର୍ବଭାରତୀୟ ଶ୍ରମିକ ସଂଗଠନମାନଙ୍କର ମିଳିତ ଆହ୍ୱାନ କ୍ରମେ ଆସନ୍ତା ୩ ତାରିଖରେ ପେଟ୍ରୋଲ -ଡିଜେଲ ଦର ବୃଦ୍ଧି ଓ ଶ୍ରମିକ ମାରଣ ଶ୍ରମ ଆଇନ୍ ବିରୋଧରେ ଦେଶବ୍ୟାପୀ ହେବାକୁ ଥିବା ଆନ୍ଦୋଳନ ପାଇଁ ବାଲେଶ୍ୱରରେ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଶ୍ରମିକ କର୍ମଚାରୀମାନଙ୍କ ମିଳିତ ମଞ୍ଚ ଟି.ୟୁ.ଏ.ସି.ସି. ସଂଗଠନର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉଠାଜଳସେଚନ କର୍ମଚାରୀ ଭବନରେ ଆୟୋଜିତ ବୈଠକରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇ ବାଲେଶ୍ୱରରେ ଏହି ଆନ୍ଦୋଳନକୁ ବ୍ୟାପକ ଭାବେ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ମାଲିକଙ୍କ ସ୍ୱାର୍ଥରେ ଶ୍ରମ ଆଇନ ସଂଶୋଧନ, ଦୈନିକ କାର୍ଯ୍ୟସମୟ ୧୨ ଘଣ୍ଟାକୁ ବୃଦ୍ଧି ଓ ଶ୍ରମିକ ଛଟେଇ ବିରୋଧରେ ଏବଂ ଆୟକର ଦେଉନଥିବା ସମସ୍ତ ପରିବାରକୁ ମାସିକ ୭ହଜାର ୫ଶହ ଟଙ୍କାର ସହାୟତା, ପ୍ରବାସୀ ଶ୍ରମିକମାନଙ୍କୁ ବର୍ଷକୁ ୨୦୦ଦିନ କାମ ଓ ମାସକୁ ୧୦କିଲୋ ଚାଉଳ ପ୍ରଦାନ ପାଇଁ ଏହି ବୈଠକରେ ଦାବି କରାଯାଇଛି । ଆନ୍ତର୍ଜାତିକ ସ୍ତରରେ ତୈଳଦର ହ୍ରାସ ପାଉଥିବାବେଳେ ଆମ ଦେଶ ଓ ରାଜ୍ୟରେ ତୈଳଦର ଓ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦରବୃଦ୍ଧିକୁ ନେଇ ବିଭିନ୍ନ ଶ୍ରମିକ ସଂଗଠନମାନେ କ୍ଷୋଭ ପ୍ରକାଶ କରିଥିଲେ । ଏନେଇଆସନ୍ତା ୩ ତାରିଖ ଶୁକ୍ରବାର ୧୦ଟା ବେଳେ ବାଲେଶ୍ୱର ରେଳଷ୍ଟେସନ୍‌ରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ ଦପ୍ତ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି । ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍ ମାନଙ୍କ ତରଫରୁ ସୁରେଶ ଚନ୍ଦ୍ର ବେହେରା, ଭାଗବତ ପ୍ରତିହାରୀ, ଅରୁଣ କୁମାର ସ୍ୱାଇଁ, ନିକୁଞ୍ଜ ବସନ୍ତ ରାୟ, ଶାନ୍ତନୁ ଦାସ, ଅରୁଣ ଜେନା, ନିରାକାର ପାଣ୍ଡବ, ନିରଞ୍ଜନ ପରିଡ଼ା, ଅନିରୁଦ୍ଧ ଦାସ, ହରେକୃଷ୍ଣ ବିନ୍ଧାଣୀ, ବିକାଶ ଦାସ, ବନ୍ଦନା ବିଶ୍ୱାସ, ପୂର୍ଣ୍ଣଚନ୍ଦ୍ର ପାତ୍ର, ପରମେଶ୍ୱର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୨୬।୬ (ନି.ପ୍ର): ଗଂଜାମ ଜିଲ୍ଲାରେ ୪୯ ନୂଆ କରୋନା ପଜିଟିଭ ମାମଲା ଆସିବା ପରେ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୧୩୭ରେ ପହଂଚିଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସେହିପରି ଖୋର୍ଦ୍ଧା ଜିଲ୍ଲାରେ ୭୫୨, କଟକ ଜିଲ୍ଲାରେ ୫୨୨, ଗଜପତି ଜିଲ୍ଲାରେ ୪୧୧, ଯାଜପୁର ଜିଲ୍ଲାରେ ୪୦୨ ଜଣ କରୋନା ଆକ୍ରାନ୍ତ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ୩୩୨ ଜଣ କରୋନା ଆକ୍ରାନ୍ତ ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ୨୬୮, ପୁରୀ ଜିଲ୍ଲାରେ ୨୪୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣା ପଡିଛି । ସେହିପରି କେନ୍ଦ୍ରାପଡା ଜିଲ୍ଲାରେ ୨୨୯, ଭଦ୍ରକ ଜିଲ୍ଲାରେ ୨୨୫, ସୁନ୍ଦରଗଡ ଜିଲ୍ଲାରେ ୧୮୧, ମୟୁରଭଂଜ ଜିଲ୍ଲାରେ ୧୮୧, କନ୍ଧମାଳ ଜିଲ୍ଲାରେ ୧୭୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀର ଜିଲ୍ଲାରେ ୧୬୫, ନୟାଗଡ ଜିଲ୍ଲାରେ ୧୩୫ ତଥା କେନ୍ଦୁଝର ଜିଲ୍ଲାରେ ୧୦୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ଦିଆ ଯାଇଛି । ନୂଆପଡା ଜିଲ୍ଲାରେ ୮୧, ଝାରସୁଗୁଡା ଜିଲ୍ଲାରେ ୮୦, ଢେଙ୍କାନାଳ ଜିଲ୍ଲାରେ ୭୩, କଳାହାଣ୍ଡି ଜିଲ୍ଲାରେ ୭୦ ଓ ବରଗଡ ଜିଲ୍ଲାରେ ୬୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଅନୁଗୁଳ ଜିଲ୍ଲାରେ ୫୯, ମାଲକାନଗିରି ଜିଲ୍ଲାରେ ୫୩, ସମ୍ବଲପୁର ଜିଲ୍ଲାରେ ୪୭, ଦେବଗଡ ଜିଲ୍ଲାରେ ୪୨ ଓ ବୌଦ୍ଧ ଜିଲ୍ଲାରେ ୪୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସୋନପୁର ଜିଲ୍ଲାରେ ୩୫ କୋରାପୁଟ ଜିଲ୍ଲାରେ ୨୭,ରାୟଗଡା ଜିଲ୍ଲାରେ ୨୨ ଓ ନବରଙ୍ଗପୁର ଜିଲ୍ଲାରୁ ୧୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୨

### ସହରରେ ଚିହ୍ନଟ ସଂକ୍ରମିତଙ୍କ କଣ୍ଟାକ୍ଟ ଟ୍ରେସିଂ ଜାରି

ବାଲେଶ୍ୱର,୨୬।୬ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସରକାର ସମେତ ସାଧାରଣ ଲୋକଙ୍କ ପାଇଁ ଉଦ୍‌ବେଗର ବିଷୟ ହୋଇଛି । ଆଜି ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୨୧୮ପଜିଟିଭ୍‌ଙ୍କୁ ମିଶାଇ ସଂକ୍ରମିତଙ୍କ ସଂଖ୍ୟା ୬୧୮୦ଛୁଇଁଥିବା ବେଳେ ଅନୁରୂପ ଭାବେ ଓଡ଼ିଶାରେ ଅରୋଗ୍ୟ ହାର ମଧ୍ୟ ବୃଦ୍ଧି ପାଇଛି । ଆଜି ୧୩୧ଜଣଙ୍କୁ ମିଶାଇ ଅଦ୍ୟାବଧି ଓଡ଼ିଶାରେ୪୪୨୨ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି । ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭ରେ ସ୍ଥିର ରହିଥିବା ବେଳେ ବେଳେ ୧୭୩୪ ଜଣ ସଂକ୍ରମିତ ଏବେ ଚିକିତ୍ସିତ ହେଉଛନ୍ତି । ସେହିଭଳି ବାଲେଶ୍ୱରରେ ମଧ୍ୟ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପ୍ରଶାସନ ସମେତ ଜିଲ୍ଲାବାସୀଙ୍କ ପାଇଁ ଚିନ୍ତା ବଢ଼ାଇ ଚାଲିଛି । ଆଜି ନୂଆ ଚିହ୍ନଟ ୭ ପଜିଟିଭ୍‌ଙ୍କୁ ମିଶାଇ ଜିଲ୍ଲାରେ ସକ୍ରମିତଙ୍କ ସଂଖ୍ୟା ୩୩୨ରେ ପହଞ୍ଚିଛି । ଅଦ୍ୟାବଧି ୨୨୪ ଜଣ ସୁସ୍ଥ ହୋଇଥିବା ବେଳେ ୧୦୭ ଜଣ ଏବେ କୋଭିଡ ହସପିଟାଲରେ ଚିକିତ୍ସିତ ହେଉଛନ୍ତି । ତେବେ ଆଜି ଚିହ୍ନଟ ୭ଜଣଙ୍କ ମଧ୍ୟରୁ ୩ ଜଣ ସହରର ମାଣିଖମ୍ବ ଅଞ୍ଚଳରୁ ବୋଲି ଜଣାପଡ଼ିବା ପରେ ପ୍ରଶାସନ ପକ୍ଷରୁ ସେମାନଙ୍କର କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି । ସେମାନେ କେଉଁ ଉତ୍ସରୁ ସଂକ୍ରମିତ ହେଲେ ଓ ସେମାନଙ୍କ ସଂସ୍ପର୍ଶରେ କେଉଁ କେଉଁମାନେ ଆସିଛନ୍ତି ତାହା ଏବେ ଟ୍ରେସିଂ ଚାଲିଛି । ଏନେଇ ଆବଶ୍ୟକ ପଡ଼ିଲେ ଏହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇ ପାରେ ବୋଲି ଅନୁମାନ କରାଯାଉଛି । ଅନ୍ୟପକ୍ଷରେ ଅନଲକ୍-୧ର ଅବଧି ଶେଷ ହୋଇ ଆସୁଥିବା ବେଳେ ଜୁଲାଇ ୧ ତାରିଖରୁ ପୁଣି କେଉଁ କଟକଣା ସବୁ କୋହଳ କରାଯିବ ତାହାକୁ ନେଇ ସମସ୍ତଙ୍କ ମନରେ ଉତ୍ସୁକତା ଦେଖାଦେଇଛି ।

## ବ୍ୟାଙ୍କ ସମୁହ ଜିଲ୍ଲା ପରାମର୍ଶ ଦାତା କମିଟି ଏବଂ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ଜଗତସିଂହପୁର,୨୬।୬ (ନି.ପ୍ର): ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜଗତସିଂହପୁର ଜିଲ୍ଲା ପରାମର୍ଶଦାତା କମିଟି ଏବଂ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ମହାମାରୀ କରୋନା ଯୋଗୁ ବର୍ତ୍ତମାନ ବାହାର ରାଜ୍ୟରୁ ବହୁ କୁଶଳୀ ପ୍ରବାସୀ ଫେରିଥିବାରୁ ସେମାନଙ୍କୁ ସେମାନଙ୍କ ଯୋଗ୍ୟତା ଅନୁଯାୟୀ ବ୍ୟାଙ୍କ ଋଣ ପ୍ରଦାନ କରିବାକୁ ସମସ୍ତ ବ୍ୟାଙ୍କର ଅଧିକାରୀମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏତଦ୍‌ବ୍ୟତୀତ ମିଶନଶକ୍ତି,ସ୍ୱୟଂ ସହାୟକ ଗୋଷ୍ଠୀ,ଯୁବ ଉଦ୍ୟୋଗୀ, ଚାଷୀଙ୍କୁ ଋଣ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଜଗତସିଂହପୁର ଏକ କୃଷି ପ୍ରଧାନ ଜିଲ୍ଲା । ଜିଲ୍ଲାର ଲୋକମାନେ ଚାଷ, ମତ୍ସ୍ୟଚାଷ, ପାନଚାଷ. ଗୋପାଳନ, କୁକ୍କୁଡା ଫାର୍ମ ଆଦି କରି ଚଳନ୍ତି । ସରକାରଙ୍କ ଜନକଲ୍ୟାଣ ଯୋଜନାରେ ହିତାଧିକାରୀମାନଙ୍କୁ ଆବଶ୍ୟକ ଋଣ ଓ ସବ୍‌ସିଡି ପ୍ରଦାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ବୈଠକରେ କୃଷି, ଉଦ୍ୟାନକୃଷି, କିଶାନ କ୍ରେଡିଟ୍ କାର୍ଡ,ମତ୍ସ୍ୟ ଚାଷ,କୁକୁଡା ଚାଷ,ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ,ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା,ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଋଣ ପ୍ରଦାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ବ୍ୟାଙ୍କିଙ୍ଗ ଇଣ୍ଡିକେଟର, ଓଡିଶା ଜୀବିକା ମିଶନ, ଜାତୀୟ ସହରାଂଚଳ ଜୀବିକା ମିଶନ,ବୁଣାକାର ଓ କିଷାନ କ୍ରେଡିଟ୍ କାର୍ଡ ଓ ଋଣ ଆଦାୟ ସଂପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସରୋଜ କାନ୍ତ ମହାନ୍ତି, ସହକାରୀ ଜେନେରାଲ ମ୍ୟାନେଜର,ନାବାର୍ଡ ଶ୍ରୀ ବିଶ୍ୱଭୂଷଣ ମହାନ୍ତି,ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ଶ୍ରୀ ସତୀଶ କୁମାର ମହାପାତ୍ର, ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଆଂଚଳିକ ଅଧିକାରୀ ଶ୍ରୀ ଯଜ୍ଞେଶ୍ୱର ଷଡଙ୍ଗୀ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏତଦ୍ ବ୍ୟତୀତ ଜିଲ୍ଲା ମତ୍ସ୍ୟ ଅଧିକାରୀ,ଜିଲ୍ଲାପ୍ରାଣୀ ଚିକିତ୍ସା ଅଧିକାରୀ,ଜିଲ୍ଲା ଶିଳ୍ପ କେନ୍ଦ୍ରର ଆଇ.ଓ ,ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ଆରସିଏଟ ର ନିର୍ଦ୍ଦେଶିକା ରାଜଲକ୍ଷୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜି ମହାଲକ୍ଷ୍ମୀ ଭାଙ୍ଗିବେ ନନ୍ଦିଘୋଷ ରଥ

ପୁରୀ,୨୬।୬ (ନି.ପ୍ର): ରଥଯାତ୍ରାରେ ମହାପ୍ରଭୁ ଭାଇ ଭଉଣୀଙ୍କ ସାଙ୍ଗରେ ଜନ୍ମବେଦୀକୁ ଆସିଥିବାରୁ ସିନ୍ଧୁ ନନ୍ଦିନୀ ଅଭିମାନୀ ମହାଲକ୍ଷ୍ମୀ କ୍ରୋଧରେ ଜର୍ଜରିତ ହୋଇ ହେରାପଂଚମୀ ଦିନ ନନ୍ଦିଘୋଷ ରଥ ଭାଙ୍ଗିବା ପରମ୍ପରା ରହିଛି । ରୁକ୍ମିଣୀ ହରଣ ଦିନ ପ୍ରଭୁଙ୍କୁ ବିବାହ କରି ଗଇଁଠାଳ ଫିଟି ନାହିଁ । ପ୍ରଭୁ ସ୍ନାନପୂର୍ଣ୍ଣମୀ ଦିନ ସ୍ନାନ କରି ଜ୍ୱରରେ ପୀଡିତ ହୋଇଥିଲେ । ଜ୍ୱରରୁ ଉଠିବା ପରେ ସିଧାସଳଖ ରଥଯାତ୍ରାରେ ଜନ୍ମବେଦୀକୁ ଯାଇଥିଲେ । ଏହା ମହାଲକ୍ଷ୍ମୀଙ୍କ ପାଇଁ ଅସହ୍ୟ ହୋଇପଡିଛି । ସେଥିପାଇଁ ମହାଲକ୍ଷ୍ମୀ ମା ବିମଳାଙ୍କ ପରାମର୍ଶ ଅନୁଯାୟୀ ମୋହଚୂର୍ଣ୍ଣ ପ୍ରସ୍ତୁତ କରି ଗୁଣ୍ଡିଚା ମନ୍ଦିରରେ ଲୁଚିକରି ପ୍ରଭୁଙ୍କୁ ଦର୍ଶନ କରିବା ସମୟରେ ଫିଙ୍ଗିବେ । ପ୍ରଭୁ ମହାଲକ୍ଷ୍ମୀଙ୍କୁ କଥା ଦେଇଥିଲେ ଶୀଘ୍ର ଫେରିବେ ବୋଲି ହଠାତ୍ ଦ୍ୱାର ପଡିଥିବାରୁ କ୍ରୋଧ ଜର୍ଜରିତ ମହାଲକ୍ଷ୍ମୀ ନନ୍ଦିଘୋଷ ରଥ ଭାଙ୍ଗି ହେରାଗୋହିରୀ ସାହିବାଟେ ମନ୍ଦିରକୁ ଫେରିବେ ।

## ଭୁବନେଶ୍ୱର ସହରରେ କୋଭିଡ଼-୧୯ ନିୟନ୍ତ୍ରଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି

ଭୁବନେଶ୍ୱର,୨୬।୬ (ନି.ପ୍ର): ଭୁବନେଶ୍ୱର ସହରରେ କୋଭିଡ଼-୧୯ ନିୟନ୍ତ୍ରଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ବହୁବିଧ ପଦକ୍ଷେପ ଗ୍ରହଣକରାଯାଇଛି । ପ୍ରତ୍ୟେକ ୱାର୍ଡ଼ରେ ୱାର୍ଡ଼ ସଚେତକ କମିଟି ଗଠନ କରାଯାଇଛି । ଏଥିରେ ସ୍ୱେଚ୍ଛାସେବୀ, ପୃଷ୍ଠପୋଷକ, ଅବସରପ୍ରାପ୍ତ ବରିଷ୍ଠ ଡାକ୍ତର, କର୍ମଚାରୀ, ବୁଦ୍ଧିଜୀବିଙ୍କ ସମେତ ଗୋଷ୍ଠୀର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ସାମିଲ କରାଯାଇଛି । ସେମାନଙ୍କୁ ନେଇ ପ୍ରତି ୱାର୍ଡ଼ରେ ହ୍ୱାଟସ୍ ଆପ୍ ଗ୍ରୁପ୍ ଗଠନ କରାଯାଇଛି । କମିଟିର ସଦସ୍ୟ ମାନଙ୍କୁ ୩/୪ ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯାଇ ସାରିଛି । ଏଥି ସହିତ ଥର୍ମାଲ ସ୍କାନର ଓ ହେଲଥ କିଟ୍ ମଧ୍ୟ ଦିଆଯାଇଛି । ସେମାନେ ନିଜ ନିଜ ୱାର୍ଡ଼ରେ ସଚେତନତା ସୃଷ୍ଟି କରିବେ । ପ୍ରତି ୫ ୱାର୍ଡ଼କୁ ନେଇ ଜଣେ ଜଣେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ସମ୍ବେଦନଶୀଳ ବର୍ଗ ବିଶେଷ କରି, ବୟସ୍କ, ଗର୍ଭବତୀ, ଏକାଧିକ ରୋଗ ଲକ୍ଷଣ ଥିବା ଲୋକମାନଙ୍କ ପଇଁ ସ୍ୱତନ୍ତ୍ର କୌଶଳ ଅବଲମ୍ବନ କରାଯାଇଛି । ଘରକୁ ଘର ସର୍ଭେ କରି ରେସିଡେନସିଆଲ ୱେଲଫେୟାର କମିଟି, ପୂଜା କମିଟି ମାଧ୍ୟମରେ ସେମାନଙ୍କୁ ଚିହ୍ନଟ କରାଯାଉଛି । ଗୋଟିଏ ସଚେତକ ଆପ୍‌ର ବିକାଶ କରାଯାଇ ସମ୍ବେଦନଶୀଳ ବର୍ଗଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ୬୦୦୦ ଲୋକ ଏହି ଆପ୍‌କୁ ଡାଉନଲୋଡ୍ କରିସାରିଲେଣି । ଯେଉଁଠି ବୟସ୍କମାନେ ଏକାକୀ ରହୁଛନ୍ତି, ସେଠାରେ ପ୍ରତି ପରିବାର ସହ ଜଣେ ଜଣେ ସଚେତକଙ୍କୁ ସଂଶ୍ଲିଷ୍ଟ କରାଯାଉଛି । ବସ୍ତି ଅଂଚଳରେ ରୋଗ ନିରୀକ୍ଷଣକୁ ବ୍ୟାପକ କରାଯାଇଛି । ଯେଉଁମାନେ ଚିକିତ୍ସିତ ହୋଇ ସୁସ୍ଥ ହେଉଛନ୍ତି ସେମାନଙ୍କ ପାଇଁ ଟ୍ରାନଜିଟ୍ ହୋମ୍‌ର ବ୍ୟବସ୍ଥା କରାଯାଇଛି । ବସ୍ତି ଅଂଚଳରେ ହୋମ୍ କ୍ୱାରେନଟାଇନ୍ ଅନୁମତି ଦିଆଯାଉ ନାହିଁ । ସେହିପରି ହଟ୍ ସ୍ପଟ୍ ଜିଲ୍ଲାଗୁଡ଼ିକରୁ ଭୁବନେଶ୍ୱର ଆସୁଥିବା ଲୋକମାନଙ୍କୁ ମଧ ହୋମ୍ କ୍ୱାରେନ୍‌ଟାଇନରେ ରହିବାକୁ ଅନୁମତି ଦିଆଯାଉନାହିଁ । ସେମାନେ ଆନୁଷ୍ଠାନିକ କ୍ୱାରେନଟାଇନ ରହିବା ବାଧ୍ୟତାମୂଳକ କରାଯାଇଛି । ପ୍ରତି ବସ୍ତି ପାଇଁ ଗୋଟିଏ ସ୍ଲକ୍ କମିଟି ଗଠନ କରାଯାଇଛି । କୋଭିଡ଼-୧୯ ସଂକ୍ରମଣକୁ ରୋକିବା ଦିଗରେ ଜନସାଧାରଣଙ୍କ ପ୍ରତ୍ୟକ୍ଷ ସହଯୋଗ ଏବଂ ସମ୍ପୃକ୍ତି ଏକାନ୍ତ ଆବଶ୍ୟକ । ସମସ୍ତେ ସାମାଜିକ ଦୂରତା ରକ୍ଷା କରିବା ଏବଂ କୋଭିଡ଼-୧୯ ନିୟମାବଳୀକୁ ପାଳନ କରିବା ନିମନ୍ତେ ସରକାରଙ୍କ ତରଫରୁ ଅନୁରୋଧ କରାଯାଇଛି । ବିଶେଷ କରି ଘରୋଇ ହସ୍ପିଟାଲମାନେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ବିଭିନ୍ନ ସମୟରେ ଜାରି କରାଯାଇଥିବା ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ କୁହାଯାଇଛି ।

## ବାହୁଡ଼ା, ସୁନାବେଶ ଆଦି ମହାପ୍ରଭୁଙ୍କ ନୀତିର ଶୃଙ୍ଖଳିତ ପରିଚାଳନା ପାଇଁ ସର୍ବୋତ୍ତମ ଉଦ୍ୟମ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ



ଭୁବନେଶ୍ୱର,୨୬।୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ସନ୍ଧ୍ୟାରେ ଭିଡିଓ କନଫରେନ୍ସି ଯୋଗେ ମହାପ୍ରଭୁଙ୍କ ବାହୁଡ଼ା, ସୁନାବେଶ, ଅଧରପଣା ଓ ନିଳାଦ୍ରୀ ବିଜେ ଆଦି ଯାତ୍ରା କାର୍ଯ୍ୟକ୍ରମର ସୁପରିଚାଳନା ବିଷୟରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଥିଲେ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀକୁ ପାଳନ କରି ଯେଭଳି ଶୃଙ୍ଖଳିତ ଭାବରେ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ସୁଚାରୁ ରୂପେ ସମ୍ପାଦିତ ହେଲା, ସେଥିପାଇଁ ମୁଖ୍ୟମନ୍ତ୍ରୀ ସେବାୟତ, ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ପୋଲିସ୍, ସ୍ୱାସ୍ଥ୍ୟ ବିଭାଗ, ବିଶେଷକରି ପୁରୀର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଆଗାମୀ ବାହୁଡ଼ା ଓ ସୁନାବେଶ ସମୟରେ ମଧ ସେଭଳି ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବାହୁଡ଼ା, ସୁନାବେଶ ଆଦି ନୀତି ସମୟରେ ମହାପ୍ରଭୁଙ୍କ ନୀତିକାନ୍ତିକୁ ଠିକ୍ ସମୟରେ

▶▶ପୃଷ୍ଠା ୭

## ନବନିର୍ମିତ ଗଡ଼ଗଡ଼ିଆ ବସ୍ ଷ୍ଟପେଜ ଉଦ୍‌ଘାଟିତ



ବାଲେଶ୍ୱର,୨୬।୬ (ନି.ପ୍ର): ଲାୟନ୍ସ କ୍ଲବ ଦ୍ୱାରା ନବ ନିର୍ମିତ ବାଲେଶ୍ୱର ସହରର ଗଡ଼ଗଡ଼ିଆସ୍ଥିତ ବସ୍ ଷ୍ଟପେଜ ବା ଯାତ୍ରୀ ବିଶ୍ରାମଗାର ଆଜି ଉଦ୍‌ଘାଟିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଲାୟନ୍ସ କ୍ଲବ ଜିଲ୍ଲା ଗଭର୍ଣ୍ଣର ପ୍ରକାଶ ଜେନା, ପୂର୍ବତନ ସାଂସଦ ଇଂଜିନିୟର ରବୀନ୍ଦ୍ର କୁମାର ଜେନା ଓ ଗଡ଼ଗଡ଼ିଆ

▶▶ପୃଷ୍ଠା ୭

## ଚଣ୍ଡିଗଡରେ ବ୍ୟାଟେରି ସ୍ୱାପିଂ ସୁବିଧା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଲୋକାର୍ପିତ



ନୂଆଦିଲ୍ଲୀ/ଭୁବନେଶ୍ୱର,୨୬।୬ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସି ଯୋଗେ ଚଣ୍ଡିଗଡ ଠାରେ ବିଦ୍ୟୁତ ଚାଳିତ ଗାଡି ପାଇଁ ବ୍ୟାଟେରି ସ୍ୱାପିଂ ସୁବିଧା ଏବଂ କୁଇକ୍ ଇଂଟରଚେଞ୍ଜ୍ ଷ୍ଟେସନର ଲୋକାର୍ପଣ କରିଛନ୍ତି । ଏହି ଭର୍ଚୁଆଲ ଉତ୍ସ ବ କାର୍ଯ୍ୟକ୍ରମରେ ପଞ୍ଜାବର ରାଜ୍ୟପାଳ ଭି.ପି ସିଂହ ବଦନୋର ଉପସ୍ଥିତ ଥିଲେ । ଇଣ୍ଡିଆନ ଅଏଲ ଏବଂ ସନ୍ ମୋବିଲିଟିର ମିଳିତ ଉଦ୍ୟମରେ ଏହା ନିର୍ମାଣ ହୋଇଛି । ଏହି ଷ୍ଟେସନରେ ବିଦ୍ୟୁତଚାଳିତ ଗାଡିର ବ୍ୟାଟେରି ସରିଯାଇଥିଲେ ପୂର୍ବରୁ ଚାର୍ଜ ହୋଇଥିବା ବ୍ୟାଟେରିକୁ ବଦଳାଇ ଗ୍ରାହକମାନେ ଚାର୍ଜ ଥିବା ବ୍ୟାଟେରି ନେଇପାରିବେ । ପ୍ରଥମ ପର୍ଯ୍ୟାୟରେ ଚଣ୍ଡିଗଡ ଏବଂ ଅନ୍ୟ ୨୦ଟି ସ୍ଥାନରେ ଏହିଭଳି ଷ୍ଟେସନର ପ୍ରତିଷ୍ଠା କରାଯାଇଛି । ବିଦ୍ୟୁତଚାଳିତ ଗାଡିର ମେଣ୍ଟେନାନ୍ସର ଖର୍ଚ୍ଚକୁ ଏହା ଦ୍ୱାରା ହ୍ରାସ କରାଯାଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟ ଜଳବାୟୁ ପରିବର୍ତ୍ତନ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତିବଦ୍ଧ । ବ୍ୟାଟେରିଂ ସ୍ୱାପିଂ ସୁବିଧାର ଲୋକାର୍ପଣ ଏ ଦିଗରେ ବଡ ପଦକ୍ଷେପ ଏବଂ ଦେଶର ଅର୍ଥନୀତିକୁ ମଧ୍ୟ ବଢାଇବ ।

▶▶ପୃଷ୍ଠା ୭

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo